


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୮ ଅକ୍ଟୋବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 08 OCTOBER 2021

Vol.No. 32 ■ No. 257 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ୟୁପି ହିଂସା ଘଟଣା : ୨ ଜଣଙ୍କୁ ଗିରଫ କରିବା ସହ ମନ୍ତ୍ରୀଙ୍କ ପୁଅକୁ କରାଗଲା ସମନ



ନୂଆଦିଲ୍ଲୀ,୦୭/୦୯: ଲଖିମପୁର ହିଂସା ମାମଲାରେ ସୁପ୍ରିମକୋର୍ଟଙ୍କ କଡା ଆଭିମୁଖ୍ୟ ପରେ ଆକ୍ସନମୋଡକୁ ଆସିଛନ୍ତି ୟୁପି ସରକାର । ସୁପ୍ରିମକୋର୍ଟ, ନିଜ ଆଡୁ ମାମଲାକୁ ଗ୍ରହଣ କରି ଆଜି ଶୁଣାଣି କରିଥିଲେ । ଏବଂ ୟୁପି ସରକାରଙ୍କୁ ପ୍ରଶ୍ନ କରିଥିଲେ, ଏହି ମାମଲାରେ କାହା ବିରୋଧରେ ଅଭିଯୋଗ ଅଛି, କେତେ ଜଣଙ୍କୁ ଗିରଫ କରାଯାଇଛି ? ଏସବୁ ପ୍ରଶ୍ନର ଉତ୍ତର ଦେବା ପାଇଁ ଗୋଟିଏ ଦିନ ସମୟ ଦେଇଥିଲେ । ଆଉ ସୁପ୍ରିମକୋର୍ଟଙ୍କ ଏଭଳି ଆଭିମୁଖ୍ୟ ପରେ ତୁରନ୍ତ ଦୁଇ ଜଣଙ୍କୁ ଗିରଫ କରିଥିଲା ପୋଲିସ । ଏହାଛଡା କେନ୍ଦ୍ର ଗୃହରାଜ୍ୟ ମନ୍ତ୍ରୀ ଅଜୟ ମିଶ୍ରଙ୍କ ପୁଅ ଆଶିଷ ମିଶ୍ରଙ୍କୁ ସମନ କରାଯାଇଛି, କିନ୍ତୁ ଆଶିଷ ମିଶ୍ର ଫେରାର ଅଛନ୍ତି । ଲଖିମପୁର ହିଂସାକାଣ୍ଡରେ ସୁପ୍ରିମ ଶୁଣାଣି । ୟୁପି ସରକାରଙ୍କୁ ମାଗିଲେ ଷ୍ଟାଟସ ରିପୋର୍ଟ । ଉତ୍ତରପ୍ରଦେଶ ଲଖିମପୁର ହିଂସାକାଣ୍ଡ ଘଟଣାକୁ ନେଇ ସାରା ଦେଶରେ ଆଲୋଡନ ସୃଷ୍ଟି ହେବା ପରେ, ସୁପ୍ରିମକୋର୍ଟ ନିଜ ଆଡୁ ମାମଲା ରୁଜୁ କରି ଶୁଣାଣି କରିଛନ୍ତି । ହିଂସାକାଣ୍ଡ ମାମଲାରେ ଦୁଇ ଜଣ ଗିରଫ ହୋଇଛନ୍ତି । ଫେରାର କେନ୍ଦ୍ର ରାଜ୍ୟ-ଗୃହମନ୍ତ୍ରୀଙ୍କ ପୁଅ । ସୁପ୍ରିମକୋର୍ଟଙ୍କ ତାଗିଦ ପରେ ତୁରନ୍ତ ୟୁପି ପୋଲିସ ଆଶିଷ ପାଣ୍ଡେ ଓ ଲବ କୁଶ ନାମକ ଦୁଇ ଜଣ ଯୁବକଙ୍କୁ ଗିରଫ କରିଛି । ତେବେ କେନ୍ଦ୍ର ଗୃହରାଜ୍ୟମନ୍ତ୍ରୀ ଅଜୟ ମିଶ୍ରଙ୍କ ପୁଅ ଆଶିଷ୍ ମିଶ୍ରଙ୍କୁ ଧରି ପାରିନି ପୋଲିସ । ତାଙ୍କୁ ସମନ କରିବା ସହ ସେ ନିଖୋଜ ଥିବା ୟୁପି ପୋଲିସ କହିଛି । କିନ୍ତୁ ଆଶିଷ ହିଁ ଏହି ହିଂସାକାଣ୍ଡର ମୁଖ୍ୟ ଅଭିଯୁକ୍ତ ବୋଲି କୁହାଯାଉଛି । ଅଜୟ ମିଶ୍ର ହିଁ ଆନ୍ଦୋଳନରତ ଚାଷୀଙ୍କ ଉପରେ ଗାଡି ଚଢ଼ାଇ ମାରିଥିବା ଅଭିଯୋଗ ହୋଇଛି । ଅନ୍ୟପଟେ ହିଂସାକାଣ୍ଡକୁ ନେଇ ତେଜୁଛି ରାଜନୀତି । ମୃତକଙ୍କ ପରିବାରକୁ ରାହୁଲ ଗାନ୍ଧୀ, ପ୍ରିୟଙ୍କ ଗାନ୍ଧୀ ଭେଟିଛନ୍ତି । ଅଖିଳେଶ ଯାଦବ ବି ଲଖିମପୁର ଗସ୍ତ କରିଛନ୍ତି । ଉତରପ୍ରଦେଶ ଅଭିମୁଖେ ଶୋଭାଯାତ୍ରା କରିଛନ୍ତି ପଞ୍ଜାବ କଂଗ୍ରେସ ସଭାପତି ନବଜ୍ୟୋତ ସିଂହ ସିଦ୍ଧୁ । ଆଉ ମନ୍ତ୍ରୀ ଅଜୟ ମିଶ୍ରଙ୍କୁ ପଦରୁ ବହିଷ୍କାର କରିବା ସହ ତାଙ୍କ ପୁଅକୁ ଗିରଫ ପାଇଁ ଦାବି କରିଛନ୍ତି । ଲଖିମପୁରରେ ପ୍ରକୃତରେ କଣ ଘଟିଥିଲା ତାକୁ ନେଇ ଚର୍ଚ୍ଚା ଲାଗି ରହିଥିବାବେଳେ ଏକ ଭିଡିଓ ଟୁଇଟ୍ କରିଛନ୍ତି ବରିଷ୍ଠ ସାମ୍ବାଦିକ ରାଜଦୀପ ସରଦେଶାଇ । ଏହି ଭିଡିଓରେ ସ୍ପଷ୍ଟ ଦେଖାଯାଉଛି ଚାଷୀ ଆନ୍ଦୋଳନ କରୁଥିବାବେଳେ ଏକ ଜିପ୍ ପଛପଟୁ ଆସୁଛି ଆଉ ସେମାନଙ୍କ ଉପରେ ମାଡି ଯାଉଛି । ଆଉ ଗାଡି ତଳେ ଚାପି ହୋଇଯାଉଛନ୍ତି କିଛି ଆନ୍ଦୋଳନକାରୀ । ଗାଡି ମାଡିଯିବାରୁ ୪ ଚାଷୀଙ୍କର ମୃତ୍ୟୁ ଘଟିଛି । ପରବର୍ତ୍ତୀ ହିଂସାରେ ଆଉ ଚାରି ଜଣଙ୍କ ସମେତ ଜଣେ ସାମ୍ବାଦିକଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି ।

## ମିଳିଲାନି ବେଲ୍ : ଜେଲ ଗଲେ ଶାହରୁଖ ଖାନଙ୍କ ପୁଅ ଆରୟନ ଖାନ୍



ନୂଆଦିଲ୍ଲୀ,୦୭/୦୯: ଆଜି ଶାହାରୁଖ ଖାନଙ୍କ ପୁଅ ଆରୟନ ଖାନଙ୍କ ବେଲ ନାମଞ୍ଜୁର ହୋଇଛି । ଫଳରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଆରୟନ ଖାନଙ୍କ ସହ ଅନ୍ୟ ଅଭିଯୁକ୍ତ ମାନଙ୍କୁ ମଧ୍ୟ ହାଜତକୁ ପଠାଇ ଦିଆଯାଇଛି । ଆସନ୍ତାକାଲି ଆରୟନ ଖାନଙ୍କ ବେଲ ଆବେଦନ ଉପରେ ଶୁଣାଣି କରିବେ କୋର୍ଟ । କ୍ରୁଜରେ ଡ୍ରଗ୍ସ ପାର୍ଟି କରୁଥିବା ବେଳେ ଧରାପଡିଥିଲେ ଆରୟନ । ରେଭ୍ ପାର୍ଟିରୁ ଆରୟନଙ୍କୁ ଗିରଫ କରାଯିବା ପରେ ପ୍ରଥମେ ଗୋଟିଏ ଦିନ ପାଇଁ ନିଜ ହେପାଜତକୁ ନେଇଥିଲା ଏନ୍ସିବି । କୋର୍ଟରେ ହାଜର ହେବା ପରେ ୭ ଅକ୍ଟୋବର ପର୍ଯ୍ୟନ୍ତ ପୁଣି ଏନ୍ସିବି ହେପାଜତକୁ ପଠାଇ ଦିଆଯାଇଥିଲା । ସେ ବିଦେଶୀ ଡ୍ରଗ୍ସ ପେଡଲରଙ୍କ ସଂପର୍କରେ ଥିବା ତାଙ୍କ ହ୍ୱାଟ୍ସଆପ୍ ଚାଟ୍ରୁ ଖୁଲାସା ହୋଇଥିବା କୋର୍ଟକୁ ଜଣାଇଛି ଏନ୍ସିବି । ଆମେରିକା ଓ କାଲିଫର୍ଣ୍ଣିଆ ୟୁନିଭରସିଟିରେ ପଢୁଥିବା ବେଳେ ସେ ଡ୍ରଗ୍ସ ସେବନ କରୁଥିବା ଏନ୍ସିବି କୋର୍ଟକୁ କହିଛି । ସେପଟେ ବିଦେଶୀ ଲିଙ୍କ ମାମଲାର ଗୁମର ଖୋଲିବ ଏନ୍ସିବି । ଗତକାଲି ରାତିରେ ଜଣେ ବିଦେଶୀ ନାଗରିକଙ୍କୁ ଗିରଫ କରିଛି ଏନ୍ସିବି । ତାଙ୍କ ନିକଟରୁ ବିପୁଳ ମାତ୍ରାରେ ନିଶାଦ୍ରବ୍ୟ ଜବତ କରାଯାଇଛି । ଏହାକୁ ମିଶାଇ ଡ୍ରଗ୍ସ କେସ୍ ମାମଲାରେ ଗିରଫ ସଂଖ୍ୟା ୧୮ରେ ପହଂଚିଛି ।

### ଲଖିମପୁର ହିଂସାକୁ ନେଇ ଜାରି ରହିଛି ରାଜନୀତି

## ରାହୁଲ, ପ୍ରିୟଙ୍କାଙ୍କ ପରେ ଲଖିମପୁର ଅଭିମୁଖେ ନବଜୋତ ସିଂହ ସିଦ୍ଧୁ



ନୂଆଦିଲ୍ଲୀ,୦୭/୦୯: ଶେଷରେ ଲଖିମପୁର ଖେରିରେ ପହଁଚିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା । ଲଖିମପୁରରେ ପହଁଚି ହିସାଂକାଣ୍ଡରେ ମୃତକଙ୍କ ପରିବାରକୁ ଭେଟିଛନ୍ତି କଂଗ୍ରେସର ପୂର୍ବତନ ଅଧକ୍ଷ ରାହୁଲ ଗାନ୍ଧୀ ଓ ଭଉଣୀ ପ୍ରିୟଙ୍କା ଗାନ୍ଧୀଙ୍କ ସମେତ କଂଗ୍ରେସର ୫ ଜଣିଆ ପ୍ରତିନିଧି ମଣ୍ଡଳି । ବିକ୍ଷୋଭ ପ୍ରଦର୍ଶନ କରୁଥିବା କୃଷକଙ୍କ ଉପରେ କେନ୍ଦ୍ରମନ୍ତ୍ରୀଙ୍କ ଗାଡି ମଡାଇଦେବା ଘଟଣାରେ ମୃତ ଚାଷୀଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି ରାହୁଲ ଗାନ୍ଧୀ । ପୂର୍ବତନ କଂଗ୍ରେସ ଅଧକ୍ଷ ରାହୁଲଙ୍କ ସହ ୟୁପି କଂଗ୍ରେସ ପ୍ରଭାରୀ ପ୍ରିୟଙ୍କା ଗାନ୍ଧୀ, ପଂଜାବର ମୁଖ୍ୟମନ୍ତ୍ରୀ ଚରଣଜିତ ସିଂହ ଚନ୍ନି, ଛତିଶଗଡ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ. ସାଂସଦ ଦିପେନ୍ଦ୍ର ହୁଡ୍ଡା, ବରିଷ୍ଠ କଂଗ୍ରେସ ନେତା ରଣଦୀପ ସୂର୍ଯ୍ୟେବାଲା ମୃତ ଚାଷୀଙ୍କ ପରିବାରକୁ ଭେଟିଛନ୍ତି । ଗତ ରବିବାର ଲଖିମପୁର ଖେରିରେ ହିଂସାକାଣ୍ଡ ପରେ ମୃତ ଚାଷୀଙ୍କ ପରିବାର ଲୋକଙ୍କୁ ଭେଟିବାକୁ ଯାଇଥିବା ପ୍ରିୟଙ୍କାଙ୍କୁ ଅଟକ ରଖିଥିଲେ ୟୁପି ପୋଲିସ । ସୀତାପୁର ଗେଷ୍ଟ ହାଉସ୍ରେ ୨ ଦିନ ଧରି ବନ୍ଦୀ କରି ରଖାଯାଇଥିଲା । ଏହାପରେ ରାହୁଲ ଗାନ୍ଧୀ ଏବଂ ଛତିଶଗଡ, ପଂଜାବ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ମୃତ ଚାଷୀଙ୍କ ପରିବାରକୁ ଭେଟିବା ପାଇଁ ୟୁପି ସରକାର ଅନୁମତି ଦେଇନଥିଲେ । କିନ୍ତୁ ଏହାକୁ ନେଇ ବିରୋଧ ତେଜୁଥିବା ଦେଖି ଯୋଗୀ ସରକାରଙ୍କୁ ନିଜ ନିଷ୍ପତିରୁ ଓହରିବାକୁ ପଡିଥିଲା । ଆଉ ଶେଷରେ ପ୍ରୟଙ୍କା, ରାହୁଲଙ୍କୁ ଲଖିମପୁର ଗସ୍ତ କରିବାକୁ ଅନୁମତି ମିଳିଥିଲା । ଏମାନଙ୍କ ପରେ ସମାଜବାଦୀ ପାର୍ଟି ନେତା ଅଖିଳେଷ ଯାଦବ ମଧ ଲଖିମପୁର ଖେରି ଗସ୍ତ କରି ମୃତଙ୍କ ପରିବାରକୁ ଭେଟିଛନ୍ତି । ସେପଟେ ପଂଜାବ କଂଗ୍ରେସ ନେତା ନବଜୋତ ସିଂହ ସିଦ୍ଧୁ ମଧ ମାର୍ଚ୍ଚ କରି ଲଖିମପୁର ଖେରି ଅଭିମୁଖେ ନିଜ ଯାତ୍ରା ଜାରି ରଖିଛନ୍ତି । ଆଗକୁ ଆଉ କିଛି ହିଂସାକାଣ୍ଡ କି ଦଙ୍ଗା ଭଳି ପରିସ୍ଥିତି ନ ହେଉ ସେଥିପାଇଁ ଏବେ ଲଖିମପୁରରେ ପ୍ରଶାସନ ତରଫରୁ ଇଂଟରନେଟ ସେବା ବନ୍ଦ ରହିଛି ।

## ବ୍ରହ୍ମଗିରିରେ ସ୍ମାର୍ଟ ହେଲ୍ଥ କାର୍ଡ ବଂଟନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ


ଭୁବନେଶ୍ୱର,୦୭/୦୯ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଅପରାହ୍ନରେ ବ୍ରହ୍ମଗିରି ଠାରେ ପୁରୀ ଜିଲ୍ଲା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍ଥ କାର୍ଡ ବଂଟନର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାର ୩ ଲକ୍ଷ ୬୪ ହଜାର ଲୋକ ଏହି ସୁବିଧା ପାଇବେ । ପୂର୍ବରୁ ମାଲକାନଗିର, ସୁନ୍ଦରଗଡ, ବଲାଙ୍ଗୀର, ଗଜପତି ରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହାଦ୍ୱାରା ହିତାଧିକାରୀ ମାନେ ବିନା ଖର୍ଚ୍ଚରେ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଉଛନ୍ତି। ଏହି ଅବସରରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୁରୀ ଜିଲ୍ଲାର ଜନସାଧାରଣ ଆମର ବିକାଶ କାର୍ଯ୍ୟକ୍ରମକୁ ସବୁବେଳେ ଦୃଢ ସମର୍ଥନ ଦେଇ ସରକାରଙ୍କ ହାତମୁଠାରୁ ଟାଣ କରିଛନ୍ତି। ସେଥିପାଇ ପୁରୀବାସୀଙ୍କୁ ଧନ୍ୟବାଦ ଦେବା ସହିତ ଜିଲ୍ଲାବାସୀଙ୍କ ସ୍ନେହ ଓ ଆଦରକୁ ପାଥେୟ କରି ବିକାଶ କାର୍ଯ୍ୟକ୍ରମକୁ ଆହୁରି ଆଗକୁ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଏବେ ପୁରୀର ଜନସାଧାରଣ ଟ୍ୟାପ୍ ରୁ ସିଧାସଳଖ ଫିଲଟର ମାନର ପାଣି ପାଇପାରୁଛନ୍ତି। ଏଭଳି ସୁବିଧା ପାଇବାରେ ପୁରୀ ହେଉଛି ସାରା ଦେଶରେ ପ୍ରଥମ ଏବଂ ପୁରୀବାସୀ ଲଣ୍ଡନ, ନିଉୟର୍କ ଭଳି ସହରର ଲୋକଙ୍କ ଭଳି ସୁବିଧା ପାଉଛନ୍ତି ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ତାଙ୍କ ପାଇଁ ପ୍ରତିଟି ଜୀବନ ମୂଲ୍ୟବାନ। ଚାଷୀ ହେଉ ବା ମୂଲିଆ ବା ରିକ୍ସା ବାଲା - ସମସ୍ତେ ▶▶ପୃଷ୍ଠା ୭

## ଦୁଇଟି ଲଘୁଚାପ ମିଶି ବଢାଇବେ ଶକ୍ତି : ଦଶହରା ପରେ ପରେ ଉପକୂଳରେ ହୋଇପାରେ ମାଡ



ଭୁବନେଶ୍ୱର,୦୭/୦୯(ନି.ପ୍ର): ଦଶହରାର ଠିକ୍ ପରେ ପରେ ମାଡ ହୋଇପାରେ ବାତ୍ୟା । ୧୦ ତାରିଖରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେଉଛି । ଏହା ଅଧିକ ଘନିଭୂତ ହୋଇ ବାତ୍ୟାର ରୂପ ନେବା ଆଶଙ୍କା କରାଯାଉଛି । ସେପଟେ ଦକ୍ଷିଣ ଚୀନ ସାଗରରେ ମଧ ଏକ ଲଘୁଚାପ ଦାନା ବାନ୍ଧୁଛି । ଏହା ମଧ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ସହ ମିଶିଯାଇପାରେ । ଦୁଇଟି ଲଘୁଚାପ ମିଶିଗଲେ ଏହା ଅଧିକ ଶକ୍ତିଶାଳୀ ହେବ । ଏବଂ ଭୀଷଣ ସାମୁଦ୍ରିକ ଝଡ଼ର ରୂପ ନେବା ସମ୍ଭାବନା ରହିଛି । ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି । ଭାରତୀୟ ପାଣିପାଗ ବିଭାଗର ଆକଳନ, ଉତ୍ତର ଆଣ୍ଡାମାନ ସାଗରରେ ୧୦ ତାରିଖରେ ଲଘୁଚାପ ସୃଷ୍ଟି ହୋଇ ଏହା କ୍ରମେ ଅଧିକ ଘନିଭୂତ ହୋଇ ଉତ୍ତର-ପଶ୍ଚିମ ଅଭିମୁଖେ ଗତି କରିବ । ୧୦ରେ ଉତ୍ତର ଆଣ୍ଡାମାନ ସାଗରରେ ଲଘୁଚାପ । ବାତ୍ୟା ପାଇଁ ଅନୁକୂଳ ହେଉଛି ପାଣିପାଗ । କେନ୍ଦ୍ରୀୟ ଓ ଦକ୍ଷିଣ ବଙ୍ଗୋପସାଗରରେ ସମୁଦ୍ର ପତନ ତାପମାତ୍ରା ଓ ଉପର ବାୟୁମଣ୍ଡଳର ସ୍ଥିତି ଏମିତି ହୋଇଛି ଯେ ଲଘୁଚାପ ଅଧିକ ଘନିଭୂତ ହୋଇ ସାମୁଦ୍ରିକ ଝଡ଼ ସୃଷ୍ଟି ହେବାର ଆଶଙ୍କା ବଢ଼ିଯାଇଛି । ସୋଆ ଜଳବାୟୁ ଓ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଶରତ ସାହୁଙ୍କ ଆକଳନ ହେଉଛି, ସମାନ୍ତରାଳ ଭାବେ ଦକ୍ଷିଣ ଚୀନ ସାଗରରେ ମଧ ଏକ ଲଘୁଚାପ ସୃଷ୍ଟି ହେବା ଆଶଙ୍କା ରହିଛି । ଏଠାରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି । ଏହା ଘନିଭୂତ ହୋଇ ମିଆଁମାର, କାମ୍ବୋଡିଆ, ଥାଇଲାଣ୍ଡ ଉପସାଗର ଅତିକ୍ରମ କରି ଦକ୍ଷିଣ ବଙ୍ଗୋପସାଗରରେ ମୁହାଁ ହେବ । ବଙ୍ଗୋପସାଗର ଓ ଦକ୍ଷିଣ ଚୀନ ସାଗରରେ ସୃଷ୍ଟି ହେଉଥିବା ଲଘୁଚାପ ମିଶିଗଲେ, ଏହା ଅଧିକ ଶକ୍ତିଶାଳୀ ହେବା ଆଶଙ୍କା ରହିଛି । ଯେହେତୁ ସମୁଦ୍ର ଭିତରର ସ୍ଥିତି ଅନୁକୂଳ ରହିଛି, ତେଣୁ ଏହା ଅଧିକ ଘନିଭୂତ ହେବା ସମ୍ଭାବନା ବଢ଼ିଯାଇଛି । ସମୁଦ୍ର ଭିତରେ ଲଘୁଚାପ ୪-୫ଦିନ ରହୁଥିବାରୁ ଏହା ବାତ୍ୟାର ରୂପ ନେଇପାରେ । ଯଦି ବାତ୍ୟାର ରୂପ ନେବ, ତେବେ ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଭିତରେ ବାତ୍ୟା ମାଡ ହେବା ଆଶଙ୍କା ରହିଛି ।

## ସାହିତ୍ୟ କ୍ଷେତ୍ରରେ ନୋବେଲ ପାଇବେ ଅବଦୁଲ ରଜାକ୍



ନୂଆଦିଲ୍ଲୀ,୦୭/୦୯: ଚଳିତ ବର୍ଷ ସାହିତ୍ୟ କ୍ଷେତ୍ରରେ ଗୁରୁବାର ନୋବେଲ ପୁରସ୍କାର ଘୋଷଣା କରାଯାଇଛି। ତାଞ୍ଜାନିଆର ପ୍ରଖ୍ୟାତ ଔପନ୍ୟାଶିକ ଅବଦୁଲ ରଜାକ୍ ଗୁରନାହ ଏହି ସମ୍ମାନଜନକ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସ୍ୱେଡିଶ ଏକାଡେମି ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି। ପିଲା ବେଳୁ ଜଞ୍ଜିବାର ଦ୍ୱୀପରେ ବଢ଼ିଥିଲେ ଅବଦୁଲ ରଜାକ୍ । ପିଲାବେଳୁ ଯନ୍ତ୍ରଣାସିକ୍ତ ଜୀବନ ଆରମ୍ଭ କରିଥିବା ଅବଦୁଲ ରଜାକ୍ ୧୯୬୦ରେ ଶରଣାର୍ଥୀ ଭାବେ ଇଂଲଣ୍ଡରେ ପହଞ୍ଚିଥିଲେ । ଗଲଫ୍ ଏବଂ ସଭ୍ୟ ରାଷ୍ଟ୍ରଙ୍କ ମଧ୍ୟରେ ଶଢୁଥିବା ରିଫ୍ୟୁଜିମାନଙ୍କର ଦୁର୍ଦ୍ଦଶାକୁ ନେଇ ସେ ଲେଖିଥିବା ଉପନ୍ୟାସଟି ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚତ ହୋଇଛି। ସେହିପରି ରିଫ୍ୟୁଜିମାନଙ୍କ ଉପରେ ଉପନିବେଶବାଦର ନିର୍ଦ୍ଦୟ ଅତ୍ୟାଚାରକୁ ନେଇ ସେ ତାଙ୍କ ଉପନ୍ୟାସରେ ନିଖୁଣ ଭାବରେ ଉପସ୍ଥାପନ କରିଛନ୍ତି। ଏହି ପୁରସ୍କାର ବାବଦରେ ୧୦ ମିଲିୟନ ସ୍ୱିଡେନ କ୍ରାଉନ୍ସ ମିଳିବ। ୭୩ ବର୍ଷର ଅବଦୁଲ ରଜାକ୍ ୧୦ରୁ ଊର୍ଦ୍ଧ୍ୱ ଉପନ୍ୟାସ ଲେଖିଛନ୍ତି। ଯେଉଁଥିରେ ପ୍ରସିଦ୍ଧ 'ପାରାଡାଇଜ୍' ସାମିଲ ଅଛି। ୧୯୪୮ ମସିହାରେ ଜଞ୍ଜିବାର୍ ଦ୍ୱୀପରେ ଜନ୍ମ ହୋଇଥିବା ଅବଦୁଲ ରଜାକ୍ ୧୯୬୦ ଦଶକରେ ଶରଣାର୍ଥୀ ଭାବରେ ଇଂଲଣ୍ଡରେ ପହଞ୍ଚିଥିଲେ। ସେ କେଣ୍ଟର୍ବେରୀ କେଣ୍ଟ ୟୁନିଭରସିଟିରେ ଇଂରାଜୀ ଏବଂ ପୋଷ୍ଟକଲୋନିଅଲ୍ ସାହିତ୍ୟର ପ୍ରଫେସର ଥିଲେ।


## ଶ୍ରୀନଗରରେ ଆତଙ୍କୀ ହମଲା: ସ୍କୁଲରେ ପଶି ପ୍ରିନ୍ସିପାଲ ଓ ଶିକ୍ଷକଙ୍କୁ ଗୁଳି କରି ହତ୍ୟା

ନୂଆଦିଲ୍ଲୀ,୦୭/୦୯: ପୁଣି ଶ୍ରୀନଗରରେ ଆତଙ୍କବାଦୀ ଆକ୍ରମଣ । ଆଉ ଏଥର ଏକ ସ୍କୁଲ ଉପରେ ଆକ୍ରମଣ କରିଛନ୍ତି ଆତଙ୍କୀ । ଯେଉଁଥିରେ ୨ ଜଣ ସ୍କୁଲ ଶୀକ୍ଷକ ପ୍ରାଣ ହରାଇଛନ୍ତି । ୪୮ ଘଂଟା ମଧ୍ୟରେ ଆତଙ୍କବାଦୀଙ୍କ ଦ୍ୱାରା ଦୁଇ ଦୁଇ ଥର ଆକ୍ରମଣ ହେଲାଣି । ଆଉ ଏଥର ସାଧାରଣ ଜନତାଙ୍କୁ ଟାର୍ଗେଟ କରିଛନ୍ତି ଆତଙ୍କୀ । ଜମ୍ମୁ କାଶ୍ମୀର, ଶ୍ରୀନଗରରେ ଆଉ ଏକ ଆତଙ୍କବାଦୀ ଆକ୍ରମଣ । ଏଥର ଏକ ସ୍କୁଲକୁ ଟାର୍ଗେଟ କରାଯାଇଛି । ଆତଙ୍କବାଦୀମାନେ ସ୍କୁଲରେ ପଶି ଦୁଇଜଣ ଶିକ୍ଷକଙ୍କୁ ହତ୍ୟା କରିଛନ୍ତି । ମୃତକ ଦୁଇଜଣ ହେଲେ ଇଦଘା ଅଂଚଳରେ ଥିବା ସରକାରି ସ୍କୁଲରେ ପ୍ରିନ୍ସିପାଲ ଓ ଶିକ୍ଷକ । ▶▶ପୃଷ୍ଠା ୭

## ପରିବା ବଜାରକୁ ଯିବାକୁ ଲାଗୁଛି ଡର : ଡାଲି ତେଲ ବି ବଢାଇଲା ଚିନ୍ତା

ଭୁବନେଶ୍ୱର,୦୭/୦୯(ନି.ପ୍ର): ମହଙ୍ଗା ମାଡରେ କଲବଲ ହେଲେଣି ମଧବିତ । ତେଲ ଓ ରୋଷେଇ ଗ୍ୟାସ ଦର ପରେ ଏବେ ପରିବା ଦର ହୋଇଛି ଆକାଶଛୁଆଁ । ସେପଟେ ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ଡିଜେଲ ଲିଟର ପିଛା ଦର ଶହେ ଟପିଛି । ଆଗକୁ ଆହୁରି ୨ ଟଙ୍କା ବଢିବା ନେଇ ଆକଳନ କରାଯାଉଛି । କରୋନା କାଳରେ ଲୋକଙ୍କ ଅର୍ଥନୀତି ଦୋହଲି ଯାଇଥିବାବେଳେ ଚିନ୍ତା ବଢାଇଛି ମହଙ୍ଗା ମାଡ । ବଜାରକୁ ପରିବା କିଣିବାକୁ ଗଲେ ନାକେଦମ ହେଉଛନ୍ତି ଗ୍ରାହକ । ପରିବା ଦର ଶୁଣିଲେ ଉଡିଯାଉଛି ହୋସ । ପିଆଜ କିଣିଲା ବେଳକୁ ବି ଆଖିରୁ ଲୁହ ବାହାରି ▶▶ପୃଷ୍ଠା ୭

## ଆଗାମୀ ୩ ମାସ ସତର୍କ ରହିବାକୁ ପରାମର୍ଶ ଦେଲେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ



ଭୁବନେଶ୍ୱର,୦୭/୦୯(ନି.ପ୍ର): କରୋନା ପାଇଁ ଆଗକୁ ସତର୍କ ରହିବାକୁ ପରାମର୍ଶ ଦେଲେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ । ସାମ୍ବାଦିକ ସମ୍ମିଳନୀ ଜରିଆରେ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ସଚିବ ଲବ ଅଗ୍ରୱାଲ କହିଲେ ଏବେ ୩ମାସ ବେଶ ଗୁରୁତ୍ୱପୂର୍ଣ୍ଣ । ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ମାସ ଆମରୁ ସତର୍କ ରହିବାକୁ ପଡିବ । ଆମକୁ ଜଗି ରଖି ଚଳିବାକୁ ପଡିବ । ସ୍ୱାସ୍ଥ୍ୟ ସଚିବ ଆହୁରି ମଧ କହିଛନ୍ତି ଦେଶରେ କରୋନାର ୨ୟ ଲହର ଶେଷ ହୋଇ ନାହିଁ । ଏବେ ବି କରୋନା ସଂକ୍ରମଣ ୨୦ ହଜାର ଭିତରେ ରହୁଛି ।

## ଭୁବନେଶ୍ୱରର ଯେଉଁ ସ୍ଥାନରେ ସଂକ୍ରମଣ ବଢିବ ସେଠି ମାଇକ୍ରୋ କଣ୍ଟେନମେଣ୍ଟ ଜୋନ କରାଯିବ: ଡିଏମଇଟି

ଭୁବନେଶ୍ୱର,୦୭/୦୯ (ନି.ପ୍ର): ଭୁବନେଶ୍ୱରର ଯେଉଁ ସ୍ଥାନରେ ସଂକ୍ରମଣ ବଢିବ ସେଠି ମାଇକ୍ରୋ କଂଟେନମେଂଟ ଜୋନ କରାଯିବ। ଡିଏମଇଟି ସିବିକେ ମହାନ୍ତି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପୂର୍ବରୁ କିଛି ଜାଗାରେ ସଂକ୍ରମଣ ବଢିବା ପାଇଁ, ଲୋକଙ୍କ ହିତ ଦୃଷ୍ଟିରୁ କଂଟେନମେଂଟ ଜୋନ କରାଯାଇଥିଲା। ୭ ଦିନ ହେଲାଣି ସଂକ୍ରମଣ ଉପର ତଳ ହେଉଛି। ମାତ୍ର ଭୁବନେଶ୍ୱରରେ କିଛି ସଂକ୍ରମଣ ବଢିଛି। ସଂକ୍ରମଣ ବୃଦ୍ଧି ଲୋକମାନଙ୍କ ଚାଲିଚଳନ ଓ ଆଚରଣ ଉପରେ ନିର୍ଭର କରୁଛି।

# ଫୁଲବାଣୀ ଏଫ୍‌ସିଆଇ ଗୋଦାମ ଶ୍ରମିକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

କନ୍ଧମାଳ,୭/୧୦ (ନି.ପ୍ର): ବିଭିନ୍ନ ଦାବୀ ପୂରଣ ନେଇ ଫୁଲବାଣୀ ଏଫସିଆଇର ଶ୍ରମିକ ସଂଗଠନ ପକ୍ଷରୁ ଏଫଆଇ ଗୋଦାମ ସମ୍ମୁଖରେ ଧାରଣା ଦିଆଯାଇଛି । ଏହି ଶ୍ରମିକ ମାନେ ବିଭିନ୍ନ ବ୍ଲକ ଓ ପଂଚାୟତକୁ ଏଠାରୁ ଯାଉଥିବା ଚାଉଳ ସବୁ ଲୋଡିଙ୍ଗ ଆଉ ଅନ ଲୋଡିଙ୍ଗ କରି ଦୁଇ ପଇସା ରୋଜ଼ଗାର କରିଥାନ୍ତି । ଏଥିରେ ସେମାନଙ୍କ ପରିବାର ଚଳେ । ଏହି ଶ୍ରମିକ ମାନେ ବର୍ତ୍ତମାନ ଜିଲ୍ଲାର ୮ ଗୋଟି ବ୍ଲକର ଚାଉଳ ଲୋଡିଙ୍ଗ କରୁଥିଲେ । ଏବେ ଦୁଇଟା ବ୍ଲକର ଚାଉଳକୁ ଜିଲ୍ଲାର କ. ନୂଆଗାଁ ଠାରେ ଥିବା ଏକ ବେସରକାରୀ ଗୋଦାମ ଅଧୀନକୁ ନେଇଯିବା ଫଳରେ ସେମାନଙ୍କ ଜୀବିକା ବିପନ୍ନ ହୋଇପଡିଥିବା ସଂଗଠନ ସଭାପତି କେଶବ ଚନ୍ଦ୍ର ଡିଗାଲ ଓ ସମ୍ପାଦକ ଦଶରଥ ସାହୁ କହିଛନ୍ତି।

ଏହି ଦୁଇ ବ୍ଲକ ଏଠାରୁ ନ ନେବାକୁ ଦାବୀ କରି ଗତ ସୋମବାର ଠାରୁ ସଂଗଠନ ପକ୍ଷରୁ ଧାରଣା ଦିଆଯାଇଛି । ପୂର୍ବଅବସ୍ଥାକୁ ଫେରାଇ ନ ଆଣିବା ଯାଏ ଏହି ଧାରଣା ଚାଲୁରହିବ ବୋଲି ସମ୍ପାଦକ ଶ୍ରୀ ସାହୁ ସୂଚନା ଦେଇଛନ୍ତି । କିଛି ବେସରକାରୀ ଗୋଦାମ ମାଲିକ ଚଂଚକତା କରି ଉପର ସ୍ତରରେ ହାତ କରି ଦୁଇଟି ବ୍ଲକକୁ କ. ନୂଆଗାଁ ଅଂଚଳକୁ ନେଇଯାଇଥିବା ଅଭିଯୋଗ କରିଛି ସଂଘ । ଏଣୁ ଯୋଗାଣ ବିଭାଗ କର୍ତ୍ତୃପକ୍ଷ ଏହାର ପୁନଃବିଚାର କରିବାକୁ ଦାବୀ କରିଛି ସଂଗଠନ ।

# ସମାଜସେବୀ ନିଶାମଣୀ ମିଶ୍ରଙ୍କ ଦେହାନ୍ତ

ବେଗୁନିଆ,୭/୧୦ (ନି.ପ୍ର): କଂଟାବାଡ଼ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନୀଳକଣ୍ଠ ମିଶ୍ରଙ୍କ ସହଧର୍ମିଣୀ ସମାଜସେବୀ ନିଶାମଣୀ ମିଶ୍ରଙ୍କ ଗତକାଲି ରାତି ୧୨.୦୩ ମିନିଟ୍ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଯାଇଛି। ସ୍ୱର୍ଗତା ମିଶ୍ର ଜଣେ ପରୋପକାରୀ, ସ୍ନେହୀ, ସାହାଯ୍ୟକାରୀ ମହିଳା ଥିଲେ। ବିଶେଷ କରି କଂଟାବାଡ଼ ଗ୍ରାମରେ ଉ.ପ୍ରା. ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପ୍ରତିଷ୍ଠା କ୍ଷେତ୍ରରେ ତାଙ୍କର ସାହାଯ୍ୟ, ସହଯୋଗ ଅତୁଳନୀୟ। ୧୯୬୫ ମସିହାରେ ନୀଳକଣ୍ଠ ସରକାରୀ ଉଚ୍ଚବିଦ୍ୟାଳୟ ପ୍ରତିଷ୍ଠା ପାଇଁ ନିଜର ୭ ଏକର ପୈତୃକ ସମ୍ପତି ବିଦ୍ୟାଳୟକୁ ପ୍ରଦାନ କରିବା, ସରକାରଙ୍କ 'ମୋ ସ୍କୁଲ' କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଟ. ୧୦,୦୦,୦୦୦/-ର ଅନୁଦାନ ଦେବା, ଗ୍ରାମାଂଚଳ ଛାତ୍ର/ ଛାତ୍ରୀମାନଙ୍କୁ ମାଗଣା ପୋଷାକ, ପଢ଼ିବା ପାଇଁ ବହିପତ୍ର ଯୋଗାଇବା, ସର୍ବୋପରି ରାଜ୍ୟର ଅନାଥ ପିଲାମାନଙ୍କୁ ସାହାଯ୍ୟ ସହଯୋଗ ଓ ବୃଦ୍ଧାଶ୍ରମକୁ କମ୍ବଳ ଓ ଖାଦ୍ୟ ସାମଗ୍ରୀ ବଂଟନ କରି ଜଣେ ସ୍ୱାଭିମାନୀ ଚିନ୍ତାଶୀଳ ମହିଳା ହିସାବରେ ପରିଚିତ ଥିଲେ। ନିଜର ଏଭଳି ସମାଜସେବା କାର୍ଯ୍ୟ ପାଇଁ ରାଜ୍ୟର ବିଭିନ୍ନ ଅନୁଷ୍ଠାନରୁ ମଦର ଟେରେସା, କସ୍ତୁରବା ନାରୀ ସମ୍ମାନ ଆଦିରେ ସମ୍ମାନିତା ଥିଲେ ସ୍ୱର୍ଗତା ମିଶ୍ର। ସମାଜସେବା ବ୍ୟତୀତ ଅନେକ ଭଜନ, ଜଣାଣ, ଲୋକଗୀତ ମଧ୍ୟ ରଚନା କରି ନିଜର ଅଭୁଲା ସ୍ମୃତିକୁ ଛାଡ଼ିଯାଇଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ୬ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ ଉପସ୍ଥିତ ଥିଲେ। ତୃତୀୟ ପୁତ୍ର ସମାଜସେବୀ ତଥା ବିଶିଷ୍ଟ ଶିଳ୍ପପତି ଶିବନାରାୟଣ ମିଶ୍ର ମୁଖାଗ୍ନି ଦେଇଥିଲେ।

# ହାତିବନ୍ଧା ଗାୟତ୍ରୀ ପ୍ରଜ୍ଞା ପୀଠରେ ଶ୍ରାଦ୍ଧତର୍ପଣ କାର୍ଯ୍ୟକ୍ରମ

ନୂଆପଡ଼ା,୭/୧୦ (ନି.ପ୍ର): ପାଳିତ ହେଉଛି ପବିତ୍ର ମହାଳୟା। ଏହି ଦିନରେ ପିତୃ ପୁରୁଷଙ୍କୁ ପିଣ୍ଡ ଦାନ କରାଯାଏ। ଏହି ଦିନ ରେ ପିଣ୍ଡ ଦାନ କଲେ ଅମର ଆତ୍ମା ର ସଦଗତି ହୋଇଥାଏ। ଏହି ପରମ୍ପରା ଓଡିଆ ସମାଜରେ ରହିଛି। ଏହି ପରମ୍ପରା ଅନୁସାରେ ଆଜି ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ହାତିବନ୍ଧା ଗାୟତ୍ରୀ ପ୍ରଜ୍ଞା ପିଠରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ତରଫରୁ ପବିତ୍ର ମହଳୟା ଅମାବାସ୍ୟା ଅବସରରେ ଶ୍ରାଦ୍ଧ ତର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହାତିବନ୍ଧା ପଂଚାୟତ ସମେତ ଅନେକ ଗାଁ ଗଣ୍ଡା ର ଲୋକେ ଗ୍ରାମର ଲୋକ ଆସି ନିଜର ପିତୃ ତର୍ପଣ ଓ ପିଣ୍ଡଦାନ କରିଥିଲେ।ଏହି କର୍ମକାଣ୍ଡ ସଂଚାଳନରେ ଶ୍ରୀନାମଦ୍ୱେ ଯାଦବ ଓ ମୀନକେତନ ଧୀବର ଦାୟିତ୍ୱ ନିର୍ବାହ କରିଥିଲେ।

# ନବନିର୍ମିତ ବିଶ୍ରାମ ଗୃହ ଉଦ୍‌ଘାଟିତ

ମାଲକାନଗିରି,୭/୧୦ (ନି.ପ୍ର): ମାଲକାନଗିରି ସ୍ୱତନ୍ତ୍ର ବିକାଶ ପରିଷଦ ଆନୁକୁଲ୍ୟରେ ମାଲକାନଗିରି ଭୈରବ ମନ୍ଦିର ପ୍ରାଙ୍ଗଣରେ ନବ ନିର୍ମିତ ବିଶ୍ରାମ ଗୃହ ମାନ୍ୟବର ମାଲକାନଗିରି ପୂର୍ବତନ ବିଧାୟକ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶୁଭ ଉଦଘାଟନ କରିଛନ୍ତି । ଏହି ଅବସରରେ ପଂଚାୟତ ସମିତି ଅଧ୍ୟକ୍ଷ ଅକ୍ଷୟ କୁମାର ନାୟକ ସଭା ପରିଚାଳନା କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ପ୍ରଧାନ,ବରିଷ୍ଠ ଆଇନଜୀବୀ ତଥା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ଗୋପାଳ କୃଷ୍ଣ ପଣ୍ଡା ,ପୂର୍ବତନ ପୌର ପରିଷଦ ଅଧକ୍ଷା ରାଜବନ୍ତ କୌର ,ମହିଳା ନେତ୍ରୀ ତଥା ମା ଘର ସଭାନେତ୍ରୀ ପ୍ରସାନ୍ତୀଲତା ବିଶୋଇ , କିଶୋର ପ୍ରଧାନ , ସରୋଜ ଦାସ ,ବିଜେଡି ନେତା ସତ୍ୟ ପାଣିଗ୍ରାହୀ ,ଉମାସଙ୍କର ସାହୁ , ଡାନିଆଲ ପୋଟଲା , ଲମ୍ବଧର ତୁରୁକ , ଯୁବ ନେତା ସର୍ବ ବିଶୋଇ , ନଗର ସଭାପତି ଡି .ନାଗା , ସମାଜ ସେବୀ ଚିଟି ଭାଇ , ସତ୍ୟ ସ୍ୱାଇଁ ,ଏମ୍ଭାଲା , ବିନୋଦ ଟାଉରୀ , ମହିଳା ନେତ୍ରୀ ଦୁଲାଲି ଥଣ୍ଡର ,ଭରତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଥିବା ବେଳେ ସମାଜସେବୀ କେସୁ ରାଓ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ଗାପୂଜା ପାଇଁ ଶାନ୍ତି କମିଟିର ଦ୍ୱିତୀୟ ବୈଠକ

ପଟ୍ଟାମୁଣ୍ଡାଇ,୭/୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ପ୍ରମୁଖ ବାଣିଜ୍ୟକେନ୍ଦ୍ର ପଟ୍ଟାମୁଣ୍ଡାଇରେ ଶାରଦୀୟ ଦୁର୍ଗାପୂଜା ଉତ୍ସବ ଶାନ୍ତିଶୃଙ୍ଖଳାର ସହିତ କୋଭିଡ ଗାଇଡ଼ଲାଇନ ଅନୁସାରେ ପାଳନ କରିବା ପାଇଁ ଆଜି ପଟ୍ଟାମୁଣ୍ଡାଇ ଥାନା ପରିସରରେ ଆୟୋଜିତ ଦ୍ୱିତୀୟ ଶାନ୍ତି କମିଟି ବୈଠକରେ ନିଷ୍ପତି ନିଆଯାଇଛି । କିନ୍ତୁ ଆଜି ମଧ୍ୟ ଅନୁଷ୍ଠିତ ଶାନ୍ତି କମିଟିର ଦ୍ୱିତୀୟ ବୈଠକରେ ପୂର୍ବ ଥର ପରି ବିଭିନ୍ନ ବିଭାଗର ଅଧିକାରୀଙ୍କ ମୁହଁ ଦେଖିବାକୁ ମିଳିନଥିଲା ।

ଗତ ୨୮ ତାରିଖରେ ପଟ୍ଟାମୁଣ୍ଡାଇ ତହସିଲ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଶାନ୍ତି କମିଟିର ପ୍ରଥମ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ମାନେ ଅନୁପସ୍ଥିତ ଥିବା ଦେଖାଯାଇଥିଲା । ଏଥିନେଇ ଶାନ୍ତି କମିଟି ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା । ଶାରଦୀୟ ଦୁର୍ଗାପୂଜା ଉତ୍ସବ ସମୟରେ ସହରରେ ପରିମଳ ବ୍ୟବସ୍ଥା, ରାସ୍ତାଘାଟ ସମସ୍ୟା, ବିଦ୍ୟୁତ ସମସ୍ୟା ଓ ଗାଈଗୋରୁଙ୍କ ପାଇଁ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ସବୁ ସମସ୍ୟାର ସମାଧାନ କରାଯିବ ବୋଲି ତହସିଲଦାର ଓ ଥାନା ଆଇଆଇସି ସଦସ୍ୟ ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ତେବେ ବିଭିନ୍ନ ବିଭାଗର ଅଧିକାରୀଙ୍କ ଅନୁପସ୍ଥିତି କିଭଳି ପୂଜାକୁ ଶୃଙ୍ଖଳିତ କରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଥିରେ ମଧ ଲୋକ ପ୍ରତିନିଧି ଓ ଜନପ୍ରତିନିଧି ମାନଙ୍କୁ ଦେଖିବାକୁ ମିଳିନଥିଲା । ବହୁ ବରିଷ୍ଠ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏହି ବୈଠକକୁ ଡକାଯାଇନଥିଲା । ପଟ୍ଟାମୁଣ୍ଡାଇ ତହସିଲଦାର ଦିଲ୍ଲୀପ କୁମାର ସେଠୀଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ଏସଡ଼ିପିଓ ସନ୍ଧ୍ୟାରାଣୀ ବେହୁରିଆ, ଆଇଆଇସି ତପନ କୁମାର ରାଉତ, ପୌର ନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁ ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଗଣପର୍ବକୁ ଶାନ୍ତିଶୃଙ୍ଖଳାର ସହିତ କୋଭିଡ ଗାଇଡ଼ଲାଇନ ଅନୁସାରେ ପାଳନ କରିବା ପାଇଁ ସଭାପତି ମେଢ଼ କମିଟି ଓ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ସହଯୋଗ କାମନା କରିଥିଲେ । ସମାଜସେବୀ କିଶୋର ସାହୁ, ଶିକ୍ଷାବିତ ବିଜୟ କୁମାର ସାହୁ, ସାମ୍ବାଦିକ ଅକ୍ଷୟ କୁମାର ସାହୁ, ବିଜୟ କୁମାର ଦାସ, ସଂଗ୍ରାମ ସ୍ୱାଇଁ, ରାଧାମୋହନ ଦାଶ, ରବୀନ୍ଦ୍ର କୁମାର ସାହୁ, ପ୍ରଫୁଲ୍ଲ ବେହେରା ଓ ରମେଶ କୁମାର ଦେ ପ୍ରମୁଖ ମେଢ଼ କମିଟି କର୍ମକର୍ତ୍ତା ଓ ବୁଦ୍ଧିଜୀବୀମାନେ ଯୋଗ ଦେଇ ପୂଜା ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ ପାଇଁ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । କୋଭିଡ କଟକଣା ମଧ୍ୟରେ ପ୍ରତ୍ୟେକ ମେଢ଼ ଚାରି ପାର୍ଶ୍ୱ ପାଲ ଘେର ମଧ୍ୟରେ ପୂଜକ ଓ ମେଢ଼ କର୍ମକର୍ତ୍ତା ଶୃଙ୍ଖଳାର ସହିତ ପୂଜା କାର୍ଯ୍ୟ ସମ୍ପନ୍ନ କରିବା ସହିତ ଭସାଣି କାର୍ଯ୍ୟକ୍ରମ ମଧ ତଦନୁଯାୟୀ ସମ୍ପନ୍ନ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ସହର ମଧ୍ୟରେ ଓ ଅନ୍ୟାନ୍ୟ ଅଂଚଳରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ସହ ସ୍ୱଚ୍ଛ ପରିମଳ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସହର ମଧ୍ୟରେ ଟ୍ରାଫିକ ନିୟନ୍ତ୍ରଣକୁ ସୁସଂଗଠିତ ଓ ଗହଳିମୁକ୍ତ କରିବା ପାଇଁ ସହରକୁ ବୁଲା ଗାଈଗୋରୁ ମୁକ୍ତ କରିବା ପାଇଁ ପୌର ପ୍ରଶାସନ ପଦକ୍ଷେପ ନେବାକୁ ନିଷ୍ପତି ନିଆଯାଇଥିଲା । ପ୍ରତ୍ୟେକ ମେଢ଼ ନିକଟରେ ବାଲି ପକାଇବା ପାଇଁ ମେଢ଼ କମିଟି କର୍ମକର୍ତ୍ତାମାନେ ପ୍ରସ୍ତାବ ଦେଇଥିଲେ । ପୂଜା ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପାଟ୍ରୋଲିଂ କଡାକଡି କରିବା ପାଇଁ ନିଷ୍ପତି ନିଆଯିବା ସହିତ ଅସାମାଜିକ ତତ୍ତ୍ୱଙ୍କ ଉପରେ ପୋଲିସ ପକ୍ଷରୁ କଡା ନଜର ରଖାଯିବାକୁ ପ୍ରସ୍ତାବ ଦିଆଯାଇଥିଲା । ଶେଷରେ ମନୋଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଚଳିତବର୍ଷ ପଟ୍ଟାମୁଣ୍ଡାଇ ସହରରେ ୨୫ଟି ମେଢ଼ ସହିତ କଟାଂବଣ ହାଟ, ମାଳିପୁର, ନୀଳକଣ୍ଠପୁର, ମଦନପୁର, ଅଳପୁଆ, ଅଣ୍ଡରା ଓ ଅମୃତମଣୋହି ଆଦି ବିଭିନ୍ନ ଅଂଚଳରେ ଦୁର୍ଗାପୂଜା ଉତ୍ସବ ପାଳନ କରାଯାଉଥିବା ଜଣାପଡିଛି ।

# ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତାଙ୍କ ଝାରସୁଗୁଡ଼ାରେ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା

ଝାରସୁଗୁଡା,୭/୧୦ (ନି.ପ୍ର): ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧକ୍ଷ ଶ୍ରୀ ଅସିତ ତ୍ରିପାଠୀ ଆଜି ଝାରସୁଗୁଡା ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଥିଲେ । ଶ୍ରୀ ତ୍ରିପାଠୀ ଝାରସୁଗୁଡ଼ାରେ ପହଂଚିବା ପରେ ପ୍ରଥମେ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କ ସହିତ ଏକ ସମୀକ୍ଷା ବୈଠକରେ ଆଲୋଚନା କରିଥିଲେ । ବୈଠକରେ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ସାମଲଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଆବଶ୍ୟକୀୟ ତଥ୍ୟ ଉପସ୍ଥାପନ କରିଥିଲେ । ଝାରସୁଗୁଡ଼ା ରେ ବଡ଼ ବଡ଼ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ହୋଇଥିବାରୁ ଜିଲ୍ଲାରେ ପ୍ରକ୍ରିୟାକରଣ ଶିଳ୍ପର ପର୍ଯ୍ୟାପ୍ତ ସମ୍ଭାବନା ଓ ସୁଯୋଗ ରହିଛି ବୋଲି ଶ୍ରୀ ତ୍ରିପାଠୀ କହିଥିଲେ । ଏଥି ପାଇଁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ବିକାଶ ନିମନ୍ତେ ସ୍ୱତନ୍ତ୍ର ଲ୍ୟାଣ୍ଡବ୍ୟାଙ୍କ ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ଅଦା , ଲଙ୍କା , ସବୁଜ ପନିପରିବା , ତୈଳବୀଜ , ଲଘୁ ଶସ୍ୟ , ଫଳ ଓ ଫୁଲ ଚାଷ ଆଦି ଉତ୍ପାଦନ ନିମନ୍ତେ ପ୍ରକୃଷ୍ଟ ଜଳବାୟୁ ରହିଛି । ଏଥି ପାଇଁ ନିର୍ଦ୍ଦିଷ୍ଟ କୃଷି ଯୋଜନା ପ୍ରସ୍ତୁତ କରିବା ପାଇଁ ଶ୍ରୀ ତ୍ରିପାଠୀ କୃଷି ଓ ଉଦ୍ୟାନ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କୃଷିଜାତ ଦ୍ରବ୍ୟର ଅମଳ ପରବର୍ତ୍ତୀ ଏକତ୍ରିକରଣ , ଖାଦ୍ୟ ପ୍ରକ୍ରିୟାକରଣ ଓ କୃଷି - ବିପଣି ଆଦି ଉଦ୍ୟୋଗ ନିମନ୍ତେ ପ୍ରୋତ୍ସାହନ ଯୋଗାଇବା ପାଇଁ ମଧ ଶ୍ରୀ ତ୍ରିପାଠୀ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାର ଶିକ୍ଷିତ ଯୁବବର୍ଗ ଏବଂ ମହିଳାମାନଙ୍କୁ ବିଭିନ୍ନ ପ୍ରକାର କୌଶଳ ବିକାଶ ତାଲିମ ମାଧ୍ୟମରେ ରୋଜଗାରକ୍ଷମ ଓ ଶସକ୍ତ କରିବା ଉପରେ ଶ୍ରୀ ତ୍ରିପାଠୀ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାରେ ଶିଳ୍ପ ଓ କୃଷି ଉଦ୍ୟୋଗର ବିକାଶ ଜିଲ୍ଲାପାଳଙ୍କ ନେତୃତ୍ୱରେ ସମ୍ଭବ ହେବ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ । ସମୀକ୍ଷା ବୈଠକ ପରେ ଶ୍ରୀ ତ୍ରିପାଠୀ ଭାସ୍କର ଟେକ୍ସଟାଇଲ ମିଲ ପରିସରସ୍ଥିତ ସରକାରୀ ଜମି , ବାଞ୍ଛିବୋରାସ୍ଥିତ ବୃହତ ଉଠା ଜଳସେଚନ ପ୍ରକଳ୍ପ , ଏଚ .କଟାପାଲିରେ ଜଳ ପ୍ରକ୍ରିୟାକରଣ ପ୍ଲାଣ୍ଟ , ବେଲପାହାଡ଼ ପୌର ପରିଷଦ ଅନ୍ତର୍ଗତ ଜି . ଏଲ . ହାଇସ୍କୁଲ ରୂପାନ୍ତରିକରଣ ପ୍ରକଳ୍ପ , ବଂଜାରୀ ଗ୍ରାମ ପଂଚାୟତରେ ଫଳ ଏବଂ ଫୁଲ ଚାଷ ଫାର୍ମ , ବେଲପାହାଡ଼ସ୍ଥିତ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ଆଦି ପ୍ରକଳ୍ପ ପରିଦର୍ଶନ କରିଥିଲେ ।

# ମୋ ସରକାର କକ୍ଷ ଶୁଭାରମ୍ଭ

ପୁରୀ,୭/୧୦ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମୋ ସରକାର କକ୍ଷ ଶୁଭାରମ୍ଭ ହୋଇଛି । ଜିଲ୍ଲାପାଳ ସମର୍ଥ ବର୍ମା ଏହାର ଶୁଭାରମ୍ଭ କରିଛନ୍ତି । କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉତମ ବ୍ୟବହାର ସହ ବୃତିଗତ ଏବଂ ସେବା ମନୋଭାବ ନେଇ ସେମାନଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ । ଜନସାଧାରଣ ହିଁ ଶାସନ ବ୍ୟବସ୍ଥାର ମୁଖ୍ୟ ଓ ଗଣତନ୍ତ୍ରର ପ୍ରତିଟି ଅନୁଷ୍ଠାନ ସେମାନଙ୍କ ନିମନ୍ତେ ସମର୍ପିତ । ସେମାନଙ୍କୁ ଉତମ ସେବା ଯୋଗାଇ ଦେବା ସହ ବିଭିନ୍ନ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମରେ ଯୋଗ୍ୟତା ଭିତିରେ ସାମିଲ୍ କରାଯିବ । ବର୍ତମାନ ରାଜ୍ୟ ସରକାରଙ୍କ ୨୫ଟି ବିଭାଗର ୨୨୭ଟି ଯୋଜନା ଜାରି ରହିଛି । ବ୍ଲକ ଓ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନଙ୍କ ସବିଶେଷ ବିବରଣୀ ରଖାଯିବ । ସେମାନଙ୍କ ମୋବାଇଲ ନମ୍ବର ପଞ୍ଜିକରଣ କରାଯିବ । ସେମାନଙ୍କୁ ମେସେଜ ନମିଳିଲେ ସେମାନେ ୧୪୫୪୫ କୁ କଲ୍ କରି ପଞ୍ଜିକରଣ କରିପାରିବେ । ସମ୍ପୃକ୍ତ ହିତାଧିକାରୀଙ୍କୁ ମୋ ସରକାର କକ୍ଷରୁ ଯୋଗାଯୋଗ କରାଯାଇ ଉତମ ବ୍ୟବହାର ଓ କାର୍ଯ୍ୟ ସମ୍ବନ୍ଧୀୟ ମତାମତ ନିଆଯିବ । ଏହି କକ୍ଷ ପୂର୍ବରୁ ଅନ୍ୟ ଏକ ସ୍ଥାନରେ କାର୍ଯ୍ୟକ୍ଷମ ଥିବାବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଂଲଗ୍ନ କକ୍ଷରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଛି । ଏଥିନିମନ୍ତେ ୬ ଜଣ ଉଚ୍ଚ ଶିକ୍ଷିତା ଭିନ୍ନକ୍ଷମ ମହିଳାଙ୍କୁ ଉକ୍ତ କକ୍ଷରେ ନିଯୁକ୍ତି ଦିଆଯାଇଛି । ବିଭିନ୍ନ ସେବା ସଂକ୍ରାନ୍ତରେ ତଥ୍ୟ ନିମନ୍ତେ କାର୍ଯ୍ୟାଳୟ ଖୋଲାଥିବା ସମୟରେ ୮୪୮୦୧୫୬୮୭୧ ସହ ଯୋଗାଯୋଗ କରିପାରିବେ । ଏଥିସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନୂତନ ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ମଧ ଜିଲ୍ଲାପାଳ ଉଦଘାଟନ କରିଛନ୍ତି ।

# ମରଣଯନ୍ତା ପାଲଟିଛି ଘୁଚାଗୁଡା - ନଙ୍ଗଲବୋର୍ଡ଼ ରାସ୍ତା : ଆନ୍ଦୋଳନ ପାଇଁ ସଜବାଜ ଉପାନ୍ତବାସୀ

ନୂଆପଡ଼ା,୭/୧୦ (ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ସଦର ଦେଇ ଯାଇଥିବା ଘୁଚାଗୁଡା-ନଙ୍ଗଲବୋର୍ଡ଼ ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତା ଖାଲଖମା ରେ ଭରି ରହିଥିବା ବେଳେ ଗର୍ତ ସୃଷ୍ଟି ହୋଇ ବର୍ଷାଜଳ ଭରି ରହି ଯାତାୟତ ରେ ବ୍ୟାଘାତ ସୃଷ୍ଟି ହେଉଛି। ଏନେଇ ଅଂଚଳବାସୀ ପ୍ରଶାସନ ନିକଟରେ ଦାବୀ ଜଣାଇବା ପରେ ଉକ୍ତ ରାସ୍ତା ନିର୍ମାଣ ପାଇଁ ୫ କୋଟି ୫୦ ଲକ୍ଷ ଅଟକଳ ରେ ଟେଣ୍ଡର କରାଯାଇ ଜନୈକ ଠିକାଦାର ଙ୍କୁ ଦାୟୀତ୍ୱ ଦିଆଯାଇଛି। ହେଲେ ଟେଣ୍ଡର ପାଇବାର ୧ ବର୍ଷ ପରେ ମଧ ସଂପୃକ୍ତ ଠିକାଦାର କାମ ଆରମ୍ଭ କରିନାହିଁ। ଫଳରେ ଅଂଚଳର ଜନସାଧାରଣ ପରିତ୍ୟକ୍ତ ରାସ୍ତାରେ ଯାତାୟତ କରୁଛନ୍ତି। ଏହି ସମସ୍ୟା କୁ ନେଇ ଅଂଚଳବାସୀ ଖଡ଼ିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରିବା ପରେ ମଧ କୌଣସି ସୁଫଳ ମିଳିନାହିଁ। ଏହି ସମସ୍ୟାକୁ ନେଇ ଉପାନ୍ତ ଅଂଚଳ ବାସୀ ଆନ୍ଦୋଳନ କରିବା ପାଇଁ ସଜବାଜ ହେଉଥିବା ବେଳେ ଏକ ଦସ୍ତଖତ ଅଭିଯାନ ଚଳାଇଛନ୍ତି। ଏଠାରେ ପ୍ରକାଶ ଯୋଗ୍ୟ ଯେ, ସିନାପାଲି ବ୍ଲକ ଅନ୍ତର୍ଗତ ଘୁଚାଗୁଡା ଗ୍ରାମପଂଚାୟତ, ଖଇରପଦର, କଇଁଟପଦର, ନଙ୍ଗଲବୋର୍ଡ଼, ଘାଟମାଳ, ନୂଆମାଳପଡା, ପଂଚାୟତ ର ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭରଶୀଳ କରିଥାନ୍ତି। ଏପରିକି ଏହି ରାସ୍ତା ଉପରେ ସୀମାନ୍ତ ଛତିଶଗଡ଼ ଅଂଚଳ ର ମେନପୁର ଓ ଗରିଆବନ୍ଧ ବ୍ଲକ ଅଂଚଳର ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭରଶୀଳ କରିଥାନ୍ତି। କିନ୍ତୁ ଟେଣ୍ଡର ପାଇଥିବା ଠିକାଦାର ଜଣକ ଦୀର୍ଘ ୧ ବର୍ଷ ପରେ ମଧ କାମ ଆରମ୍ଭ କରି ନ ଥିବା ସ୍ଥଳେ ଅଂଚଳ ର ଜନସାଧାରଣ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଜଣାପଡ଼ିଛି। ଏହି ରାସ୍ତାରେ ଯାତାୟାତ ପାଇଁ ବିଶେଷ ଅସୁବିଧା ହେଉଥିବା ବେଳେ ପ୍ରଶାସନ ଟେଣ୍ଡର କୁ ବାତିଲ କରି ନୂତନ ଟେଣ୍ଡର ଆହ୍ୱାନ କରାଯିବା ସହ ଯଥା ଶୀଘ୍ର ରାସ୍ତା କମା ଆରମ୍ଭ କରା ନ ଗଲେ ଆନ୍ଦୋଳନକ କରିବା ପାଇଁ ବରିଷ୍ଠ ସମାଜସେବୀ ଜୟପାଲ ନାଗ, ଜିଲ୍ଲାପରିଷଦ ସଦସ୍ୟ ଗିରିରାଜ ମାଝୀ, ଗଣେଶ ପୋଡ଼, ଜଗଦିଶ ମାଝୀ, ନେପାଲ ମାଝି, ଘାଟମାଲ ସରପଂଚ ଆରତୀ ହଂସ, ନଙ୍ଗଲବୋର୍ଡ଼ ସରପଂଚ ଯଶୋଦା ମାଝୀ ପ୍ରମୁଖ ଙ୍କ ନେତୃତ୍ୱରେ ବିରାଟ ଜନ ଆନ୍ଦୋଳନ କରିବାକୁ ସ୍ଥିର କରାଯାଇଛି। ଏଠାରେ ସୂଚନା ଯୋଗ୍ୟା ଯେ, ସିନାପାଲି ସଦର ମହକୁମା ଠାରୁ ଉପାନ୍ତ ଅଂଚଳ ସୀମା ରେ ଥିବା ତାଲକୋଟ ପର୍ଯ୍ୟନ୍ତ ଏହି ରାସ୍ତା ରହିଛି। ଏଠାରୁ ଛତିଶଗଡ଼ ମାତ୍ର ୨ କିଲୋ ମିଟର ରହିଛି। ଏହି ରାସ୍ତା ଉପରେ ଉଭୟ ରାଜ୍ୟର ଜନସାଧାରଣ ନିର୍ଭର କରିଥାନ୍ତି। କିନ୍ତୁ ପ୍ରଶାସନ ର ଖାମଖିଆଲି ମନୋଭାବ ଓ ଠିକାଦାର ଙ୍କ ଅହେତୁକ ମନୋଭାବ ଯୋଗୁଁ ଏହି ରାସ୍ତା ମରଣଯନ୍ତା ଅବସ୍ଥାରେ ରହିଛି। ହେଲେ ଏହି ରାସ୍ତା ପ୍ରତି ପ୍ରଶାସନ କେବେ ଦୃଷ୍ଟି ଦେଉଛି ଓ ରାସ୍ତା ନିର୍ମାଣ କେବେ ସରୁଛି ତାହାକୁ ଅପେକ୍ଷା କରିଛନ୍ତି ଅଂଚଳବାସୀ। ଏହି ସମସ୍ୟା କୁ ନେଇ ଅଂଚଳ ବାସୀ ସିନାପାଲି ବିଡିଓ ସଦାଶିବ ନାଏକ ଙ୍କୁ ଜଣାଇବା ପରେ ଶ୍ରୀ ନାଏକ ଗ୍ରାମ୍ୟ ଉନ୍ନୟନ ବିଭାଗ ସହିତ ଆଲୋଚନା କରିଥିଲେ ହେଲେ କୌଣସି ସୁଫଳ ମିଳିନାହିଁ। ଠିକାଦାର ପ୍ରତି ଗ୍ରାମ୍ୟ ଉନ୍ନୟନ ବିଭାଗ ର ଅନୁକମ୍ପା କଣ ପାଇଁ ବୋଲି ସଧାରଣ ରେ ଅସନ୍ତୋଷ ପ୍ରକାଶ ପାଇଛି। ଯଥାଶୀଘ୍ର ଟେଣ୍ଡର ବାତିଲ କରାଯାଇ ବିକଳ୍ପ ବ୍ୟବସ୍ଥା କରାଯିବାକୁ ଦାବୀ କରାଯାଇଛି।

# ପ୍ଲାଷ୍ଟିକ ମୁକ୍ତ ଭାରତ କାର୍ଯ୍ୟକ୍ରମ

ନୂଆପଡା,୭/୧୦ (ନି.ପ୍ର): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ବୁଦ୍ଧିକୋମନା ପଂଚାୟତ ପଣ୍ଡରାପଥର ଗ୍ରାମରେ ନେହେରୁ ଯୁବକେନ୍ଦ୍ର, ଅଙ୍ଗନୱାଡ଼ି , ୱାର୍ଡ ମେମ୍ବର ଏବଂ ଗ୍ରାମର ଧରୁଅବୁଢ଼ା ଯୁବକ ସଂଘର ମିଳିତ ଉଦ୍ୟମରେ କ୍ଲିନ୍ ଇଣ୍ଡିଆ ପ୍ଲାଷ୍ଟିକ ମୁକ୍ତ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏଥିରେ ଗ୍ରାମର ୱାର୍ଡ ମେମ୍ବର ଦମୟନ୍ତୀ ରାଉତ, ତିକେମନି ମାଝୀ, ଅଙ୍ଗନୱାଡି ନିରୁପମା ଦାସ ଓ ଯୁବକ ସଂଘ ସଭାପତି ହୃଦାନନ୍ଦ ମାଝୀ, ଉପସଭାପତି ରୋହିତ ମାଝୀ, ଲୁକେଶ୍ୱର୍ ଧାରୁଆ, ବିଦ୍ୟାଧର ମାଝୀ, ବିଲାରାମ ମାଝୀ, ତପେନ୍ଦ୍ର ମାଝୀ, କମଳ ସିଂ ମାଝୀ, ଗୌତମ ମାଝୀ, ଗୌରହରି ମାଝୀ, ମୋହନ ମାଝୀ, ପୀତବାସ ଧାରୁଆ, କରୁଣ ଧାରୁଆ, ତୁଳସୀ ମାଝୀ, ଗୋପୀନାଥ ଧାରୁଆ, ଭୁଜବଳ ମାଝୀ ଏବଂ ନେହେରୁ ଯୁବକେନ୍ଦ୍ର ନୂଆପଡ଼ାର ସ୍ୱେଚ୍ଛାସେବୀ କହ୍ନେଇ ନିଆଲ ଓ ପ୍ରେମଲାଲ୍ ଆଡବଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# ଇଣ୍ଡିଆନ ପୋଟାସ ପକ୍ଷରୁ ଆଜାଦି କା ଅମ୍ରିତ ମହୋତ୍ସବ

କୋରାଇ,୭/୧୦ (ନି.ପ୍ର): ଇଣ୍ଡିଆନ ପୋଟାସ ଲିମିଟେଡ (ଆଇପିଏଲ) ପକ୍ଷରୁ ପାଣିକୋଇଲି ଅବଦୁଲ ଖାଲିକ ଟ୍ରେଡସ ଆନୁକୂଲ୍ୟରେ ଆଜାଦି କା ଅମ୍ରିତ ମହୋତ୍ସବ କୋରାଇ ବ୍ଲକର ଶତାଧିକ ଚାଷୀଙ୍କୁ ନେଇ ପାଳିତ ହୋଇଯାଇଛି । ଏହି ଅବସରରେ ଷ୍ଟାର ଇଣ୍ଡିଆ ପରିବାର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଲୋପାମୁଦ୍ରା ଦାଶଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା । ଆଇପିଏଲର କ୍ଷେତ୍ର ଅଧିକାରୀ ବରଦା ପ୍ରସାଦ ଭୂୟାଁଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଇପିଏଲର ବରିଷ୍ଠ ଆଂଚଳିକ ପ୍ରବନ୍ଧକ ସଂଜୀବ ଚନ୍ଦ୍ର ସିହ୍ନା, ସମ୍ମାନୀତ ଅତିଥି ଭାବେ ଯାଜପୁରରୋଡ ଜିଲ୍ଲା କୃଷି ଅଧିକାରୀ ଶ୍ୱେତଂଜୟ ଦାସ, ଧର୍ମଶାଳା ଜିଲ୍ଲା କୃଷି ଅଧିକାରୀ ଉଦିପ୍ତ କୁମାର ତ୍ରିପାଠୀ, କୋରାଇ ବ୍ଲକ କୃଷି ଅଧିକାରୀ ଲକ୍ଷ୍ମୀଧର ସାହୁ, ଆଇପିଏଲର କ୍ଷେତ୍ର ବିଜ୍ଞାନୀ ରତ୍ନାକର ନାୟକ ପ୍ରମୁଖ ଯୋଗଦେଇଥିଲେ । କୃଷକ ମାନଙ୍କୁ ନେଇ ବିଭିନ୍ନ ପ୍ରଶ୍ନୋତର କାର୍ଯ୍ୟକ୍ରମ କରାଯାଇ ଉପହାର ପ୍ରଦାନ କରାଯାଇଥିଲା । ଶେଷରେ ମିର୍ଜା ଆଦିଲ ଇକବାଲ ବେଗ ଧନ୍ୟବାଦ ଅପଣ କରିଥିଲେ । ପରିଚାଳନାରେ ମିର୍ଜା ଅସଲମ ଇକବାଲ ବେଗ, ଲୋକନାଥ ବିଶ୍ୱାଳ, ଜୟନ୍ତ କୁମାର ରଣା, ଆର୍ଯ୍ୟ କୁମାର ଯେନା, ସେକ ହବିବୁର ରେହମାନଙ୍କ ସମତେ କାର୍ମଚାରୀ ସହଯୋଗ କରିଥିଲେ ।

# ସମାଜ ସେବୀ ମଥୁରୀ ଜେନାଙ୍କ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦ୍ରାପଡ଼ା,୭/୧୦ (ନି.ପ୍ର): ସମାଜ ସେବୀ ମଥୁରୀ ଚରଣ ଜେନାଙ୍କ ବିୟୋଗରେ ତାଙ୍କ ଚକଡା ସ୍ଥିତ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ହୃଷିକେଶ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଜେନାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ଜେନା ଏକଦା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ପ୍ରହ୍ଲାଦ ମଲ୍ଲିକଙ୍କ ଘନିଷ୍ଠ ସହଯୋଗୀ ଥିଲେ । ବିଭିନ୍ନ ସମାଜସେବା ମୂଳକ କାର୍ଯ୍ୟରେ ସେ ଶେଷ ଜୀବନ ପର୍ଯ୍ୟନ୍ତ ନିୟୋଜିତ ଥିଲେ ବୋଲି ତାଙ୍କ ଜୀବାନାଦର୍ଶ ସମ୍ପର୍କରେ ଆଲୋଚନା କରି ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟିକା ଡଃ. ସିପ୍ରା ମଲ୍ଲିକ, ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଦେବେନ୍ଦ୍ର ସୁଆର, ଶିକ୍ଷାବିତ ଭଜକୃଷ୍ଣ ରାଉତ, ଅଧାପକ ଡଃ. ଗିରିଶ ଚନ୍ଦ୍ର ପାତ୍ର, ଆଇନଜୀବୀ ସରୋଜରାଜ ସିଂ, ଅଧାପକ ହିମାଂଶୁ ଭୂଷଣ ପରିଡା, ଶିକ୍ଷାବିତ ପ୍ରଣବ କୁମାର ଜେନା, କାଶୀନାଥ ରାଉତରାୟ, ଇଂ ପ୍ରଭାକର ସ୍ୱାଇଁ, ପୂର୍ବତନ ଅଧକ୍ଷ ମଦନମୋହନ ଜେନା, ଅଧାପକ ବିବେକାନନ୍ଦ ସିଂ, ଧିରେନ ସାହୁ, ହିରଣ୍ୟ ପଣ୍ଡା,ପୁତୁରା ତଥା ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଭୁବନ ମୋହନ ଜେନା, ପ୍ରଭାତ କୁମାର ଜେନା, ପ୍ରଶନ୍ନ ଜେନା, ପବିତ୍ର ଜେନା, ପୁତ୍ର ଅଧାପକ ପ୍ରଶାନ୍ତ କୁମାର ଜେନା, ସଂଗ୍ରାମ ଓ ଶୁଭ୍ରାଶୁଂ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଜେନାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଜିଲ୍ଲା ଆଇନ ସେବା ପ୍ରଧିକରଣ ଫୁଲବାଣୀ ପକ୍ଷରୁ ସୁଡ୍ରେଜୁରେ ପାନ ଇଣ୍ଡିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

କନ୍ଧମାଳ,୭/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା ସୁଡ୍ରେଜୁ ପଂଚାୟତରେ ଜିଲ୍ଲା ଆଇନ ସେବା ପ୍ରଧିକରଣ ପକ୍ଷରୁ ପାନଇଣ୍ଡିଆ ଆଇନଗତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଫୁଲବାଣୀ ଲିଗାଲଏଡ ସ୍ୱେଚ୍ଛାସେବୀ ମନୋଜ କୁମାର ଚୌଧୁରୀ ଏବଂ ଉମେଶ ପ୍ରସାଦ ପାତ୍ରଙ୍କ ପରିଚାଳନାରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ସୁଡ୍ରେଜୁ ସରପଂଚ ଅଗସ୍ତି କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବରେ ଅବସରପ୍ରପ୍ତ ପ୍ରଧାନ ଶିକ୍ଷକ ଗଣେଷ ପ୍ରଧାନ,ପଂଚାନନ ବାଘ ଏବଂ ଗ୍ରାମର ଅନ୍ୟ ବରିଷ୍ଠ ବ୍ୟକ୍ତି ମାନେ ଯୋଗ ଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ଗ୍ରାମରେ ଶିଶୁ ଶ୍ରମିକ,ବାଲ୍ୟ ବିବାହ,ପାରିବାରିକ ହିଂସାକୁ ରୋକିବା ଦିଗରେ ଲୋକଙ୍କୁ ସଚେତନ କରାଯିବା ସହିତ ଏଥିପାଇଁ ଆଇନରେ ରହିଥିବା ନିତିନିୟମ ସବୁକୁ ଲୋକଙ୍କ ନିକଟରେ ଉପସ୍ଥାପନା କରାଯାଇଥିଲା । ଏହା ସହିତ ଅଂଚଳରେ ପିଲାମାନଙ୍କର ପାଠପଢିବା ଅଧିକାର,ବିଧବା,ବିକଳାଙ୍ଗ ଓ ଶ୍ରମିକ ଶ୍ରେଣୀର ଲୋକଙ୍କ ପାଇଁ ସରକାରଙ୍କର ରହିଥିବା ସମସ୍ତ ସୁବିଧା ବାବଦରେ ଆଲୋଚନା କରାଯାଇଥିଲା । ଏତଦ ବ୍ୟତୀତ ଆଇନରେ ରହିଥିବା ନିତୀନିୟମ ବାବଦରେ ଲୋକଙ୍କୁ ସଚେତନ କରାଯାଇଥିଲା ।

# ଜିଲ୍ଲାରେ ୧୦ ଲକ୍ଷ ଟପିଲା କରୋନା ଟୀକାକରଣ

କେନ୍ଦ୍ରାପଡ଼ା,୭/୧୦ (ନି.ପ୍ର): ବିଶ୍ୱ ମହାମାରୀ କୋଭିଡ-୧୯ କରୋନା ସଂକ୍ରମଣକୁ ପ୍ରତିରୋଧ କରିବା ପାଇଁ ଜିଲ୍ଲାରେ ଟୀକାକରଣ କାର୍ଯ୍ୟକ୍ରମ ବହୁତ ଅଂଶରେ ସଫଳତା ହାସଲ କରିଛି । ଚଳିତ ବର୍ଷ ଜାନୁଆରୀ ମାସରୁ ଆରମ୍ଭ ହୋଇଥିବା ଟୀକାକରଣ କାର୍ଯ୍ୟକ୍ରମ ଅକ୍ଟୋବର ୪ ତାରିଖ ସୁଦ୍ଧା ଜିଲ୍ଲାରେ ୧୦ ଲକ୍ଷ ୨୬ ହଜାର ୯୯୧ ଜଣଙ୍କୁ ଟୀକାକରଣ କରାଯାଇଛି । ଏହି ଟୀକାକରଣରେ ୧୮ ବର୍ଷରୁ ୪୪ ବର୍ଷ ବୟସ୍କ ବ୍ୟକ୍ତି ମାନଙ୍କୁ ୪ ଲକ୍ଷ ୮୯ ହଜାର ୬୪୭ ଜଣଙ୍କୁ ଦିଆ ଯାଇଥିବା ବେଳେ ୪ ଲକ୍ଷ ୪୮ ହଜାର ୫୦୩ ଜଣଙ୍କୁ ପ୍ରଥମ ଡୋଜ ଓ ୪୧ ହଜାର ୧୪୪ ଜଣଙ୍କୁ ଦ୍ୱିତୀୟ ଡୋଜ ଦିଆଯାଇଛି । ସେହିଭଳି ୪୫ ରୁ ୬୦ ବର୍ଷ ବୟସ୍କ ବ୍ୟକ୍ତି ମାନଙ୍କ ମଧ୍ୟରୁ ୨ ଲକ୍ଷ ୮୯ ହଜାର ୨୮୮ ଜଣଙ୍କୁ ମୋଟ ଦିଆ ଯାଇଥିବା ବେଳେ ୧ ଲକ୍ଷ ୭୮ ହଜାର ୨୦୫ ଙ୍କୁ ପ୍ରଥମ ଡୋଜ ଏବଂ ୧ ଲକ୍ଷ ୧୧ ହଜାର ୮୩ ଜଣଙ୍କୁ ଦ୍ୱିତୀୟ ଡୋଜ ଟୀକା ଦିଆଯାଇଛି । ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ନାଗରିକମାନେ ମୋଟ ୨ ଲକ୍ଷ ୨୫ ହଜାର ୮୩୩ ଜଣ ଟୀକା ନେଇଥିବା ବେଳେ ୧ ଲକ୍ଷ ୩୦ ହଜାର ୧୩୨ ଜଣ ପ୍ରଥମ ଡୋଜ ଏବଂ ୯୫ ହଜାର ୭୦୧ ଜଣ ଦ୍ୱିତୀୟ ଡୋଜ ନେଇଛନ୍ତି ।



# ମାଆ ଶାରଳା



ଦିଲ୍ଲୀପ କୁମାର ସାହୁ



ସେ ବୀଣା ପୁସ୍ତକ ଧାରିଣୀ ମାଆ ସରସ୍ୱତୀ। ସିଂହବାହିନୀ ମହିଷମର୍ଦ୍ଦିନୀ ମାଆ ଦୁର୍ଗା। ସେ ମହାକାଳୀ ମହାଲକ୍ଷ୍ମୀ।

ବିଦ୍ୟା ଦାୟିନୀ ଦୁଃଖ ଦୂରାଶିନୀ ଅଭୟ ପ୍ରଦାୟିନୀ ଝଙ୍କଡ ବାସିନୀ ମାଆ ଶାରଳା। କିମ୍ବଦନ୍ତୀ କହେ ତ୍ରେତୟା ଯୁଗରେ ପର୍ଷୁରାମ ମାଆଙ୍କୁ ପ୍ରତିଷ୍ଠା କରିଥିଲେ। ସେ ଶର ମୁନରେ ଭୂମି ଖନନ କରି ମାଆଙ୍କୁ ଭୂଗର୍ଭରୁ ଉଦ୍ଧାର କରିଥିଲେବୋଲି ମାଆ ଶାରଳା ଭାବରେ ଖ୍ୟାତ ହେଲେ। ଆଉଏକ କିମ୍ବଦନ୍ତୀ ଅନୁସାରେ ଦକ୍ଷଯଜ୍ଞରେ ଆତ୍ମାହୂତି ଦେଇଥିବା ମାଆ ସତୀଙ୍କ ଜିହ୍ୱା ପତିତ ହୋଇ ସେଠାରେ ସୃଷ୍ଟି ହୋଇଥିଲା ମାଆ ଶାଳାଙ୍କ ପୀଠ। ସେଥିପାଇଁ ସେହି ପୀଠ ଜିହ୍ୱା କ୍ଷେତ୍ର ଭାବରେ ମଧ୍ୟ ଖ୍ୟାତ। ପୁନଶ୍ଚ କେତେକ ଗବେଷକ ମତ ଦିଅନ୍ତି ଯେ ମାଆ ଶାରଳା ତନ୍ତ୍ରଜାନ ବୌଦ୍ଧଧର୍ମାଲମ୍ବୀ ମାନଙ୍କ ଦ୍ୱାରା ପ୍ରତିଷ୍ଠିତା। ମାଆଙ୍କ ଶିଳାମୂର୍ତ୍ତୀଙ୍କୁ ଅନୁଧ୍ୟାନ କରି ଐତିହାସିକମାନେ ସ୍ଥିର ନିଶ୍ଚିତ ଯେ ମୂର୍ତ୍ତି ଟି ନବମ ଶତାବ୍ଦୀରେ ନିର୍ମିତ । କଟକ ସହରଠାରୁ ପ୍ରାୟ ପଚାଶ କିଲୋମିଟର ଦୂରରେ ଜଗତସିଂହପୁର ଜିଲ୍ଲାର ଝଙ୍କଡ ପ୍ରଗଣା ଅନ୍ତର୍ଗତ କନକପୁର ମାଆ ଶାରଳାଙ୍କ ବିଜେସ୍ଥଳି। ସେଥିପାଇଁ ମାଆଙ୍କୁ ଝଙ୍କଡ ବାସିନୀ ଶାରଳା କୁହାଯାଏ ।

ମାଆ ଶାରଳା ପ୍ରଥମେ ବର୍ତ୍ତମାନର ପୀଠଠାରୁ ଅନତି ଦୂରରେ ଥିବା ବଡ ଶାରୋଳ ଗ୍ରାମରେ ଏକ ଛୋଟ ମନ୍ଦିରରେ ପୂଜା ପାଉଥିଲେ। କଳାପାହାଡ଼ ସେହି ମନ୍ଦିରକୁ ଭାଙ୍ଗିଦେବା ଫଳରେ ମାଆଙ୍କୁ ଝଙ୍କଡ ପ୍ରଗଣାର କନକପୁରକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଉନବିଂଶ ଶତାବ୍ଦୀର ପ୍ରାରମ୍ଭରେ ମରହଟ୍ଟା ଶାସନ କାଳରେ ବର୍ତ୍ତମାନର ମନ୍ଦିରଟିସ୍ଥାନୀୟ ରାଜାମାନଙ୍କ ସହଯୋଗରେ ନିର୍ମିତ ହୋଇଥିଲା। ମନ୍ଦିର ମଧ୍ୟରେ ପ୍ରାୟ ପାଞ୍ଚ ଫୁଟ ଉଚ୍ଚ ପିଣ୍ଡି ଉପରେ ମାଆ ଶାରଳାଙ୍କ ମୂର୍ତ୍ତି ବିରାଜିତା । ଦୁଇ ଫୁଟ ଉଚ୍ଚର ଗୋଟିଏ ପଥରରେ ମାଆଙ୍କ ମୂର୍ତ୍ତି ଗଢା । ସିଂହ ଉପରେ ଦଣ୍ଡାୟମାନ ମାଆ , ମହିଷମର୍ଦ୍ଦିନୀ ରୂପରେ ବିରାଜିତା। ସେ ଅଷ୍ଟଭୂଜା। ଦକ୍ଷିଣ ହସ୍ତରେ ସେ ଖଣ୍ଡା, ତ୍ରିଶୂଳ, ବୀଣା ଓ ପୁସ୍ତକ ଧାରଣ କରିଥିବା ବେଳେ ବାମ ହସ୍ତରେ ଧାରଣ କରିଛନ୍ତି ଖର୍ପର, ଧନୁ, ଘଣ୍ଟି ଓ ମହିଷାସୁରର କଟା ମୁଣ୍ଡ ।

ମାଆ ବୀଣା ପୁସ୍ତକ ଧାରଣ କରିଥିବାରୁ ତାଙ୍କୁ ବାଗଦେବୀ ସରସ୍ୱତୀ କୁହାଯାଏ । ମାଆ ଦୟା କଲେ ମୂର୍ଖ ମଧ୍ୟ ପଣ୍ଡିତ ପାଲଟିଯାଏ। ତାର ପ୍ରମାଣ ବହନ କରନ୍ତି ଶୁଦ୍ରମୁନି ଶାରଳା ଦାସ । ତାଙ୍କର ପ୍ରକୃତ ନାମ ଶିଦ୍ଧେଶ୍ୱର ପରିଡା । ଶିକ୍ଷା ଦୀକ୍ଷା ହୀନ ଶିଦ୍ଧେଶ୍ୱର ମାତୃ କୃପାରୁ ମହାଭାରତ, ଚଣ୍ଡୀ ପୁରାଣ, ବିଲଙ୍କା ରାମାୟଣ ଆଦି ଗ୍ରନ୍ଥମାନ ରଚନା କରି ଓଡ଼ିଆ ସାରସ୍ୱତ ଭଣ୍ଡାରକୁ କରଛନ୍ତି ଋଦ୍ଧିମନ୍ତ । ଆଦିକବି ଭାବରେ ସେ ପ୍ରତି ଓଡ଼ିଆଙ୍କ ନମସ୍ୟ । ମାଆ ଯେହେତୁ କଳା ଓ ସାହିତ୍ୟର ଠାକୁରାଣୀ କବି, ପଣ୍ଡିତ ଓ କଳାକାର ମାନଙ୍କର ସେ ଆରାଧ୍ୟା । ସେଥିପାଇଁ କାହିଁ କେତେଦୂରରୁ କଳା ଓ ସାହିତ୍ୟ ସାଧକମାନେ ମାଆଙ୍କ ପାଖକୁ ଧାଇଁ ଆସିଥାନ୍ତି ତାଙ୍କ ଆଶିଷ ପାଇ ସାଧନାରେ ସିଦ୍ଧି ଲାଭ କରିବା ନିମନ୍ତେ ।

ପ୍ରତ୍ୟୁଷରୁ ମାଆ ଶାରଳାଙ୍କ ମନ୍ଦିର ରେ ଆରମ୍ଭ ହୋଇଯାଏ ଗହଳ ଚହଳ । ମଧ୍ୟାହ୍ନରେ କିଛି ସମୟ ପାଇଁ ମନ୍ଦିର ବନ୍ଦ ରହେ । ଅପରାହ୍ନରେ ମନ୍ଦିର ଖୋଲେ ଓ ରାତି ପ୍ରାୟ ଦଶଟା ବେଳେ ମାଆଙ୍କର ପହଡ ପଡେ । ମାଆଙ୍କ ପାଖରେ ସକାଳେ ଓ ସନ୍ଧ୍ୟାରେ ମିଷ୍ଟାନ୍ନ, ଭୋଗ ଲାଗି ହେଉଥିବାବେଳେ ମଧ୍ୟାହ୍ନ ଓ ରାତ୍ରରେ ଅନ୍ନ ବ୍ୟଞ୍ଜନ ଭୋଗ ହୋଇଥାଏ। ମାଆଙ୍କୁ ଉଭୟ ବୈଷ୍ଣବ ଓ ଶାକ୍ତ ମତରେ ପୂଜା କରାଯାଏ। ତେଣୁ ତାଙ୍କ ପାଖରେ ତୁଳସୀ ଓ ବେଲପତ୍ର ଅର୍ପଣ କରାଯାଇଥାଏ । ମାଆଙ୍କ ପାଖରେ ପ୍ରତ୍ୟହ ଶାରଳା ମହାଭାରତ ପଠନର ବିଧି ରହିଛି ।

ମାଆ ଶାରଳାଙ୍କ ପୀଠ ସଦାସର୍ବଦା ଉତ୍ସବ ମୁଖର । ପ୍ରତି ସଙ୍କ୍ରାନ୍ତି ଓ ପୂର୍ଣ୍ଣିମା ରେ ମାଆଙ୍କ ପୀଠରେ ଗହଳ ଚହଳ ଲାଗିରହେ । ମକର ସଙ୍କ୍ରାନ୍ତିରେ ମାଆଙ୍କ ପାଖରେ ଲାଗି ହେଉଥିବା ମକର ଚାଉଳ ପାଇବା ପାଇଁ ଶ୍ରଦ୍ଧାଳୁ ମାନେ ବେଶ୍ ଭିଡ କରନ୍ତି । ଦୋଳ ପୂର୍ଣ୍ଣିମା ଦିନ ଆଖପାଖ ଅଞ୍ଚଳରୁ ଦୋଳ ବିମାନମାନ ଆସି ମାଆଙ୍କର ଦର୍ଶନ କରିଥାନ୍ତି । ପଣା ସଙ୍କ୍ରାନ୍ତିରେ ମାଆଙ୍କର ଝାମୁଯାତ୍ରା ହୁଏ । ମାଆଙ୍କ କରୁଣା ପ୍ରାପ୍ତ ହୋଇ ସେଦିନ ବ୍ରତଧାରୀମାନେ ଜଳନ୍ତା ନିଆଁ ଉପରେ ନିର୍ବିଘ୍ନରେ ଚାଲିଥାନ୍ତି । ଚନ୍ଦନ ମାଆ ଶାରଳାଙ୍କର ଅନ୍ୟତମ ମୁଖ୍ୟ ପର୍ବ। ମାଆ ଏକୋଇଶ ଦିନ ଧରି ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଥିବା ଚନ୍ଦନ ପୋଖରୀରେ ଚାପ ଖେଳିଥାନ୍ତି। ରଜ ତିନିଦିନ ମଧ୍ୟ ମାଆଙ୍କ ପୀଠରେ ବେଶ୍ ଗହଳି ହୁଏ । ମାଆ ଶାରଳାଙ୍କ ସବୁଠାରୁ ବଡ ପର୍ବ ଶାରଦୀୟ ଦଶହରା । ତାହା ମୂଳାଷ୍ଟମୀଠାରୁ ମହାଷ୍ଟମୀ ଯାଏ ଶୋଳଦିନଧରି ଅନୁଷ୍ଠିତ ହୁଏ। ସେତେବେଳେ ପ୍ରତି ସନ୍ଧ୍ୟାରେ ମାଆଙ୍କୁ ସୁନ୍ଦର ଭାବରେ ବେଶ କରାଯାଇ ଯେଉଁ ଆଳତୀ ଅର୍ପଣ କରାଯାଏ ତାକୁ ଭାଷାରେ ବର୍ଣ୍ଣନା କରିବା କଷ୍ଟ । ସେହି ଅପୂର୍ବ ଦୃଶ୍ୟ ଦେଖିବା ପାଇଁ ମନ୍ଦିର ରେ ଶ୍ରଦ୍ଧାଳୁ ମାନେ ପ୍ରବଳ ଗହଳି କରନ୍ତି । ସେଥିପାଇଁ ଘଣ୍ଟା ଘଣ୍ଟା ପୂର୍ବରୁ ମଧ୍ୟ ଆସ୍ଥାନ ଜମାଇ ଅପେକ୍ଷା କରିଥାନ୍ତି । ମାଆ ସେହି ଶାରଦୀୟ ପୂଜା ସମୟରେ ଶୋଭାଯାତ୍ରାରେ ତାଙ୍କ ପୁରୁଣା ବିଜେସ୍ଥଳିକୁ ବୁଲିଯାଇଥାନ୍ତି । ସେତେବେଳେ ମାଆଙ୍କ ଆଗରେ ଘଣ୍ଟଘଣ୍ଟା ତାଳରେ କାଳିକା ନୃତ୍ୟ ଓ ଘଟ ନୃତ୍ୟ ପରିବେଷିତ ହୋଇଥାଏ ।

ଅସୀମ ମହିମାମୟୀ ମାଆ ଶାରଳା ସମସ୍ତଙ୍କୁ ବିଦ୍ୟା ବୁଦ୍ଧି ଓ ସୁଖ ଶାନ୍ତି ପ୍ରଦାନ କରନ୍ତୁ ତାଙ୍କ ପାଖରେ ଏତିକି ପ୍ରାର୍ଥନା ।

+ଶଙ୍କରପୁର, ଚାରବାଟିଆ, କଟକ
ମୋ- ୯୮୬୧୧୨୬୧୯୭

## ନବରାତ୍ରୀର ନବ ଦୁର୍ଗା

### ନବରାତ୍ରୀର ଦ୍ୱିତୀୟ ଦିନ- ବ୍ରହ୍ମଚାରିଣୀ

ସୁଷମା ପରିଜା



ନବରାତ୍ରୀର ଦ୍ୱିତୀୟା ଦେବୀ ଗୋ ବ୍ରହ୍ମଚାରିଣୀ
ସହସ୍ରବର୍ଷ ତପ କରି ଯେ ହୋଇଲ ରୁଦ୍ରାଣୀ ।
ଏକ ହସ୍ତେ ଜପା ମାଳା, ଅନ୍ୟ ହସ୍ତେ କମଣ୍ଡଳ
ଶୁଭ୍ର ବସ୍ତ୍ର ପରିଧାନ, ଉଜ୍ଜ୍ୱଳ ମୁଖମଣ୍ଡଳ ।
ବନେ ତପ ଆଚରିଲ ବିଲ୍ୱ ପତ୍ର, ଫଳାହାରେ
ଲଭିବ ବୋଲି ଶିବଙ୍କୁ ଆପଣା ପତି ରୂପରେ ।
ଅନାହାରେ ଅର୍ଦ୍ଧାହାରେ କଲ ଧ୍ୟାନ ଆଶୁତୋଷ
ନିର୍ଜଳା ଉପବାସ ରେ ରହି ସହସ୍ର ବରଷ ।
ତୁମ୍ଭଙ୍କୁ ଏହି ପ୍ରକାରେ ତପସ୍ୟା କରେ ଯେ ଜନ
କୁଣ୍ଡଳିନୀ ମହା ଶକ୍ତି ଜାଗ୍ରତ ହୁଏ ପ୍ରମାଣ ।
କୋଟି କୋଟି ପ୍ରଣାମ ମା' ତୁମ୍ଭ ଶ୍ରୀଚରଣ ତଳେ
ଦୟାମୟୀ ଦୟା କର ପାପ ତାପ ନାଶି ହେଳେ ।

+ଶାରଳା ଭବନ ପୋତାପୋଖରୀ
ନୂଆବଜାର, କଟକ

## ମାଆ ବାଙ୍କେଶ୍ୱରୀ

ଗଞ୍ଜାମ ଜିଲ୍ଲା ଦଗପହଣ୍ଡି ଅନ୍ତର୍ଗତ କେରାଣ୍ଡିମାଳ ପାହାଡ଼ରେ ମାଆ ବାଙ୍କେଶ୍ୱରୀଙ୍କ ପୀଠ । ଦେବୀ ପ୍ରତ୍ୟକ୍ଷା । ଦେବୀଙ୍କ ଆବିର୍ଭାବ ସମ୍ପର୍କରେ ଏକ କିମ୍ବଦନ୍ତୀ ପ୍ରଚଳିତ । ତତକାଳୀନ ବଡ଼ଖେମୁଣ୍ଡି ରାଜା ଥିଲେ ଅନନ୍ତ ଅନଙ୍ଗକେଶରୀ । ୧୬୩୨ରୁ ୧୬୮୨ ମଧ୍ୟରେ ତାଙ୍କ ଶାସନକାଳ ଥିଲା ରାଜାଙ୍କୁ ଏକଦା ଦେବୀ ବାଙ୍କେଶ୍ୱରୀ ସ୍ୱପ୍ନାଦେଶ ଦେଲେ ଯେ, ସ୍ଥାନୀୟ ଡୁମୁକା ଗ୍ରାମର ପୂର୍ବ ଦିଗରେ ଜଣେ ଋଷିଙ୍କ ଦ୍ୱାରା ସେ ପୂଜା ପାଉଛନ୍ତି । ତାଙ୍କର ଯଥାଯୋଗ୍ୟ ପୂଜା ବିଧି କରାଯାଉ । ରାଜା ସୈନ୍ୟସାମନ୍ତ ସହ ସେହି ସ୍ଥାନକୁ ଯାଇ ଦେବୀଙ୍କ ଦିବ୍ୟ ରୂପ ଦର୍ଶନ କଲେ । ଦେବୀଙ୍କ ସେବା-ପୂଜା ପାଇଁ ରାମ ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କୁ ସେବାୟତ ଭାବେ ନିଯୁକ୍ତ କଲେ । ସେହି ସମୟରୁ ରାମ ପ୍ରଧାନଙ୍କ ବଂଶଧର ଦେବୀଙ୍କ ପୂଜକ ଭାବେ କାର୍ଯ୍ୟକରୁଛନ୍ତି । ଏମାନେ ଆଦିବାସୀ ସଂପ୍ରଦାୟର ଏବଂ ଯାନି ରୂପେ ପରିଚିତ । ଦୋଳ ପୂର୍ଣ୍ଣମୀରେ ଦେବୀଙ୍କ ବାର୍ଷିକ ଯାତ୍ରା ଅନୁଷ୍ଠିତ ହୁଏ । ଦେବୀଙ୍କୁ ପୂଜାର୍ଚ୍ଚନା କଲେ ଠିକ୍ ସମୟରେ ବର୍ଷା ହେଉଥିବା ସ୍ଥାନୀୟ ଲୋକଙ୍କ ବିଶ୍ୱାସ ।



# ନକରାତ୍ମକ ନିଃସଙ୍ଗତା

ନିକଟରେ ହୋଇଥିବା ଏକ ଗବେଷଣାରୁ ଜଣାଯାଇଛି ଯେ ହୃଦରୋଗୀମାନଙ୍କ କ୍ଷେତ୍ରରେ ନିଃସଙ୍ଗତା ଘାତକ ହୋଇପାରେ । ଡେନମାର୍କର କୋପେନହେଗନ ବିଶ୍ୱବିଦ୍ୟାଳୟ ହସପିଟାଲରେ ଜଣେ ପିଏଚଡି ଛାତ୍ର ଏନିଓ୍ୱିନଗାର୍ଡ କ୍ରିଷ୍ଟେନସେନଙ୍କ ଦ୍ୱାରା କରାଯାଇଥିବା ଗବେଷଣାରୁ ଜଣାଯାଇଛି, ନିଃସଙ୍ଗତା କାରଣରୁ ଲୋକଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ସମସ୍ୟା ଏବଂ ରୋଗ ବଢୁଛି । ବିଶେଷକରି ଏହା ହୃଦଯନ୍ତ୍ର ସଂକ୍ରାନ୍ତ ଅସୁସ୍ଥତା ସୃଷ୍ଟି କରୁଛି । ତେବେ ଏକାକୀ ରହିବା ଅପେକ୍ଷା ନିଃସଙ୍ଗତା ଅନୁଭବ କରୁଥିବା ବ୍ୟକ୍ତିଙ୍କ ସ୍ଥିତି ବେଶୀ କ୍ଷତିକାରକ । ଏକା ରହୁଥିବା ମଣିଙ୍କେ ଅପେକ୍ଷା ଏମାନେ ଶୀଘ୍ର ମୃତ୍ୟବରଣ କରିଥାନ୍ତି । ଏମାନଙ୍କର ଚିନ୍ତା ଏବଂ ଅବସାଦରେ ଆକ୍ରାନ୍ତ ହେବା ତିନିଗୁଣ ଅଧିକ ଦେଖାଯାଇଥାଏ । ଯାହା ଜୀବନର ଗୁଣାତ୍ମକ ମାନ ହ୍ରାସ କରିଚାଲେ ।



### ଅବସାଦର ମୁଖ୍ୟ କାରଣ:

ଏକୁଟିଆ ମଣିଷ ବେଶୀ ଚିନ୍ତା କରନ୍ତି । ବୃଥାରେ ଅଧିକ ଚିନ୍ତା କରିବା ଦ୍ୱାରା ଅବସାଦର ସ୍ଥିତି ସୃଷ୍ଟି ହୁଏ, ଯାହା ହୃଦଯନ୍ତ୍ର ପାଇଁ ବିପଜ୍ଜନକ । ଆଜିକାଲି ସହରଗୁଡ଼ିକ ସହିତ କେତେକ ଗ୍ରାମରେ ମଧ୍ୟ ଆଧୁନିକ ଜୀବନଶୈଳୀ ତଥା ପରିବର୍ତ୍ତିତ ମୂଲ୍ୟବୋଧ ଯୋଗୁ ଅଧିକାଂଶ ଲୋକ ଏକାକୀ ରହିବାକୁ ବାଧ୍ୟ ହେଉଛନ୍ତି । ଲୋକେ ସୋସିଆଲ ମିଡିଆରେ ଯେତେ ସକ୍ରିୟ ରହୁଛନ୍ତି, ପ୍ରକୃତ ଜୀବନରେ ସେତିକି ନିଃସଙ୍ଗ । ଏହା ମସ୍ତିଷ୍କ ଉପରେ ଖୁବ ନକରାତ୍ମକ ପ୍ରଭାବ ପକାଇଥାଏ ।



### କ'ଣ କରିବେ:

ନିୟମିତ ଯୋଗ, ବ୍ୟାୟାମ ତଥା ଧ୍ୟାନ କରିବା ଦ୍ୱାରା ମାନସିକ ଉଦବେଗରୁ ମୁକ୍ତି ମିଳିପାରିବ । ଷ୍ଟ୍ରେସ ବା ଚିନ୍ତାରୁ ମୁକ୍ତି ପାଇବା ଲାଗି ପର୍ଯ୍ୟାପ୍ତ ସମୟ ଶୋଇବାକୁ ହୋଇଥାଏ । ଏହା ଅଭାବରେ ରକ୍ତ ଶର୍କରା, ରକ୍ତଚାପ ବଢ଼ି ଏକାଧିକ ରୋଗ ସୃଷ୍ଟିକରେ। ପାଣି ପିଇବା ଦ୍ୱାରା ଟେନସନ୍ କମେ । ତେଣୁ ଉଦବେଗ ବଢ଼ିଲେ ପ୍ରଚୁର ପାଣିପିଅନ୍ତୁ । ମନକୁ ଖୁସି ରଖିବାର ଚେଷ୍ଟା କରନ୍ତୁ । କାମ ଯେତେ କଲେ ମଧ୍ୟ ତା ଭିତରେ ମନ ଖୁସି କରିବା ଲାଗି ଗୀତ ଶୁଣନ୍ତୁ, ଫିଲ୍ମ ଦେଖିବାକୁ ଯାଆନ୍ତୁ, ଖେଳନ୍ତୁ, ବନ୍ଧୁ ପରିବାରବର୍ଗଙ୍କ ସହ କିମ୍ବା କୌଣସି ବିଶେଷ ବନ୍ଧୁଙ୍କ ସହିତ ଗପସପ କରନ୍ତୁ ନଚେତ ବୁଲିବାକୁ ବି ଯାଇପାରନ୍ତି । ବହୁବାର ଲୋକେ ନିଃସଙ୍ଗତା ପାଇଁ ନିଜକୁ ଦାୟୀ କରନ୍ତି । ସେମାନେ ଧରିନିଅନ୍ତି ଯେ ଅନ୍ୟମାନଙ୍କ ପାଖରେ ତାଙ୍କର କୌଣସି ମୂଲ୍ୟ ନାହିଁ । କିନ୍ତୁ ପରିସ୍ଥିତି ପାଇଁ ନିଜକୁ ବା ଅନ୍ୟକୁ ଦୋଷୀ କରିବା ବଦଳରେ ଏହାକୁ ସାମନା କରିବା ଜରୁରୀ।


### ଏକାପଣ ଖରାପ ନୁହେଁ:



ଏକଲା ବା ନିଃସଙ୍ଗ ହୋଇ ରହିବାର କେବଳ ନକରାତ୍ମକ ପ୍ରଭାବ ନାହିଁ । ଏହାର ସକାରାତ୍ମକ ଦିଗକୁ ଦୃଷ୍ଟି ଦେଇପାରନ୍ତି । ଏହା ସମ୍ପର୍କରେ ଉପୁଜିଥିବା ସମସ୍ୟାକୁ ଠାବ କରି ସମାଧାନ କରିବାର ଇଚ୍ଛା ସୃଷ୍ଟି କରାଏ ତଥା ଉପାୟ ଖୋଜିବାରେ ସାହାଯ୍ୟ କରେ । ନିଜକୁ ଆବିଷ୍କାର କରିବାର ସୁଯୋଗ ଦିଏ । ଫଳରେ ଭବିଷ୍ୟତର ଯୋଜନା ସଫଳ ସହଜ ହୋଇପାରେ ।

# ବୈଚିତ୍ର୍ୟ ଭରା ବାରଣ୍ଡା

ବାରଣ୍ଡା ବିନା ଘର ଅସମ୍ପୂର୍ଣ୍ଣ ଲାଗେ । ପ୍ରେମ ଭରା ରୋମାଣ୍ଟିକ ମୁହୂର୍ତ୍ତ ହେଉ କି ଅବସାଦ କିମ୍ବା ଏକୁଟିଆ ରହିବା ପାଇଁ ବାରଣ୍ଡା ଖୁବ ଭଲ ସ୍ଥାନ । ଜାଣନ୍ତୁ ବାରଣ୍ଡା ସଜାଇବାର କିଛି ବିଶେଷ ଉଦାହରଣ ।



୧ ଦ୍ୱିତୀୟ ମହଲା ସହ ଲାଗିଥିବା ବାରଣ୍ଡାରେ ପହଞ୍ଚିବା ପାଇଁ ଦୁଇ ତିନିଟି ଶିଡ଼ି ଓହ୍ଲାଇବାକୁ ପଷଡ଼ । ତେବେ ଏହାର ଆକୃତି ଦେଖିଲା ଭଳି । ସାଙ୍ଗମାନଙ୍କ ସହିତ ଚା' ଓ ଖୁସିଗପ ପାଇଁ ଏଇ ବାରଣ୍ଡା ବିଲକୁଲ ଫିଟ୍ ।

୨ ଟିକେ ନିରୋଳାରେ ରହିବାକୁ ଇଚ୍ଛା ହେଉଛି ? ବାରଣ୍ଡାରେ ବସି ସହରର ଦୃଶ୍ୟ ଦେଖି ଏକାକୀତ୍ୱକୁ ଉପଭୋଗ କରନ୍ତୁ ।

୩ ଖୁବ ଛୋଟ ବାରଣ୍ଡା । କାନ୍ଥରେ ଉଜ୍ଜ୍ୱଳ ହଳଦିଆ ରଙ୍ଗ ତଥା ପ୍ରକୃତିର ହାଲକା ସ୍ପର୍ଶ ଅବସାଦ ଦୂରେଇ ମନକୁ ସତେଜ କରିବ ।

୪ ଅର୍ଦ୍ଧ ଚନ୍ଦ୍ରାକାର ବାରଣ୍ଡା ଚାରିପଟେ ଗଛର ମେଳା ! ସକାଳୁ ବାମ୍ପଉଠା ଚା' କପଟିଏ ହାତରେ ଧରି ବସିଲେ ଦିନସାରା ସତେଜ ଲାଗିବ ।

୫- ଲିଭିଂ ରୁମକୁ ଲାଗି ରହିଛି ଏଇ ଛୋଟ ବାରଣ୍ଡା । ରୁମ ଓ ବାରଣ୍ଡା ମଝିରେ ରହିଛି ସ୍ଲାଇଡିଂ ଡୋର । କାଠର ପାର୍ଟିଶନ, ପାରମ୍ପରିକ ଚେୟାର ଓ ସବୁଜିମାରେ ଭରା ବାରଣ୍ଡା ଆପଣଙ୍କ ଜୀବନର ଆବେଗମୟ କ୍ଷଣକୁ ଉଜ୍ଜୀବିତ କରିବ ।

୬- ଲିଭିଂ ରୁମର ଏକ୍ସଟେନ୍‌ଶନ୍ ଭାବରେ ତିଆରି ହୋଇଛି ଏଇ ବାରଣ୍ଡା । କାଚର ସ୍ଲାଇଡିଂ ଡୋର ହେଲା ବିଭାଜିକା । ଘରେ ବସି ସାଙ୍ଗ ସାଥୀମାନଙ୍କ ସହିତ ଖୁସିଗପ ହେବା ସାଙ୍ଗକୁ ସହରର ଦୃଶ୍ୟକୁ ଉପଭୋଗ କରିବାର ଏକ ନିଆରା ବ୍ୟବସ୍ଥା ।

୭- ବାରଣ୍ଡାରେ ନୂଆ ମାତ୍ରା ଆଣିଛି ଏକ ଦୋଳି । ଏକୁଟିଆ କିମ୍ବା ଦୁହେଁ ମିଶି ଅବସର ସମୟ ବିତାଇବା ପାଇଁ ଏହାଠାରୁ ଉପାୟ ଆଉ କ'ଣ ହୋଇପାରେ !



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆହୁରି ୩ ମାସ ସାବଧାନତା...

କେତେକ ହାତଗଣତି ପକେଟକୁ ଛାଡ଼ି ଏବେ ସାରା ଦେଶରେ କରୋନା ମହାମାରୀ ସ୍ଥିତି ସୁଧାରିବାକୁ ଆରମ୍ଭ କରିଛି । ବୁଧବାର ଦିନ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି କରୋନା ସଂପର୍କୀତ ସଦ୍ୟତମ ସ୍ଥିତି ରିପୋର୍ଟରେ କୁହାଯାଇଛି ଯେ ଗତ ୨୪ ଘଣ୍ଟା ମଧ୍ୟରେ ସାରା ଦେଶରେ ମାତ୍ର ୧୮ ହଜାର ୮୩୩ ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ଯାହାକି ଗତ ୨୦୩ ଦିନ ମଧ୍ୟରେ ସର୍ବନିମ୍ନ । ସେହିଭଳି ମୃତ୍ୟୁସଂଖ୍ୟା ମଧ୍ୟ କମିବାରେ ଲାଗିଛି ଏବଂ ତଦନୁପାତିକ ଭାବେ ଆରୋଗ୍ୟହାର ବୃଦ୍ଧି ପାଇଚାଲିଛି । ସମ୍ଭାବ୍ୟ ତୃତୀୟ ଲହରର ଆଶଙ୍କା ଏବେସୁଦ୍ଧା ସଂପୂର୍ଣ୍ଣ ଦୂର ହୋଇନଥିଲେ ମଧ୍ୟ ଆଗକୁ ପାର୍ବଣ ଋତୁ ଥିବାରୁ ସରକାରଙ୍କଠାରୁ ଜନସାଧାରଣଙ୍କ ପର୍ଯ୍ୟନ୍ତ ଏବେ ସଭିଏଁ ସନ୍ତ୍ରସ୍ତ ଅବସ୍ଥାରେ ରହିଛନ୍ତି । ଦେଶରେ ମିଳିଥିବା ଏହି ସଫଳତା ପଛରେ ଜନସାଧାରଣଙ୍କ ସତର୍କତା ଯେତିକି କାଟୁ କରିଛି ଟିକାକରଣ ସେତିକି ମାତ୍ରାରେ ସହାୟକ ହୋଇଥିବା ପରି ପ୍ରତୀୟମାନ ହୁଏ । ସେ ଯାହା ହେଉ, କରୋନା କବଳରୁ ଦେଶ ଧୀରେ ଧୀରେ ମୁକ୍ତିଲାଭ କରିବା ସମସ୍ତଙ୍କ ପାଇଁ ବେଶ୍ ଆଶ୍ୱସ୍ତିର ବିଷୟ । ଅନ୍ୟ ପକ୍ଷରେ କରୋନାରେ ମୃତ୍ୟୁବରଣ କରିଥିବା ଲୋକମାନଙ୍କୁ ସରକାରଙ୍କ ତରଫରୁ ମିଳୁଥିବା ଅନୁକମ୍ପାମୂଳକ ସହାୟତା ପ୍ରଦାନ ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳୟ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ତାହା ବାସ୍ତବିକ୍ ସମୟୋଚିତ ଓ ଯଥାର୍ଥ । ନିଜର ପ୍ରିୟଜନଙ୍କୁ ହରାଇଥିବା ପରିବାରଙ୍କ ପାଇଁ ଏହା ମଧ୍ୟ ଆଶ୍ୱସ୍ତି ପ୍ରଦାନକାରୀ । କରୋନାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପାଇଁ ମେଡିକାଲ ସାର୍ଟିଫିକେଟ ଏକାନ୍ତ ଜରୁରି ବୋଲି ପୂର୍ବରୁ ଯେଉଁ ବ୍ୟବସ୍ଥା ଥିଲା ମାନ୍ୟବର ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ତାହାକୁ କୋହଳ କରାଯାଇଛି । ଫଳରେ ଯେଉଁମାନେ କରୋନା ମହାମାରୀରେ ସଂକ୍ରମିତ ହୋଇ ପ୍ରାଣ ହରାଇଥିଲେ ସୁଦ୍ଧା ସେମାନଙ୍କ ପରିଜନ କୌଣସି ନା କୌଣସି କାରଣରୁ ଏଭଳି ମେଡିକାଲ ପ୍ରମାଣପତ୍ର ସଂଗ୍ରହ କରିପାରିନାହାନ୍ତି ଅଥବା ସେମାନଙ୍କୁ ଏଭଳି ପ୍ରମାଣପତ୍ର ଦିଆଯାଇନାହିଁ, ଏବେ ସେମାନେ ୫୦ ହଜାର ଟଙ୍କାର ଅନୁକମ୍ପା ରାଶି ପାଇପାରିବେ । ଅବଶ୍ୟ ଏଥିପାଇଁ ସେମାନଙ୍କୁ ଅନ୍ୟ ପ୍ରମାଣପତ୍ର ଦେଖାଇବାକୁ ପଡ଼ିବ । କିନ୍ତୁ ଲୋକମାନଙ୍କ ମନରେ କରୋନା ମୃତ୍ୟୁସଂଖ୍ୟା ଓ କାରଣକୁ ନେଇ ଯେଉଁ ଆଶଙ୍କା ଥିଲା ତାହା ଯଥେଷ୍ଟ ମାତ୍ରାରେ ସମାଧାନ ହୋଇପାରିଛି । କେବଳ କରୋନାରେ ଆକ୍ରାନ୍ତ ହୋଇ ନୁହେଁ, ଏପରିକି ଯେଉଁ ଲୋକମାନେ ଏହି ମହାମାରୀ ଭୟରେ ଆତ୍ମହତ୍ୟା କରିଛନ୍ତି ସେମାନଙ୍କ ପରିବାରଙ୍କୁ ମଧ୍ୟ ମାନବିକତା ଦୃଷ୍ଟିରୁ ଏଭଳି ସହାୟତା ରାଶି ପ୍ରଦାନ ନିମନ୍ତେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହା ଫଳରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନଡିଏମଏ) ଗତମାସରେ ଯେଉଁ ଗାଇଡଲାଇନ ଜାରି କରିଥିଲେ ସେଥିରେ ଏବେ ସଂଶୋଧନ କଟାଯିବ ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁସାରେ ହିତାଧିକାରୀମାନଙ୍କୁ ତିରିଶ ଦିନ ମଧ୍ୟରେ ଏହି କ୍ଷତିପୂରଣ ରାଶି ପ୍ରଦାନ କରିବେ । କରୋନା ମହାମାରୀ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱକୁ ଦୋହଲାଇ ଦେଇଛନ୍ତି ଏବଂ ସେଥିରେ ସଭିଏଁ ସମାନ ଭାବେ ଆକ୍ରାନ୍ତ । ତେଣୁ ନିଜର ପ୍ରିୟଜନଙ୍କୁ ହରାଇଥିବା ପରିବାରଙ୍କୁ ଏହି କ୍ଷତିପୂରଣ ରାଶି ସାମାନ୍ୟ ଆଶ୍ୱସ୍ତି ପ୍ରଦାନ କରିପାରେ । ଏପରିକି କରୋନା ଦ୍ୱାରା ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଥିବା ୮୪୫ ଜଣ ଶିଶୁଙ୍କୁ ପିଏମ କେୟାର ପାଣ୍ଠିରୁ ସହାୟତା ପ୍ରଦାନ ନିଷ୍ପତ୍ତି ସରକାରଙ୍କ ସହାନୁଭୂତିଶୀଳ ମନୋଭାବକୁ ସ୍ପଷ୍ଟ କରେ । ଏହା ସତ୍ତ୍ୱେ ଏକଥାକୁ ଭୁଲିଯିବା ଉଚିତ ହେବନାହିଁ ଯେ କରୋନା ମହାମାରୀ ଏବେସୁଦ୍ଧା ଦେଶରୁ ଦୂର ହୋଇନାହିଁ । ଆଗକୁ ପାର୍ବଣ ଋତୁ ଯୋଗୁ ସରକାର ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ନୂଆ ଗାଇଡଲାଇନ ଜାରି କରିଛନ୍ତି । କିନ୍ତୁ ଏହାକୁ ଅନୁପାଳନ କରିବା ଦାୟିତ୍ୱ ଜନସାଧାରଣଙ୍କର ଦୀର୍ଘ ଦେଢ଼ବର୍ଷ ଧରି ଯେଉଁ ସଫଳତା ହାସଲ କରାଯାଇଛି ତାହାକୁ ହାତଛଡ଼ା କରିବା ସମୀଚୀନ ହେବନାହିଁ । ବାସ୍ତବତା ହେଉଛି କରୋନା ଭୂତାଣୁ ତା'ର କାୟା ପରିବର୍ତ୍ତନ କରି ପୁଣି ଥରେ ଆତ୍ମପ୍ରକାଶ କରିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ । ତେଣୁ ବେଳହୁଁ ସାବଧାନ ।

## ମହରଗରେ ଜଡସଡ ଜନଜୀବନ! ସରକାରୀ ପଦକ୍ଷେପ କେବେ ?



ପ୍ରଦୋଷ କୁମାର ଦାସ

ରାଜ୍ୟରେ ଏବେ ସବୁ ଜିନିଷର ଦରଦାମ ହୁହୁ ହୋଇ ବଢିବାରେ ଲାଗିଛି। ନିତି ପ୍ରତିଦିନ ଖାଉଟି ତହୁଁ ତହୁଁ କ୍ରମବର୍ଦ୍ଧିଷ୍ଣୁ ମହଙ୍ଗା ମାଡରେ ନିପୀଡିତ ହୋଇଚାଲିଛନ୍ତି। ପରିସ୍ଥିତି ଏପରି ହେଲାଣିଯେ ଏବେ ସମାଜର ସବୁ ସ୍ତରର ଲୋକେ ଏହି ମହଙ୍ଗା ମାଡରେ ତ୍ରାହି ତ୍ରାହି ଡାକିଲେଣି। କରୋନା କାରଣରୁ ସମାଜର ସବୁ ବର୍ଗର ଲୋକଙ୍କର ଜୀବନ ଜୀବିକା ପ୍ରଭାବିତ ହୋଇଥିବା ବେଳେ ସଭିଙ୍କର ପ୍ରାୟ ଆର୍ଥିକ ମେରୁଦଣ୍ଡ ଭାଂଗିଯାଇଛି କହିଲେ ଚଳେ।

ଏଭଳି ସ୍ଥିତିରେ ବଜାର ଦର ବେଲଗାମ ହୋଇଚାଲିଛି। ମହଙ୍ଗା ମାଡରେ ବେହାଲ ସାଧାରଣ ଖାଉଟି କଲବଲ ହେଉଥିବା ବେଳେ ରାଜ୍ୟ ସରକାରଙ୍କ ସହ ବିରୋଧୀ ଦଳଯାଏଁ ସମସ୍ତେ ଚୁପ ବସିଯାଇଥିବା ଘୋର ଦୁଃଖ ଓ ପରିତାପର ବିଷୟ ହୋଇଛି। ପେଟ୍ରୋଲ, ଡିଜେଲ, ଗ୍ୟାସ ଠାରୁ ଆରମ୍ଭ କରି ଖାଇବା ତେଲ, ଡାଲି, ପିଆଜ ଅନ୍ୟାନ୍ୟ ପରିବାପତ୍ରର ଦର କ୍ରମେ ବଢି ବଢି ଚାଲିଥିବାବେଳେ ଏହାକୁ ନିୟନ୍ତ୍ରଣ କରିବାରେ ସରକାର ସତେ ଅବା ବିଫଳ ହୋଇ ହାତ ଟେକି ଦେଇଛନ୍ତିକି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ?!

ଚଳିତ ମାସ ପ୍ରାରମ୍ଭରେ ଗ୍ୟାସ ସିଲିଣ୍ଡର ଦର ୯୨୬ ଟଙ୍କା ହୋଇଛି। ପ୍ରତି ମାସରେ ଏହି ବର୍ଦ୍ଧିତ ଦରରେ ୧୫ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ଯୋଡି ହୋଇ ଚଲିଛି। ଏହା ଖୁବ ଶୀଘ୍ର ୧ ହଜାର ଟଙ୍କାକୁ ଟପିଯିବ ବୋଲି ଚର୍ଚ୍ଚା ହେଉଛି। ରୋଷେଇ ଘରେ ଗ୍ୟାସ ଜାଳେଣୀ ମହଙ୍ଗା ଜନୀତ ଅତିରିକ୍ତ ଆର୍ଥିକ ଚାପ ଏଡାଇବାକୁ ଅସହାୟ ଗୃହିଣୀ ଆଖିରୁ ଲୋତକ ନିଗାଡୁଛି।ଗ୍ୟାସ ବିକଳ୍ପ ଆପଣେଇ ଗ୍ରାମୀଣ ମହିଳା କାଠ ଜାଳ ସଂଗ୍ରହ କରି ରୋଷେଇ କରିବାକୁ ଲାଗିଲେଣି। ଅହେତୁକ ତଥା ବେଲଗାମ ଗ୍ୟାସ ଦର ବୃଦ୍ଧି ଜନୀତ ସମସ୍ୟାରେ ଜୁଝି ହୋଇ ଘରର ଝିଅବୋହୂମାଆ ମାନେ ରୋଷେଇ ପାଇଁ କାଠ, କାଠିକୁଟା, ପତର ଆଦି ଜାଳି ପୁଣି ସେହି ଅତୀତର ନିଆଁଧୁଆଁ, କଳା, ଅଂଗାରରେ ଘାଣ୍ଟି ହେଉଥିବା ଦେଖାଯାଉଛି। ନିତି ନକଲେ ନଚଳେ, ରୋଷେଇ ନିଆଁ କାଠଜାଳ ଧୂଆଁରେ ନୟାନ୍ତ ମହିଳାଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କ ଉଜ୍ୱଳ ଗ୍ୟାସ ଯୋଜନା ବେଲଗାମ ଦର ବୃଦ୍ଧି ଯୋଗୁଁ ଏବେ ଦିନୁଦିନ ଫସର ଫାଟିଯାଉଥିବା ସ୍ପଷ୍ଟ ଅନୁମେୟ ହେଉଛି।

ଗ୍ୟାସ ଜାଳେଣୀ ଦର ସମସ୍ୟାରେ ଉବୁଟୁବୁ ପରିବାରଙ୍କ ପାଇଁ ଦୈନିକ ଖାଦ୍ୟ ଯୋଗାଡ ପାଇଁ ଆବଶ୍ୟକ ଆନୁସଂଗୀକ ବିଭିନ୍ନ ପରିବା ଦର ଓ ରାସନ ସାମଗ୍ରୀର ଦର କ୍ରମେ ବଢିଚାଲିଛି। ହରଡ ଓ ମୁଗ ଡାଲି ଦାମ କେଜି ପିଛା ୧ ଶହ ଟଙ୍କା ପାର କରିଗଲାଣି । ବୁଟ ଡାଲି ଓ ମଟର କେଜି ୭୧ ଟଙ୍କାରୁ ୭୪ ଟଙ୍କା ହେଲାଣି । ଲିଟର ପିଛା ଯଥାକ୍ରମେ ସୋରିଷ ତେଲ ୧୯୧ ଟଙ୍କା, ସୂର୍ଯ୍ୟମୁଖୀ ତେଲ ୧୫୫ରୁ ୧୬୦ ଟଙ୍କା, ପାମୋଲିନ ୧୫୦ ଟଙ୍କା, ଜିରା, ସୋରିଷ, ସୁଜି, ବେସନ, ଲୁଣ ଆଦିର ଦର ବଢିବାରେ ଲାଗିଛି। ମହରଗରେ ବେହାଲ ଖାଉଟିଙ୍କୁ ଧରି ରଖିବାକୁ ଅସାଧୁ ବ୍ୟବସାୟୀ ଖୁଚୁରା ଓ ପ୍ୟାକେଟ ଖୋଲା ରାସନ ସାମଗ୍ରୀକୁ ଭେଜାଲ କରି ବର୍ଦ୍ଧିତ ଦରଠାରୁ ସାମାନ୍ୟ ଖସାଇ ନିରୀହ ଖାଉଟିଙ୍କୁ ଆକର୍ଷିତ କରାଇ ସାମାନ ବିକ୍ରୀ କରିବାର ମତଲବ ଏଭଳି ବେଲଗାମ ବଜାରକୁ ବେଶ ସୁହାଉଥିବା ପ୍ରକାଶ। ଫଳରେ ଚିନି, ସୁଜି, ବେସନ, ତେଲ, ଅଟା, ଡାଲି, ଲୁଣ ଆଦି ତେଜରାତି ସାମାନ ର ସ୍ୱଭାବିକ ସ୍ୱାଦ କ୍ରମେ ପୂର୍ବ ଭଳି ଆଉ ସ୍ୱାଦିଷ୍ଟ ଲାଗୁନାହିଁ। ସରକାରୀ କଳର ଉଦାସୀନତା କାରଣରୁ ବେପରୁଆ ବେପାରୀ ଖାଉଟିଙ୍କ ଆର୍ଥିକ, ସ୍ୱାସ୍ଥ୍ୟ ସହ ଖେଳି ମୁନାଫା କମାଉଥିବା ବେଳେ ଏହି ଦରବୃଦ୍ଧି ସାଂଗକୁ ଭେଜାଲ ବେପାର ଏବେ ରାଜ୍ୟର ବିଭିନ୍ନ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମୁଣ୍ଡ ବ୍ୟଥାର କାରଣ ହୋଇଛି।

ପେଟ୍ରୋଲ ଦର ଲିଟର ପିଛା ୧୦୪ ଡେଇଁଲାଣି। ସେହିଭଳି ଡିଜେଲ ଲିଟର ପିଛା ୧ ଶହ ପାର କରିଗଲାଣି। ବେଲଗାମ ତୈଳ ଦରକୁ ସରକାର ନିୟନ୍ତ୍ରଣ କରିବାରେ ଅସହାୟ ହୋଇଯାଇଛନ୍ତି। ଫଳରେ ଯାନବାହାନରେ ପରିବା ଠାରୁ ରାସନ ଓ ଅନ୍ୟାନ୍ୟ ନିତ୍ୟନୈମିତ୍ତିକ ସାମାନର ସ୍ଥାନାନ୍ତରଣ, ବାଣିଜ୍ୟିକ କାରବାର ଓ ପରିବହନ ପାଇଁ ଆବଶ୍ୟକ ଇନ୍ଧନ ପାଇଁ ତୈଳ ଦର ଅହେତୁକ ବୃଦ୍ଧି ପାଇଚାଲିଥିବାରୁ ଏହାର ସିଧାସଳଖ ପ୍ରଭାବ ବଜାର ଓ ଖାଉଟିଙ୍କ ଉପରେ ପଡୁଛି। କରୋନା କଷଣ ଠାରୁ ବେଲଗାମ ବଜାର ଦର ମାରତ୍ମକ ଭୂତାଣୁ ଭଳି ଉପରମୁହାଁ ମାଡି ଚାଲିଛି।

କେବଳ ସେତିକି ନୁହେଁ, ସରକାର ବିଜୁଳି ବିଭାଗ ଉପରୁ ନିଜର ନିୟନ୍ତ୍ରଣ ଘରୋଇ କଂପାନୀ ହସ୍ତରେ ଛାଡିଦେଇ ବେଫିକର ଥିବାବେଳେ ଘରୋଇ କଂପାନୀର ବିଜୁଳି ଦର ବୃଦ୍ଧି ବିଦ୍ୟୁତ ଗ୍ରାହକ ଓ ଉପଭୋକ୍ତାଙ୍କ ଉପରେ ମନ ଇଚ୍ଛା ଆର୍ଥିକ ଶୋଷଣ କରି ଦାଉ ସାଧିବାରେ ଲାଗିଛି।

ଯାନବାହାନ ଇନ୍ଧନ ନିମିତ୍ତ ତୈଳ ଦର ନିୟନ୍ତ୍ରଣ ସମେତ ଆମର ଖାଦ୍ୟ ଦ୍ରବ୍ୟ, ଅନ୍ୟାନ୍ୟ ଖାଉଟି ସାମାନ, ତଥା ବିଭିନ୍ନ ଜୀବନ ରକ୍ଷାକାରୀ ଦ୍ରବ୍ୟର ଅହେତୁକ ମୂଲ୍ୟ ବୃଦ୍ଧିକୁ ରୋକିବାକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ତୁରନ୍ତ ପାରସ୍ପରିକ ସମନ୍ୱୟ ରକ୍ଷାକରିବା ଜରୁରୀ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିଜ ନିଜର ଧାର୍ଯ୍ୟ ବିଭିନ୍ନ ବାଣିଜ୍ୟିକ ଟିକସ ନିୟନ୍ତ୍ରଣ ନିମନ୍ତେ ସୁସଂହତ ଉପାୟରେ ଏକ ଗଠନମୂଳକ ବୁଝାମଣା ଉପରେ ଉପନୀତ ହେବା ନିହାତି ଜରୁରୀ।

ପେଟ୍ରୋଲ ଡିଜେଲ ଦର ନିତି ବଢିବଢି ଚାଲିଛି ! ଗ୍ୟାସ ଦର ସମ୍ଭାଳିବାକୁ ସାଧାରଣ ଖାଉଟି ଓ ଗୃହିଣୀଟିଏ ପାଇଁ ଅଣାୟତ୍ତ ହେଲାଣି। ସରକାରୀ ନିୟନ୍ତ୍ରଣ ବାହାରେ ଥିବା ତୈଳ ଓ ରନ୍ଧନ ଗ୍ୟାସ ଇନ୍ଧନର ବେଲଗାମ ଦର ନିୟନ୍ତ୍ରଣ ପାଇଁ ସରକାର ଏଗୁଡିକୁ ତୁରନ୍ତ ନିଜ ନିୟନ୍ତ୍ରଣକୁ ଆଣିବା ଉଚିତ୍। ସରକାରୀ ସ୍ତରରେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାର ବାଣିଜ୍ୟିକ କାରବାର ସମେତ ସହାୟକ ମୂଲ୍ୟ ନିର୍ଦ୍ଧାରଣ ପାଇଁ ମଧ୍ୟ ବ୍ୟବସ୍ଥା ହେବା ଉଚିତ୍। ତୈଳର ବଜାର ଦର ଅନିୟନ୍ତ୍ରଣ ରହିଲେ ଏହାର ପ୍ରଭାବ ସିଧାସଳଖ ବଜାର ଉପରେ ପଡିବ। ଫଳରେ ଦରଦାମର ଶିକାର ହୋଇ ଖାଉଟିଙ୍କୁ ନିଷ୍ପେସିତ ହେବାକୁ ପଡିବ। ଏହା ଆମ ରୋଷେଇ ଘରେ ମଧ୍ୟ ଝଡ ସୃଷ୍ଟି କରିବ। ଏହା କ୍ରମେ ଦାବାନଳ ସ୍ୱରୂପ ପ୍ରତି ଘରୁ ପ୍ରସରିଯାଇ ଦେଶର ଅର୍ଥନୀତିକୁ କ୍ରମେ ପଂଗୁ କରିଦେବ।

କାରଣ ସବୁ ଆଡେ ଏବେ କେବଳ ମହରଗ ଓ ମହରଗ। କରୋନାଠାରୁ ମଧ୍ୟ ଏହା ଦୁଃସହ ହୋଇଗଲାଣି। ସବୁ ଜିନିଷର ବେଲଗାମ ଦରବୃଦ୍ଧି କାରଣରୁ ଅତି ସାଧାରଣରେ ମଧ୍ୟ ଏବେ ଜୀବନ ବଞ୍ଚିବା ଭାରି ଦୁଷ୍କର ହୋଇପଡିଲାଣି। ଖାଦ୍ୟ ଯୋଗାଡରେ ବାଧକ ହୋଇ ଚାଲିଥିବା ଏହି ଅହେତୁକ ଦରଦାମ ବୃଦ୍ଧି ସିଧାସଳଖ ଆମ ରୋଷେଇ ଶାଳରେ ଚଡକ ସ୍ୱରୂପ ସୃଷ୍ଟି ହୋଇ ଝଡ ସମାନ ବହିବାରେ ଲାଗିଛି। ତୁରନ୍ତ ଏହି ମହରଗ ସମସ୍ୟାର ନିଦାନ ନବାହାର କରାଗଲେ ଆଗକୁ ହୁଏତ ତାହା ନିଶ୍ଚୟ ଖାଉଟିଙ୍କ ମଧ୍ୟରେ କୁହୁଳି କୁହୁଳି ଚାଲିଥିବା ଅସନ୍ତୋଷକୁ ପ୍ରଜ୍ୱଳିତ କରାଇ କ୍ରମେ ବନାଗ୍ନୀର ରୂପ ନେଇପାରେ ବୋଲି ଆଶଙ୍କା ବ୍ୟକ୍ତ କରାଯାଉଛି। ସରକାର ଆଗକୁ ଆଉ ସୁପ୍ତ ଓ ଉଦାସୀନ ନରହି ପ୍ରାଶାସନିକ ସ୍ତରରେ ଅର୍ଥନୈତିକ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଏହି ମହରଗ ସମସ୍ୟାର ଅପନୋଦନ ଦିଗରେ ତ୍ୱରିତ ଯୋଜନା ପ୍ରସ୍ତୁତ କରିବା ଜରୁରୀ। ଏହାକୁ କାର୍ଯ୍ୟରେ ତଡିତ ରୂପାୟନ କଲେ ହୁଏତ ଆଗକୁ ସଂକଟ ଟଳିଯାଇ ବଜାର ଦରଦାମ ନିୟନ୍ତ୍ରଣ ହୋଇପାରିବ, ଯାହା ନିଃସନ୍ଦେହ ଅଟେ।


+ ସ୍ତମ୍ଭକାର,
ସା/ପୋ:-ନାଟୁଣୀ, ଜିଲ୍ଲା:-
ଖୋରଧା-୭୫୨୦୩୪
ମୋ: ୬୩୭୦୪୯୫୯୪୪


## ସ୍ୱଚ୍ଛ ଭାରତର ପରିକଳ୍ପନା



ଜୟଶ୍ରୀ ପଟ୍ଟନାୟକ

ସମାଜକୁ ସ୍ୱଚ୍ଛ ଓ ସୁନ୍ଦର କରିବାର ସରକାରୀ ଯୋଜନା କୁ ସତ୍ୟରେ ପରିଣତ କରିବା ପାଇଁ ଅଫିସର ଠାରୁ ତଳିଆ କର୍ମଚାରୀ ସମସ୍ତେ ଲାଗି ପଡିଛନ୍ତି । ଏସବୁ ଦେଖି ଗାଁ ଗାଁ ସାହି ସାହି ରେ ଚାଲିଲା ପରିବେଶ କୁ ସ୍ୱଚ୍ଛ ରଖିବାର ଅଭିଯାନ ।

ରାମବାବୁଙ୍କ ଘର ଆଗରେ ସରକାରୀ ସ୍କୁଲ ର କ୍ୱାର୍ଟର । କ୍ୟାମ୍ପସ ର ଚାରିପଟ କାନ୍ଥରେ ରଙ୍ଗବ୍ରଶ ରେ ଲେଖା ହୋଇଗଲା'' ଏଠାରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ।'' ଏବଂ ଇଂରାଜୀରେ'' Do not throw garbage inside the boundary." ରାମବାବୁଙ୍କ ଘର ସାମନାରେ ସରକାରୀ କଲୋନୀ ଟା । ଅଡୁଆରେ ପଡିଗଲେ ରାମବାବୁ । କାରଣ ତାଙ୍କ ଘରେ ଗୁହାଳର ଗାଇ ଗୋବର ଠାରୁ ଘରର ଯେତେକ ଅଳିଆ ଆବର୍ଜନା ପକାଇବା ନିମନ୍ତେ ଇଞ୍ଚେ ବି ଜାଗା ନଥିଲା । ପଞ୍ଚାୟତ ଭିତରେ ରହୁଥିବାରୁ ସଫେଇବାଲା କି ଡ଼ଷ୍ଟବିନର କିଛି ସାଧନ ବି ନଥିଲା । ମୁନିସିପାଲଟି ବଡ ବଡ ସହରରେ ସିନା ଅଳିଆ ଉଠେଇବାର ବ୍ୟବସ୍ଥା ଅଛି ମ୍ୟୁନିସିପାଲିଟିର ହେଲେ ଗାଁ, ପଞ୍ଚାୟତ ଏମାନଙ୍କର ସେ ସୁବିଧା କାହିଁ ? ତେଣୁ ରାମ ବାବୁ ଅଭ୍ୟାସଗତ ଭାବରେ ପାଖରେ ଥିବା ସରକାରୀ କଲୋନୀର ପରିସର ଭିତରେ ଅଳିଆ ପକାଉଥିଲେ । ଯେମିତି ଦେଖି ଦେଇଛନ୍ତି ନାଲି ଅକ୍ଷର ଲେଖା ସତର୍କ ସୂଚନାର ଦୁଇ ଧାଡି ତାଙ୍କ ମୁଣ୍ଡକୁ ପୋକ କାଟିଲା । କଣ କରିବେ ବୋଲି ।

ଶେଷକୁ ଅନନ୍ୟୋପାୟ ହୋଇ ବଡି ଭୋରରୁ ଶେଯରୁ ଉଠି ସାମନାରେ ଲେଖା ଯାଇଥିବା ସୂଚନାରୁ ନାଲିଆ ରଙ୍ଗ ମାରି ଲିଭେଇଦେଲେ ଦୁଇଟି ଶବ୍ଦ ଇଂରାଜୀରେ'' Do Not" ଆଉ ଓଡ଼ିଆରେ'' ନାହିଁ'' । ଏଥର ରହିଲା ବାକିତକ ଲେଖା ସହି ସଲାମତ ରେ । ଧାଡି ଦୁଇଟି ହେଲା "Throw garbage inside the boundary'' ଆଉ ଓଡ଼ିଆରେ 'ଏଠାରେ ଅଳିଆ ପକାନ୍ତୁ' ବାସ ଏବେ କାମ ଶେଷ । ଏକ ସ୍ୱଚ୍ଛ ଓ ନିର୍ମଳ ପରିବେଶ ତିଆରି କରିବାରେ ସେ ସମ୍ପୂର୍ଣ୍ଣ ସଫଳ ହୋଇଗଲେ । ଆଉ ଗାନ୍ଧୀଙ୍କର ସ୍ୱଚ୍ଛ ଭାରତ ଅଭିଯାନ ସ୍ୱପ୍ନ କୁ ସାର୍ଥକ କରିଦେଲେ । ତା ପରଦିନ ସରପଞ୍ଚ ଏ ନେଇ ସଭା ଟିଏ ଡକେଇଲେ । ସାହିର ଯେତିକି ପୁରୁଖା ଓ ଗଣ୍ୟ ମାନ୍ୟ ବ୍ୟକ୍ତି ସଭାରେ ଉପସ୍ଥିତ ରହି ମତାମତ ଦେଲେ । ଏଥର ପଡିଲା ରାମବାବୁଙ୍କ ପାଳି । ରାମବାବୁ ସାହିର ଜଣେ ଆଗଧାଡ଼ିର କୁଳିନେତା ।

ଧୋବ ଧାଉଳିଆ ଧୋତିକୁ ପକେଟରେ ଟିକେ ଗୁଂଜି ଭାଷଣ ଦେବାକୁ ଆରମ୍ଭ କଲେ । ବନ୍ଧୁଗଣ ! ଆମେ ଆମର ଚାରି ପାଖର ପରିବେଶକୁ ସଫା ରଖି ନିରୋଗ ରହିପାରିବା । ପରିବେଶ ସଫା ରଖି ସମାଜର ଉନ୍ନତି କରିପାରିବା । ଅନ୍ୟମାନଙ୍କୁ ସ୍ୱଚ୍ଛ ଓ ନିର୍ମଳ ପରିବେଶ ଗଠନ ପାଇଁ ସଚେତନ କରିପାରିବା । ଏହା ଦ୍ୱାରା ଗାନ୍ଧିଜୀଙ୍କର ସୁସ୍ଥ ଓ ସୁନ୍ଦର ଭାରତର ସ୍ୱପ୍ନକୁ ସାକାର କରିପାରିବା । ସଭା ଭିତରୁ ପିଲାଟିଏ ଛିଡା ହୋଇ ଅଧା ଲୁଚି କହିଦେଲା - ଆପଣ ସିନା ଓଜସ୍ୱିନୀ ଭାଷଣ ଦେଇଦେଲେ ନିଜେ ଏସବୁ ପାଳନ କରୁଛନ୍ତି ତ ଆଜ୍ଞା ? ରାମବାବୁ ଚଷମା ଫାଙ୍କରୁ ଖୋଜୁଥିଲେ କିଏ କହିଲା ଏ କଥା ବୋଲି । ଟିକିଏ ଭାବିଲେ ସରକାରୀ କ୍ୱାର୍ଟର ର ବାଉଣ୍ଡାରୀ କାନ୍ଥ ରେସତର୍କ ସୂଚନା ଧାଡି ରୁ ଲିଭେଇଥିବା ଦୁଇଟି ଶବ୍ଦ "Do not, 'ଆଉ 'ନାହିଁ' କଥାଟା ପିଲାଟି ତାହେଲେ ଦେଖି ଦେଇଛି ବୋଧେ । ନ ହେଲେ ଏମିତି କୁହନ୍ତା କାହିଁକି ?

ଏଥର ରାମବାବୁ କୃତ୍ରିମ ହସ ଟିଏ ହସିଲେ । ଆଉ କଣ କହିବାକୁ ଯାଉଥିଲେ ପିଲାଟି ତାଙ୍କ ଅବଗୁଣ କୁ ପଦାରେ ପକାଇଦେବାରୁ ଲଜ୍ଜିତ ହୋଇଗଲେ । ଏତିକି ଭାବୁ ଭାବୁ ହୋ ହଲ୍ଲା ଆଉ କରତାଳି ରେ ଫାଟି ପଡୁଥିଲା ସଭା ସ୍ଥଳୀ । ତାଙ୍କ କାନରେ କିଏ ଯେମିତି କହୁଥିଲା ନିଜେ ଆଗ ପରିବେଶକୁ କିପରି ସ୍ୱଚ୍ଛ ଓ ନିର୍ମଳ ରଖିବାକୁ ହେବ ସେ କଥା ଶିକ୍ଷାକର ତାପରେ ଏକଥା ସମାଜକୁ ଶିଖେଇବ ।

ସଭା ଶେଷ ହେଲା ପରେ ବଗୁଲିଆ ଟୋକାଟା ହସି ହସି କହିଲା- ଅଜା ତୁମେ ନିଜେ ତ ଗୋବର, ଅଳିଆ ପକାଉଛ ସରକାରୀ କ୍ୱାଟର କ୍ୟାମ୍ପସରେ । ସେଦିନ ନିଜ ହାତରେ ଲିଭେଇଦେଲ ସତର୍କ ସୂଚନାରୁ ଯାହା, ମୁଁ ଦେଖିଛି ସେ କଥା । ଏତିକି କହୁ କହୁ ରାମବାବୁ ତା ପାଟିକୁ ଚୁପ ଚୁପ କରି ଦେଉଥିଲେ । ଏସବୁ କଥା କହିଲେ ତାଙ୍କୁ ସଭାରେ ଲଜ୍ଜିତ ହେବାକୁ ପଡିବ ବୋଲି । ପକେଟରୁ ଦୁଇଟି ଚକୋଲେଟ କାଢ଼ି ପିଲାଟିକୁ ଖାଇବାକୁ ଦେଲେ ଏବଂ ଘରକୁ ଯା ବୋଲି କହିଲେ । ପିଲାଟି ନାଚି କୁଦି ଘର ଆଡ଼କୁ ଚାଲିଗଲା ।

କହିବାର କଥା ହେଲା ଆମେ ଯାହା ଭାଷଣ ମାଧ୍ୟମରେ କହୁଛେ ତାକୁ ପ୍ରଥମେ ପାଳନ କରିବା ଦରକାର । ଆମକୁ ଦେଖି ଲୋକେ ଅନୁକରଣ କରିବେ । ଯଦି ଆମେ କହୁଥିବା କଥା ଓ କାମରେ ତାଳମେଳ ରହିବନି ତେବେ କହୁଥିବା କଥା ହାସ୍ୟାସ୍ପଦ ରେ ପରିଣତ ହୁଏ । ନିତିଦିନ ଆମ ଘର ମାନଙ୍କରୁ ଶୁଖିଲା ଓଦା, ପରିବା ଚୋପା, ପଲିଥିନ, କାଗଜ ଅନେକ କିଛି ବାହାରିଥାଏ ସେଗୁଡିକୁ ମ୍ୟୁନିସିପାଲିଟିର ବ୍ୟବସ୍ଥିତ ସଫେଇ ଗାଡ଼ିରେ ପକାଇ ଦେବା ସ୍ୱାସ୍ଥ୍ୟ ପକ୍ଷେ ହିତକର । ପୁରୁଣା ଟାୟାର ଟିଉବ,ଖାଲ, ଖମାରେ ପାଣି ଜମିବା ଦ୍ୱାରା ଡେଙ୍ଗୁ, ମ୍ୟାଲେରିଆ ବ୍ୟାପିଥାଏ ସେଥିରୁ ନିଜକୁ ସୁରକ୍ଷିତ ରଖିବା ଉଚିତ । ଅନେକ ସମୟରେ ଦେଖାଯାଏ ଘର କିମ୍ବା ପାନ ଦୋକାନ, ଚାହା ଦୋକାନ, ଜଳଖିଆ ଏବଂ ଅନ୍ୟାନ୍ୟ ଛୋଟ ବଡ଼ ଦୋକାନ ନିକଟରେ ଥିବା ନାଳରେ ଚାହା ପିଇବା ପ୍ଲାଷ୍ଟିକ ଗ୍ଲାସ, କାଗଜ ଗ୍ଲାସ, ସିଗାରେଟ ଖୋଳ, ଜଳଖିଆ ପ୍ଲେଟ, ପଲିଥିନ ଆଦି ଜିନିଷ ପକାଇ ଦିଅନ୍ତି ଯା ଦ୍ୱାରା ନାଳ ମାନଙ୍କରେ ସେଗୁଡିକ ଜମା ହୋଇ ପାଣି ଯିବାରେ ଅସୁବିଧା ସୃଷ୍ଟି କରେ, ଦୁର୍ଗନ୍ଧ ହୁଏ । ସେଥିପ୍ରତି ଦୃଷ୍ଟି ଦେବାକୁ ହୁଏ । ଏବେ ପାର୍ବଣ ଋତୁ ମୂର୍ତ୍ତି ବିସର୍ଜନ ପରେ ଏବଂ ଫୁଲମାଳ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ନଦୀରେ, ପୋଖରୀରେ ପଡିବା ଦ୍ୱାରା ପରିବେଶ ଦୂଷିତ ହୁଏ । ଯାହାକି ମାଛ କଇଁଛ ଅନ୍ୟାନ୍ୟ ଜଳଚର ପ୍ରାଣୀଙ୍କର ମୃତ୍ୟୁର କାରଣ ହୁଏ । ଦୂଷିତ ଜଳ ପିଇବା ଦ୍ୱାରା ଆମକୁ ମଧ୍ୟ ବିଭିନ୍ନ ପ୍ରକାର ରୋଗ ସଂକ୍ରମିତ ହୁଏ । ଗାଁ ମାନଙ୍କରେ ଏଠି ସେଠି ମଳ ତ୍ୟାଗ କରିବା ଦ୍ୱାରା ପରିବେଶ ଦୂଷିତ ହୋଇଥାଏ । ୨୦୧୯ ଶେଷରେ ସାରା ବିଶ୍ୱକୁ ଚହଲାଇ ଦେଲାପରି ରୋଗ କରୋନା ସହିତ ସମସ୍ତେ ଭଣା ଅଧିକେ ପରିଚିତ ହୋଇଛେ । ଯାହା ଆମର ଅର୍ଥନୈତିକ, ସାମାଜିକ ଜୀବନକୁ ବହୁ ମାତ୍ରାରେ ପ୍ରଭାବିତ କରିଛି । ଅନେକ ଚିହ୍ନା ମୁହଁ ଆମ ଭିତରୁ ଇତିମଧ୍ୟରେ ବିଦାୟ ନେଇ ସାରିଲେଣି । ସେଥିନିମନ୍ତେ ଚାରୋଟି କଥା ଉପରେ ଆମକୁ ଧ୍ୟାନ ଦେବାକୁ ପଡିବ ଯଥା ମାସ୍କ ପିନ୍ଧିବା, ହାତ ଧୋଇବା, ଦୂରତା ରକ୍ଷା କରିବା ଏବଂ ଡାକ୍ତରଖାନାକୁ ଯାଇ ଟୀକାକରଣ ବ୍ୟବସ୍ଥା ରେ ନିଜକୁ ସାମିଲ କରିବା ଏବଂ ପାଖ ପଡୋଶୀଙ୍କୁ ମଧ୍ୟ ଏହି ବିଷୟରେ ସଚେତନ କରିବା।

ମୋଟା ମୋଟି କହିବାକୁ ଗଲେ ସ୍ୱଚ୍ଛ ଭାରତ ଏକ ଅଭିଯାନ ଯାହା ମାଧ୍ୟମରେ ଆମେ ନିଜକୁ ସ୍ୱଚ୍ଛ ସୁସ୍ଥ ରଖି ଅନ୍ୟମାନଙ୍କୁ ସେଥିନିମନ୍ତେ ସଚେତନ କରାଇବା । ଆମେ ଭଲ ରହିଲେ, ଆମ ପରିବେଶ ଭଲ ରହିବ । ପରିବେଶ ଭଲ ରହିଲେ ଗାଁ, ସହର ଦେଶର ଉନ୍ନତି ହୋଇପାରିବ । ତେଣୁ ଆସନ୍ତୁ ଆଜି ପରି ଗାନ୍ଧୀ ଜୟନ୍ତୀର ପବିତ୍ର ଦିବସରେ ସ୍ୱଚ୍ଛତା, ସୁସ୍ଥତା ପ୍ରତି ଧ୍ୟାନ ଦେଇ ଏକ ସୁନ୍ଦର ଭାରତ ଗଢିବାରେ ସହାୟକ ହେବା ।


+ ଭୁବନେଶ୍ୱର,
(ମୋ)୭୯୭୮୧୧୦୪୭୪





### ପୁଣ୍ୟ ମୋ ଜନମ ଭୂଇଁ
ଧ୍ରୁବ ଚରଣ ବେହେରା



ବୀର ଭାରତର ନାଗରିକ ଆମେ
ଜାତିୟତା ଆମ ମନ୍ତ୍ର
ଆମ ଦେଶ ଆମ ଜାତିର ଗୌରବ
ସ୍ୱଚ୍ଛ ଆମ ଗଣତନ୍ତ୍ର ।।

ଆମରି ମାଟିର ବୀର ବଳିଦାନେ
ପାଇଅଛୁ ସ୍ୱତନ୍ତ୍ରତା
ଲହୁ ଲୁହ ଭରା କାହାଣୀରେ ଲେଖା
ସ୍ୱତନ୍ତ୍ର ତା'ର କବିତା ।।

ଭିଭିନ୍ନତା ମଧ୍ୟେ ରଖିଛି ଏକତା
ମାନବିକତାର ମନ୍ତ୍ରେ
ଧର୍ମ ନିରେପେକ୍ଷ ସାର୍ବୋଭୌମତ୍ୱ ଯେ
ସମ୍ରାଜ୍ୟବାଦର ସୁତ୍ରେ ।।

ଗାନ୍ଧି ଗୋପବନ୍ଧୁ ସୁଭାଷ ବୋଷଙ୍କ
ଚିର ବଳିଦାନ ଗାଥା
ବଖାଣି ବସିଲେ ହୋଇଯାଏ ପୋଥି
ସରେ ନାହିଁ ତାଙ୍କ କଥା ।।

ଏ ମାଟିକୁ ଥରେ ଚିପୁଡିଲେ ବହେ
ତ୍ୟାଗ ବଳିଦାନ ଧାରା
ବନ୍ଦୀର କାହାଣୀ ସ୍ମୃତିଭରା ବାଣୀ
ବୀରଭୋଗେ ବସୁନ୍ଧରା ।।

ନିଜ କୋଳେ କେତେ ଜନମ ଦେଇଛି
ହିସାବ ତା ରଖିନାହିଁ
ରାଜଗୁରୁ ପୁଣି ସୁଖଦେବ ଯୋଦ୍ଧା
ଭଗତ୍ ସିଂ ଲକ୍ଷ୍ମୀବାଇ ।।

ପୁଣ୍ୟ ଏହି ମାଟି ସୁନାର କଷଟି
ବୀର ଭାରତର ଦେଶ
ତ୍ୟାଗର ଗାରିମା ବିଜୟର ଗାଥା
ଅମର ତା' ଜୟ ଘୋଷ ।।

ଏ ମାଟି ସେବାରେ ନଇଁ ଯାଉ ମଥା
ଦେଶ ପ୍ରୀତି ଭାବ ନେଇ
ପବିତ୍ର ଏ ମାଟି ହସୁଥାଉ ସଦା
ଧନ୍ୟ ମୋ ଜନମ ଭୂଇଁ ।।


ବିଜୟ ତିଳକ ବୀର ଯୋଦ୍ଧା ପଣ
ଏ ଦେଶ ସୈନିକ ଶକ୍ତି
ଉଡୁଥାଉ ସଦା ତ୍ରିରଙ୍ଗା ସୀମାନ୍ତେ
ଗାଇ ବିଜୟର ଗୀତି ।।

ଆସରେ ଆସରେ ମୋ ଭାଇ ଭଉଣୀ
କର ନାହିଁ ଆଉ ଡେରି
ପାଠ ପଢି ହେବା ଭଲ ନାଗରିକ
ଏହା ଆମ ଶିକ୍ଷା ଶିରୀ ।।

ମନ ପ୍ରାଣ ଢାଳି ଦେଶ ଜାତି ଲାଗି
ଭଲ କର୍ମ କରି ଯିବା
ଭଲ କର୍ମ କଲେ ଦୁନିଆରେ ଦିନେ
ସୁନାମ ନିଶ୍ଚେ ଅର୍ଜିବା ।।


+ ଅଠରବାଟିଆ,ବାଲୁଗାଁ,ଖୋର୍ଦ୍ଧା
(ମୋ) ୮୩୨୮୯୩୦୫୫୪


### ଏଇ ଶରତରେ ...
ନିରଞ୍ଜନ ସାହୁ



ସମୟର ଚକ ଗଡି ଗଡି ଯାଏ
ଆସିଯାଏ ଋତୁ ଶରତ
ପ୍ରକୃତି ନିଜକୁ ସଜାଇ ବସଇ
ସୁନ୍ଦର ଦିଶଇ ମରତ ।

ନୀଳ ଆକାଶରେ ଧଳା ମେଘଖଣ୍ଡ
ବୋଇତ ପରାଏ ଭାସେ
ନଈର ପଠାରେ କାଶତଣ୍ଡି ଫୁଲ
ମୁରୁକି ମୁରୁକି ହସେ
ଶରତ ଆସିଲେ ମାଡ଼ିଆସେ ପରା
କେତେ ପୂଜା କେତେ ବରତ ।

ସରୋବରେ ଦିଶେ କାଚକେନ୍ଦୁ ପାଣି
ଫୁଟୁଥାଏ ପଦ୍ମ, କଇଁ
ବରଷାର ଭାଉ କମି ଯାଇଥାଏ
ପଚର ପଚର ନାହିଁ
ସରଗ ରାଇଜୁ ଆସିବେ ମା' ଦୁର୍ଗା
ଫେଡ଼ିବେ ସକଳ ଆରତ ।ଅଅଅଅଅଅ


+ ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
(ମୋ) ୯୯୩୮୭୪୧୫୮୩


### ମେଘାସନ ଓ ଶିମିଳିପାଳ
ପ୍ରଶ୍ନ କୁମାର ଶତପଥୀ



ମୟୂରଭଞ୍ଜର ମେଘାସନ ଅଟଇ
ସବୁଜ ସୁନ୍ଦର ଅତ୍ୟନ୍ତ କମନୀୟ
ଆଉ ଶାନ୍ତ,
ନୀଳାଭ ଦିଗମ୍ବର ଆବରଣେ
ମେଘାସନ ବହୁ ସବୁଜ
ପାଦପେ ହୋଇଛି ଭୂଷିତ ।

ମେଘାସନ ପରବତେ ନିଇତି
ଝରିପଡୁଛି ଆକାଶ ଆସନରୁ
ମେଘର ଝରଣା,
ମେଘାସନ ଶିମିଳିପାଳ ଦେହରୁ
କଳକଳ ନାଦରେ ବହିଚାଲିଛି
କେତେ ଝରଣା ।

ବରଷା କାଳେ ମେଘାସନ ପ୍ରେମେ
ଆକାଶ ଝର ବରଷିଯାଏ
ତରଳ ଚୁମ୍ବନ ଭରି,
ମେଘାସନ ପରବତେ ଶିମିଳିପାଳ ବଣେ
ନିତି ବରଷା ନିଜକୁ ଦିଅଇ ପ୍ରସାରୀ ।
ମେଘାସନ ଆଉ ଶିମିଳି ପାଳ ଦେହେ
କେତେ କେତେ ଅଙ୍କାବଙ୍କା
ମାରଗ ଲମ୍ବିଯାଇଛି,
ଉତୁଙ୍ଗ ଶିଖର ବିଶାଳକାୟ ଗଛ
କେତେକାଳୁ ମୟୂରଭଞ୍ଜର
ଶୋଭା ବଢ଼ାଇଛି ।

ଶିମିଳିପାଳ ଗରଭେ
କେତେକେତେ ପଶୁ
କେତେକେତେ ମଣିଷ
ପ୍ରଶାନ୍ତରେ ଜୀଉଁଛନ୍ତି,
ଦର୍ଶନୀୟ ସ୍ଥାନକୁ ନିତି କେତେଦୂରୁ
ବ୍ୟକ୍ତିବିଶେଷ ଭ୍ରମଣ
କରିବାକୁ ଆସୁଛନ୍ତି ।


+ ଦୁମାଡ଼ିହି, ଜାମଦା, ମୟୂରଭଞ୍ଜ


### କଳ୍ପିତ ରାମରାଜ୍ୟ
ସୁଦର୍ଶନ ମହାପାତ୍ର

ଶୋଇଗଲ ତୁମେ ଚିର ନିଦ୍ରାରେ
ବାଛିନେଲ ମୁକ୍ତିର ପଥ
ସବୁ ସ୍ୱପ୍ନ ତୁମେ ଅଜାଡିଦେଲ
ତୁମ କଳ୍ପିତ ରାମରାଜ୍ୟର
ଫୁଙ୍ଗୁଳା ଛାତିରେ।

ବ୍ୟାପିଛି କପଟତା
କୋଣେ ଅନୁକୋଣେ
ଶୁଭଇ ଅଟ୍ଟହାସ୍ୟ ଅଦମ୍ୟ ପିପାସାର
କୁଆଁରୀ ମାଂସର ଶେଷହୀନ ବିଳାପ
କଷଣ ଶୋଷଣର ପ୍ରଜ୍ୱଳିତ ଅଗ୍ନିଶିଖା
ଦୃଶ୍ୟମାନ ଏବେ
ତୁମ କଳ୍ପିତ ରାମରାଜ୍ୟରେ ।

ତୁମ ମାନସ ସନ୍ତାନ ରାମରାଜ୍ୟ
ଏବେ ବ୍ୟଭିଚାରୀ ମାନଙ୍କ
କବଜାରେ,
ଅନୀତି ଓ ଦୁର୍ନୀତିର ବୈଜୟନ୍ତୀ
ଉଡେ ଫର ଫର
ନୀତି ନୈତିକତାର ଧ୍ୱଂସ ସ୍ତୁପ ଉପରେ
ଟକମକ ଫୁଟୁଚି ଶୋଣିତ
ପ୍ରତିହିଂସାର ନିଆଁରେ... !

ହେ ବାପୁଜୀ ,
ଏ ମାଟି ଗୌରବ ଚିର ଭାସ୍କର !
ଫେରିଆସ ଆଉ ଥରେ
ତୁମ କଳ୍ପିତ ରାମରାଜ୍ୟକୁ
ଆଉ ଏକ ମହାନ୍ଧକାର
ପାଦ ଥାପିବା ପୂର୍ବରୁ
ଏ ପୂଣ୍ୟ ମାଟିରେ... !!!


+ କୁଞ୍ଜବିହାରୀ ଲେନ, କଟକ



# ଇସ୍କରୁ ଅରୁନ୍ଧତୀ

'କିଏ ହେବ ମୋ ହିରୋଇନ୍'ର ମୁକୁଟ ବିଜୟିନୀ ଏଲିନା ଚଳଚ୍ଚିତ୍ର 'ଇସ୍କ ତୁ ହି ତୁ' ମାଧ୍ୟମରେ ବଡ଼ ପରଦାରେ ପାଦ ଥାପିଥିଲେ। ଏହାପରେ କେହି ନୁହେଁ କାହାର, ଜଗା ହାତରେ ପଘା (ରିମେକ), ଲଭ୍ ଷ୍ଟେସନ୍, ଝିଅଟା ବିଗିଡ଼ି ଗଲା, ଅଭୟ ଆଦି ଚଳଚ୍ଚିତ୍ରର ନାୟିକା ସାଜି ଏଲିନା ନିଜ ନୃତ୍ୟ ଓ ଅଭିନୟର ନିପୁଣତା ପ୍ରଦର୍ଶନ କରିଛନ୍ତି। ଏହା ଭିତରେ ଏଲିନାଙ୍କ ଅଭିନୟ ମଧ୍ୟ ପରିପକ୍ୱ ହେଇଛି। ତେବେ ପୂଜା ଅବସରରେ ମୁକ୍ତିଲାଭ କରିବାକୁ ଥିବା ଆକ୍ସନ୍ ବେସଡ ମୁଭି 'ଅରୁନ୍ଧତୀ'ରେ ଏଲିନା ମୁଖ୍ୟ ନାରୀ ଚରିତ୍ର ଅରୁନ୍ଧତୀ ଭୂମିକାରେ ଅବତୀର୍ଣ୍ଣ ହେଇଛନ୍ତି।

ରମେଶ ବାରିକ ଓ ଅଜିତାଭ ମଲ୍ଲିକଙ୍କ ପ୍ରଯୋଜିତ ଏଇ ସିନେମାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମଦାର। ଏଥର ପୂଜା ସିଜିନ୍‌ରେ 'ଅରୁନ୍ଧତୀ' ହେଉଛି ସବୁଠୁ ବିଗ୍ ବଜେଟ୍‌ର ସିନେମା। ନିକଟରେ 'ସଲାମ୍ ଭୁବନେଶ୍ୱର' ସିନେମାରେ ମୁଖ୍ୟ ଚରିତ୍ର ଭାବେ ଚୁକ୍ତି କରିଥିବା ରାଜବୀର ରିଲିଜ୍ କରିବାକୁ ଯାଉଥିବା 'ଅରୁନ୍ଧତୀ'ରେ ମଧ୍ୟ ନାୟକ ଭୂମିକାରେ ଅଛନ୍ତି। ବେଙ୍ଗଲୀ ମୁଭି 'ଭୋକାତା'ରେ ଅଭିନୟ କରିଥିବା ଏଲିନାଙ୍କ ହାତରେ ଏବେ ଅଫର ପରେ ଅଫର। ଶୁଣାଯାଉଛି ନିର୍ମାଣ ହେବାକୁଥିବା 'ଡୁପ୍ଲିକେଟ୍ ଭଗବାନ', 'ପ୍ରେମରେ ମୁଁ ଏମବିବିଏସ୍', 'ପ୍ରେମ ଦିୱାନୀ' ଓ 'ଗଜପତି' ଆଦି ଚଳଚ୍ଚିତ୍ରରେ ଏଲିନାଙ୍କୁ ମଧ୍ୟ ନାୟିକା ଭାବେ ଦେଖିବାକୁ ମିଳିବ।

# ପୁଅରୁ ଝିଅ ହେଲେ ବଲିଉଡର ଫ୍ୟାସନ୍ ଡିଜାଇନର





ବଲିଉଡର ଜଣେ ପ୍ରସିଦ୍ଧ ଫ୍ୟାସନ୍ ଡିଜାଇନର୍ ପୁଅରୁ ଝିଅ ପାଲଟିଯାଇଛନ୍ତି। ସେ ହେଲେ ସ୍ୱପ୍ନିଲ ସିନ୍ଦେ। ବର୍ତ୍ତମାନ ଏକ ନୂତନ ନାମ ଏବଂ ଚେହେରା ସହିତ ଦୁନିଆରେ ନିଜ ପରିଚୟ ସୃଷ୍ଟି କରିଛନ୍ତି। ସ୍ୱପ୍ନିଲ ମାତ୍ର ୩୯ ବର୍ଷ ବୟସରେ ସାୟଶା ସିନ୍ଦେ ହୋଇଛନ୍ତି। କିନ୍ତୁ ଏଠାରେ ପହଞ୍ଚିବା ପାଇଁ ତାଙ୍କୁ ଅନେକ ସଂଘର୍ଷର ସାମ୍ନା କରିବାକୁ ପଡ଼ିଛି। ନିଜର ପରିଚୟ ବଦଳାଇବା ପରେ ସାୟଶା ସୋସିଆଲ ମିଡିଆରେ ତାଙ୍କ ମନ କଥା ସେୟାର କରିଛନ୍ତି। ଏଥି ସହିତ, ନିଜକୁ ଏକ ନୂତନ ପରିଚୟ ଦେବା ପରେ ସାୟଶା ଇନଷ୍ଟାଗ୍ରାମରେ ଏକ ଭାବପ୍ରବଣ ନୋଟ୍ ଲେଖିଛନ୍ତି।

ସାୟଶା ଲେଖିଛନ୍ତି, 'ପିଲାଦିନରୁ ମୁଁ ଏକା ବଞ୍ଚିବା, ଯନ୍ତ୍ରଣା ଏବଂ ଅନେକ ଚାପ ସହିଛି। ୨୦ ବର୍ଷ ବୟସରେ ମୁଁ ମୋର ସତ୍ୟକୁ ଗ୍ରହଣ କରିବାକୁ ସାହସ ପାଇଲି ଏବଂ ମୁଁ ଏଥିରେ ପ୍ରକୃତରେ ଖୁସି। ମୁଁ ସମଲିଙ୍ଗୀ ବ୍ୟକ୍ତି ନୁହେଁ। ମୁଁ ଜଣେ ଟ୍ରାନ୍ସୱମ୍ୟାନ୍।'

ସାୟଶା ଆହୁରି ଲେଖିଛନ୍ତି, 'ସ୍କୁଲ ଏବଂ କଲେଜ ଦିନରେ ସମସ୍ତ ପୁଅ ମୋ ଠାରୁ ଦୂରେଇ ରହୁଥିଲେ। କାରଣ ମୁଁ ସେମାନଙ୍କଠାରୁ ଭିନ୍ନ ଥିଲି। ତା'ପରେ ମୁଁ ଏକ ଏପରି ସତ୍ୟରେ ବଞ୍ଚୁଥିଲି ଯାହା ମୋର ନୁହେଁ। ମୁଁ ସେହି ସମୟରେ ମୋତେ ଶ୍ୱାସରୁଦ୍ଧ ଅନୁଭବ ହେଉଥିଲା। ମୁଁ ଜୀବନରେ ଅନେକ ଭିନ୍ନ ଜିନିଷ ଦେଖିଛି। ଯାହା ମୁଁ କେବେ କଳ୍ପନା କରି ନ ଥିଲି।

# କଙ୍ଗନା ଲଢ଼ିବେ ନିର୍ବାଚନ!

ହିମାଚଳ ପ୍ରଦେଶର ମଣ୍ଡି ଆସନରେ ହେବାକୁ ଥିବା ଉପ-ନିର୍ବାଚନରେ ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାୱତ ନିର୍ବାଚନ ଲଢ଼ି ପାରନ୍ତି। ସେ ବିଜେପି ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଗତ ମାର୍ଚ୍ଚରେ ବିଜେପି ସାଂସଦ ରାମସ୍ୱରୂପ ଶର୍ମାଙ୍କ ଦେହାନ୍ତ ପରେ ଏହି ଆସନ ଖାଲି ରହିଛି। ମଣ୍ଡି ଲୋକସଭା ବ୍ୟତୀତ ହିମାଚଳ ପ୍ରଦେଶ ବିଜେପି ନିର୍ବାଚନ କମିଟି ଅକ୍ଟୋବର ୩୦ରେ ରାଜ୍ୟର ତିନୋଟି ବିଧାନସଭା ଆସନରେ ଅନୁଷ୍ଠିତ ହେବାକୁ ଥିବା ଉପ-ନିର୍ବାଚନ ପାଇଁ ପ୍ରାର୍ଥୀ ଚୂଡ଼ାନ୍ତ କରିବାକୁ ଯାଉଛି। ଅପରପକ୍ଷରେ କଙ୍ଗନା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଖୋଲାଖୋଲି ଭାବେ ଇଚ୍ଛା ପ୍ରକାଶ କରିନାହାନ୍ତି। କିନ୍ତୁ ବିଜେପି କଙ୍ଗନାକୁ ଟିକେଟ୍ ଦେବା ସପକ୍ଷରେ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, କଙ୍ଗନା ମଣ୍ଡି ଜିଲ୍ଲାର ଭମ୍ବଲା ଗାଁ ଏବଂ ନିକଟରେ ମନାଲିରେ ନିଜର ନୂତନ ଘର ନିର୍ମାଣ କରିଛନ୍ତି। ଏହା ମଧ୍ୟ ମଣ୍ଡି ସଂସଦୀୟ ନିର୍ବାଚନମଣ୍ଡଳୀ ଅଧୀନରେ ରହିଛି।




# ଚେତାବନୀ ଦେଲେ ଅନୁଷ୍କା



ବଲିଉଡର ଜଣାଶୁଣା ଅଭିନେତ୍ରୀ ଅନୁଷ୍କା ଶର୍ମା। ସେ ଦୀର୍ଘ ଦିନ ହେବ ବଡ଼ ପରଦାଠାରୁ ଦୂରେଇ ରହିଛନ୍ତି। କିନ୍ତୁ ସେ ସୋଶାଲ ମିଡିଆରେ ବେଶ ଆକ୍ଟିଭ। ପ୍ରାୟତଃ ସେ କିଛି ନା କିଛି ଫଟୋ ହେଉ ଅବା ଭିଡିଓ ଶେଆର କରନ୍ତି। ନିକଟରେ ଏଭଳି ହିଁ ଏକ ଫଟୋ ଶେଆର କରିଛନ୍ତି ଅନୁଷ୍କା। କିନ୍ତୁ ଫଟେକୁ ଶେଆର କରି ସେ କଡା ଚେତାବନୀ ଦେଇଛନ୍ତି। ଏଥିସହ ଏହି ମାମଲାରେ ତାଙ୍କ ସହ ପଙ୍ଗା ନନେବା ପାଇଁ ମଧ୍ୟ କହିଛନ୍ତି।

ପ୍ରକୃତରେ ଅନୁଷ୍କା ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟୋରୀରେ ଏକ ବହିର ଫଟୋ ଶେଆର କରିଛନ୍ତି। ଏଥିରେ ବୃକ୍ଷ ଏବଂ ଉଦ୍ଭିଦ ଉପରେ ନିଜ ଜୀବଶୈଳୀର ଫାଇଦା କ'ଣ ରହିଛି ତାହା ଉଲ୍ଲେଖ ଅଛି। ଏହ ଫଟୋକୁ ଶେଆର କରି ଅନୁଷ୍କା ଲେଖିଛନ୍ତି, 'ମାଂସ ଖାଉଥିବା ବ୍ୟକ୍ତି ଦୟାକରି ଏହାକୁ ପଢ଼ନ୍ତୁ ଏବଂ ଶାକାହାରୀ ଜୀବନଶୈଳୀ ଉପରେ ମୋ ସହ ଯୁକ୍ତିତର୍କ କରିବାକୁ ଚେଷ୍ଟା କରନ୍ତୁ ନାହିଁ ବୋଲି ଅନୁଷ୍କା ଚେତାବନୀ ଦେଇଛନ୍ତି।' ଏହି ବହିକୁ ସାଇମନ୍ ହିଲ୍ ଲେଖିଛନ୍ତି, 'ଦି ପ୍ରୁଫ୍ ଇନ୍ ପ୍ଲାଣ୍ଟସ୍', ଯାହା ଅନୁଷ୍କା ଜିମରେ ପଢ଼ିବା ସମୟରେ ଶୋୟାର କରିଛନ୍ତି। ଏହା ସ୍ପଷ୍ଟ ଯେ ଯଦି ଅନୁଷ୍କା ଏହି ବହିଟିକୁ ପଢୁଛନ୍ତି ତେବେ ସେ ଅନ୍ୟମାନଙ୍କ ଅପେକ୍ଷା ଶାକାହାରୀ ଖାଦ୍ୟ ଖାଇବାର ଲାଭ ଜାଣିଥିବେ। ଏଭଳି ପରିସ୍ଥିତିରେ ତାଙ୍କ ସହ ଯୁକ୍ତିତର୍କ ନକରିବା ଭଲ ହେବ। ଅନୁଷ୍କା ପୂରା ଭେଜିଟେରିଆନ୍ ଏବଂ ସେ ଦୀର୍ଘ ସମୟ ଧରି ଏହାକୁ ଅନୁସରଣ କରୁଛନ୍ତି। ସେ ଶାକାହାରୀ ଖାଦ୍ୟ ଖାଇବା ପାଇଁ ଲୋକଙ୍କୁ ସଚେତନ ମଧ୍ୟ କରାଉଛନ୍ତି। ସେ PETAର 'ହଟେଷ୍ଟ ଭେଜିଟେରିଆନ୍ସ' ତାଲିକାରେ ମଧ୍ୟ ସ୍ଥାନ ପାଇଛନ୍ତି। ପଶୁମାନଙ୍କର ସୁରକ୍ଷା ଏବଂ ଅଧିକାର ପାଇଁ ସେ ସ୍ୱର ଉତ୍ତୋଳନ ମଧ୍ୟ କରନ୍ତି। ସୂଚନା ମୁତାବକ, ଅନୁଷ୍କା ଶର୍ମା ନିକଟରେ ସ୍ୱାମୀ ବିରାଟ କୋହଲି ଏବଂ ଝିଅ ଭମିକା ସହ ଇଂଲଣ୍ଡ ଯାଇଥିଲେ। ସେଠାରୁ ସେ ଏବେ ମୁମ୍ବାଇ ଫେରି ଆସିଛନ୍ତି। ମୁମ୍ବାଇ ଫେରିବା ପରେ କିଛି ବିଜ୍ଞାପନ ଶୁଟ୍‌ରେ ବ୍ୟସ୍ତ ଅଛନ୍ତି। କିଛି ଦିନ ତଳ ତାଙ୍କୁ ଶୁଟିଂ ସେଟ୍‌ରେ ଦେଖିବାକୁ ମିଳିଥିଲା।



# ଶାହାରୁଖଙ୍କ ନାଁରେ ସାଘାତିକ ଅଭିଯୋଗ ଆଣିଲେ ଶର୍ଲିନ

ବଲିଉଡର କିଙ୍ଗ ଖାନ୍ ଶାହାରୁଖଙ୍କ ବିରୋଧରେ ଆସିଛି ସାଘାତିକ ଅଭିଯୋଗ। ଅଭିନେତ୍ରୀ ଶର୍ଲିନ୍ ଚୋପ୍ରା ତାଙ୍କ ନାଁ ଅଭିଯୋଗ ଆଣିଛନ୍ତି। ଶାହାରୁଖ ଖାନ୍‌ଙ୍କ ପାର୍ଟିରେ ବଲିଉଡର ଷ୍ଟାରମାନଙ୍କ ପତ୍ନୀମାନେ କୁଆଡେ ଧଳା ପାଉଡର ସେବନ କରୁଥିବା ନେଇ ସେ ଦାବି କରିଛନ୍ତି।

ପ୍ରକୃତରେ ଶର୍ଲିନ୍ ଚୋପ୍ରା ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏକ ପୁରୁଣା ଇଣ୍ଟରଭ୍ୟୁର ଭିଡିଓକୁ ଶେଆର କରିଛନ୍ତି। ଏହି ଭିଡିଓରେ ସେ ଶାହାରୁଖ ଖାନ୍‌ଙ୍କ ସହ ଜଡିତ ଏକ ପାର୍ଟି ବିଷୟରେ ଉଲ୍ଲେଖ କରିଛନ୍ତି। ଭିଡିଓରେ ଶର୍ଲିନ କହିଛନ୍ତି, 'ଯେତେବେଳେ ମୁଁ ନାଚି ନାଚି ଥକି ଯାଇଥିଲି, ମୁଁ ୱାଶରୁମ୍ ଆଡକୁ ଗଲି। ମୁଁ ୱାଶରୁମ୍ ଯିବାକୁ କବାଟ ଖୋଲିଲି, ତା' ଭିତରର ଦୃଶ୍ୟ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି। ମୁଁ କୌଣସି ଭୁଲ ସ୍ଥାନକୁ ଚାଲି ଆସିଥିବା ପରି ମୋତେ ଲାଗିଲା। ସେଠାରେ ବଲିଉଡ ତାରକାଙ୍କ ପତ୍ନୀମାନେ ମିରର ସାମ୍ନାରେ ଠିଆ ହୋଇ ଧଳା ପାଉଡର ନେଉଥିଲେ।'

ଶର୍ଲିନ ଆହୁରି କହିଛନ୍ତି, ଏଭିଳ ଦୃଶ୍ୟ ଦେଖି ମୁଁ ଏକ ପ୍ରକାର ଚକିତ ହୋଇଯାଇଥିଲି। ମୋତେ ଜୋରଦାର ଧକ୍କା ଲାଗିଥିଲା ମୁଁ ସେହି ଷ୍ଟାରମାନଙ୍କ ପତ୍ନୀଙ୍କ ଆଡକୁ ଦେଖି ହସିଲି। ତାଙ୍କ କାର୍ଯ୍ୟକୁ ଅଣଦେଖା କରିବା ଭଲ ବୋଲି ଭାବିଲି। ମୁଁ ଦେଖିଲି ସମସ୍ତେ ନିଜ ଭିତରେ ହଜି ଯାଇଛନ୍ତି । ଏହା ପରେ ମୁଁ ଶାହାରୁଖ ଖାନ ଏବଂ ତାଙ୍କ ବନ୍ଧୁଙ୍କୁ କହି ସେଠାରୁ ଚାଲିଗଲି। ସେଦିନ ମୁଁ ବୁଝିଲି ଯେ, ବଲିଉଡରେ ଏଭଳି ପାର୍ଟି ହେଉଛି।'

ବର୍ତ୍ତମାନ ଶର୍ଲିନଙ୍କ ଏହି ଭିଡିଓ ସୋସିଆଲ ମିଡିଆରେ ଖୁବ ଶୀଘ୍ର ଭାଇରାଲ ହେବାରେ ଲାଗିଛି। ମୁମ୍ବାଇ ଡ୍ରଗ୍ସ ପାର୍ଟି ମାମଲାରେ ବଲିଉଡ ଅଭିନେତା ଶାହାରୁଖ ଖାନ୍‌ଙ୍କ ପୁଅକୁ ଏନ୍‌ସିବି ଗିରଫ କରିଛି। ତାଙ୍କ ସହ ଆଉ ୮ ଜଣଙ୍କୁ ଏନ୍‌ସିବି ଗିରଫ କରି ରିମାଣ୍ଡରେ ନେଇଛି। ତାବା ଆର୍ଯ୍ୟନ୍ ଖାନ୍ ଗିରଫ ହେବା ପରେ ଏହି ଖବର ଏବେ ବି-ଟାଉନରେ ହଇଚଇ ସୃଷ୍ଟି କରିଛି। ଅନେକ ସେଲେବ୍ରିଟି ତାଙ୍କୁ ସମର୍ଥନ କରୁଥିବା ବେଳେ ଆଉ କିଛି ତାଙ୍କୁ ସମର୍ଥନ କରୁନଥିବା ଦେଖିବାକୁ ମିଳିଛି।

# ପୁଣିଥରେ ବିବାହ କଲେ ଗୁରମିତ ଓ ଦେବିନା

ଛୋଟ ପରଦାର ଲୋକପ୍ରିୟ ଦମ୍ପତି ଗୁରମିତ ଚୌଧୁରୀ ଓ ଦେବିନା ବାନାର୍ଜୀଙ୍କୁ ନେଇ ଅଧିକାଂଶ ସମୟରେ ଚର୍ଚ୍ଚା ହୋଇଥାଏ। ଦୁହିଁଙ୍କ ଫଟୋ ବହୁତ ଭାଇରାଲ ହୁଏ। ଆଉ ଏବେ ଉଭୟଙ୍କର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଫଟୋରେ ଦମ୍ପତି ବରକନ୍ୟା ରୂପରେ ନଜର ଆସିଛନ୍ତି। ଦୁହେଁ ପୁଣିଥରେ ବଙ୍ଗାଳି ରୀତିନୀତି ଅନୁସାରେ ବିବାହ କରିଛନ୍ତି। ବିବାହ ବେଳେ ଦୁହେଁ ବଙ୍ଗାଳି ପାରମ୍ପରିକ ପୋଷାକ ମଧ୍ୟ ପିନ୍ଧିଛନ୍ତି। ଗୁରମିତ ଓ ଦେବିନା ନିଜ ନିଜର ସୋସିଆଲ ମିଡିଆ ଆକାଉଣ୍ଟରେ ଫଟୋ ସେୟାର କରିଛନ୍ତି। ଫଟୋ ସେୟାର କରିବା ପରେ ପ୍ରଶଂସକଙ୍କ ତରଫରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଦେବିନା ପାରମ୍ପରିକ ବଙ୍ଗାଳି ଶାଢ଼ି ପିନ୍ଧିଥିବା ବେଳେ ଗୁରମିତ ଧୋତି ସହ କ୍ରିମ ରଙ୍ଗର କୁର୍ତା ପିନ୍ଧିଥିବା ନଜର ଆସିଛନ୍ତି। ଫଟୋ ସେୟାର କରି ଗୁରମିତ ହାର୍ଟ ଇମୋଜି ସହ 'ଫାଇନାଲି' ଲେଖିଛନ୍ତି।

୨୦୦୫ରେ ସାହାରାର ଏକ କାର୍ଯ୍ୟକ୍ରମରେ ଗୁରମିତ ଓ ଦେବିନାଙ୍କ ସାକ୍ଷାତ ହୋଇଥିଲା। ଦେବିନା କୋଲକାତାରୁ ଓ ଗୁରମିତ ମୁମ୍ବାଇରୁ ଯାଇଥିଲେ। ଦୁହେଁ ପ୍ରତିଯୋଗୀ ଭାବେ ଭେଟିଥିଲେ। ଧୀରେ ଧୀରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ହୋଇଥିଲା ଓ ବନ୍ଧୁତା ପରେ ପ୍ରେମରେ ପରିଣତ ହୋଇଥିଲା। ଏହାପରେ ୨୦୧୧ ଫେବୃଆରୀ ୧୫ ତାରିଖରେ ଦୁହେଁ ପରିବାର ସଦସ୍ୟଙ୍କ ଗହଣରେ ରେଜିଷ୍ଟ୍ରି ମ୍ୟାରେଜ କରିଥିଲେ।



# ବଲିଉଡ ଛାଡ଼ିଥିଲେ, ୨ ବର୍ଷ ପରେ ଫଟୋ ଶେଆର କଲେ ଜାଏରା



ଦଙ୍ଗଲ ଗାର୍ଲ ଜାଏରା ୱସିମ। ଦୀର୍ଘ ୨ ବର୍ଷ ହେବ ସେ ବଲିଉଡ ଠାରୁ ଦୂରେଇ ରହିଛନ୍ତି। ସେ ସୋଶାଲ ମିଡିଆରେ ମଧ୍ୟ ଆକ୍ଟିଭ ନାହାନ୍ତି। ଏବେ ସେ ପୁଣି ସୋଶାଲ ମିଡିଆକୁ ଫେରିଛନ୍ତି। ବି-ଟାଉନ୍ ଛାଡିବାର ୨ ବର୍ଷ ପରେ ଫଟୋ ଶେଆର କରିଛି ଜାଏରା। ନିଜ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଜାଏରା ଏକ ଫଟୋ ପୋଷ୍ଟ କରିଛନ୍ତି। ଏଥିରେ ବୁର୍ଖା ପିନ୍ଧିଥିବା ସେ ନଜର ଆସିଛନ୍ତି। ତେବେ ଫଟୋରେ ସେ ନିଜ ଚେହେରା ଦେଖାଇ ନାହାନ୍ତି। ଜାଏରା ଏକ ବ୍ରିଜ୍ ଉପରେ ଠିଆ ହୋଇଥିବା ଦେଖିବାକୁ ମିଳିଛି। ଏହି ଫଟୋକୁ ଶେଆର କରି ଜାଏରା କ୍ୟାପସନରେ ଲେଖିଛନ୍ତି, 'ଦ ୱର୍ମ ଅକ୍ଟୋବର ସନ୍'। ୨୦୧୯ରେ ବଲିଉଡ ଇଣ୍ଡଷ୍ଟ୍ରିକୁ ବାଏ ବାଏ କହିବା ପରେ ଜାଏରା ୱସିମ ସୋସିଆଲ ମିଡିଆ ଠାରୁ ମଧ୍ୟ ଦୂରେଇ ଯାଇଥିଲେ। ସେ ତାଙ୍କର ସମସ୍ତ ଫଟୋ ଡିଲିଟ କରିଦେଇଥିଲେ। ଜାଏରା ତାଙ୍କ ପ୍ରଶଂସକଙ୍କୁ ମଧ୍ୟ ନିଜ ଫ୍ୟାନ୍‌ପେଜ୍‌ରୁ ସମସ୍ତ ଫଟୋ ହଟାଇବା ପାଇଁ ଅନୁରୋଧ କରିଥିଲେ। ଏବେ ଦୀର୍ଘ ସମୟ ପରେ, ଜାଏରାଙ୍କ ଫଟୋ ସାମ୍ନାକୁ ଆସିଛି, ଯାହା ସମସ୍ତଙ୍କୁ ଚକିତ କରିଦେଇଛି। ଜାଏରାଙ୍କ ଏହି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଦୁଇ ବର୍ଷ ପୂର୍ବେ ୨୦୧୯ ଜୁନ୍ ୩୦ରେ ଜାଏରା ସୋଶାଲ ମିଡିଆରେ ଏକ ଲମ୍ବା ଚଉଡା ନୋଟ୍ ଲେଖି ବଲିଉଡରୁ ବିଦାୟ ନେଉଥିବା ନେଇ ଘୋଷଣା କରିଥିଲେ। ସେ ଧାର୍ମିକ କାରଣ ଯୋଗୁଁ ଅଭିନୟ ଛାଡୁଥିବା କହିଥିଲେ। ହଠାତ୍ ତାଙ୍କର ଏଭଳି ଅଭିନୟ ଛାଡିବା କଥା ସମସ୍ତଙ୍କୁ ଚକିତ କରିଦେଇଥିଲା। ଫିଲ୍ମ ଦଙ୍ଗଲରୁ ବଲିଉଡରେ ଡେବ୍ୟୁ କରିଥିଲେ ଜାଏରା। ଏହାପରେ ତାଙ୍କର ଗୋଟିଏ ପରେ ଗୋଟିଏ ଫିଲ୍ମ ଆସିଥିଲ। ତାଙ୍କ ଶେଷ ଫିଲ୍ମ ଥିବା 'ଦ ସ୍କାଏ ଇଜ୍ ପିଙ୍କ'। ଏଥିରେ ସେ ପ୍ରିୟଙ୍କା ଚୋପ୍ରା ଏବଂ ଫରାହାନ ଅଖତରଙ୍କ ସହ ନଜର ଆସିଥିଲେ। ଖୁବ କମ୍ ସମୟ ମଧ୍ୟରେ ଜାଏରା ନିଜ ଅଭିନୟ ଜାଦୁରେ ବଲିଉଡରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ।

# ଗୁରୁତର ରୋଗ ସହ ସଙ୍ଘର୍ଷ କରୁଛନ୍ତି ଯାମି !



ବଲିଉଡ ଅଭିନେତ୍ରୀ ଯାମି ଗୌତମ। ସେ ବେଶ୍ ଗ୍ଲାମରସ। ସେ ଦେଖିବାକୁ ଯେତିକି ସୁନ୍ଦର ତାଙ୍କ ଅଭିନୟ ମଧ୍ୟ ସେତିକି ଚମତ୍କାର। ହେଲେ ଏହି ସୁନ୍ଦରୀ ଅଭିନେତ୍ରୀଙ୍କ ସୁନ୍ଦର ତ୍ୱଚା ପଛରେ ରହିଛି ସାଘାତିକ ସତ। ଯାମି ଦୀର୍ଘ ଦିନ ହେବ ଏକ ଗୁରୁତର ରୋଗ ସହ ସଂଘର୍ଷ କରିଛନ୍ତି। ସୋଶାଲ ମିଡିଆରେ ନିଜେ ଯାମି ତାଙ୍କର ଏହି ଦୁଃଖ ବଖାଣିଛନ୍ତି। ବଲିଉଡ ଦୁନିଆରେ ଗ୍ଲାମରର ଏକ ବଡ଼ ଭୂମିକା ରହିଛି। ଫିଲ୍ମ ସମେତ ଶୋ'ବିଜ୍ ଜଗତରେ ମଧ୍ୟ ପରଫେକ୍ଟ ଦେଖାଯିବା ସବୁ କଳାକାରଙ୍କ ପାଇଁ ଜରୁରୀ। ଅଭିନେତାଙ୍କ ଅପେକ୍ଷା ଅଭିନେତ୍ରୀମାନଙ୍କ ପାଇଁ ଏହା ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏଭଳି ସ୍ଥିତିରେ ନିକଟରେ ଯାମି ଗୌତମ ନିଜ ରୋଗ ବିଷୟରେ ଖୁଲାସା କରିଛନ୍ତି। ସେ ତାଙ୍କ ପୁରୁଣା ଚର୍ମ ସମସ୍ୟାର ଯନ୍ତ୍ରଣାକୁ ପ୍ରଶଂସକଙ୍କ ସହ ବାଣ୍ଟିଛନ୍ତି। ଅଭିନେତ୍ରୀ ଯାମି ଗୌତମ ଖୋଲାଖୋଲି ଭାବରେ ସୋସିଆଲ ମିଡିଆରେ ନିଜର ମତ ରଖିଛନ୍ତି। ଯାମି ଇନଷ୍ଟାଗ୍ରାମରେ ତାଙ୍କର ଏକ ଫଟୋ ଶେୟାର କରି କହିଛନ୍ତି, ସେ ଏକ ଗୁରୁତର ଚର୍ମ ରୋଗରେ ପୀଡିତ। ଦୀର୍ଘ ବର୍ଷ ଧରି ସେ ଏହି ରୋଗ ସହ ସଂଗ୍ରାମ କରିଆସୁଛନ୍ତି। ଫଟୋ ଶେୟାର କରି ଯାମି ଲେଖିଛନ୍ତି, ହୋଲେ ଇନ୍‌ଷ୍ଟା ଫ୍ୟାମିଲି, ନିକଟରେ ମୁଁ ଏକ ଫଟୋସୁଟ୍ କରିଥିଲି। ଯେତେବେଳେ ଏହି ଫଟୋ ସବୁ ଏଡିଟ୍ ହେବା ଲାଗି ପୋଷ୍ଟ ପ୍ରଡକ୍ସନକୁ ଯାଇଥିଲା ସେତେବେଳେ ମୁଁ ନିଷ୍ପତ୍ତି ନେଇଥିଲି ଯେ ମୁଁ ଏହି ରୋଗକୁ ଆଉ ଲୁଚାଇବେ ନାହିଁ। ନିଜେ ଏହାକୁ ଗ୍ରହଣ କରିବି। ସେ ଲେଖିଛନ୍ତି ଏହା ଏକ ସ୍କିନ୍ କଣ୍ଡିସନ୍ ଯାହା ଆପଣଙ୍କ ତ୍ୱଚାରେ ଛୋଟ ଛୋଟ ଦାନା ଭଳି ପିମ୍ପଲ୍ ସୃଷ୍ଟି କରିଥାଏ। ମୋର କିଶୋର ଅବସ୍ଥାରୁ ହିଁ ଏହା ମୋ ଚର୍ମରେ ହୋଇଛି। ଏହି ଚର୍ମ ରୋଗର କୌଣସି ଉପଶମ ନାହିଁ। ଏହି ରୋଗକୁ ମୁଁ ଏବେ ସମସ୍ତ ସାମ୍ନାରେ ଗ୍ରହଣ କରିସାରିଛି।' ବୋଲି ଯାମି କହିଛନ୍ତି। ସେ ଆହୁରି ଲେଖିଛନ୍ତି, 'ମୁଁ ଏହାକୁ ବହୁ ବର୍ଷ ଧରି ସହ୍ୟ କରିଆସୁଛି ଏବଂ ଶେଷରେ ଆଜି ମୁଁ ମୋର ଭୟ ଏବଂ ଅସୁରକ୍ଷିତତାକୁ ଛାଡି ମୋର ତ୍ରୁଟିକୁ ହୃଦୟରୁ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି। ଆପଣଙ୍କ ସହିତ ମୋର ସତ୍ୟ କହିବାକୁ ସାହସ କରିଛି।' ଯାମିଙ୍କ ଏହି ପୋଷ୍ଟକୁ ଅନେକ ଲୋକେ ପସନ୍ଦ କରିଛନ୍ତି। ସେ ତାଙ୍କର ରୋଗ ବିଷୟରେ ଯେଉଁ ସୂଚନା ଦେଇଛନ୍ତି ତାକ ନେଇ ଲୋକେ ବେଶ୍ ସକରାତ୍ମକ ମନୋଭାବ ଦେଖାଇଛନ୍ତି। ଯେଉଁମାନେ ନିଜ ରୋଗ ବିଷୟରେ ଖୋଲାଖୋଲି କଥା ହେବା ପାଇଁ ଭୟ କରୁଛନ୍ତି, ତାଙ୍କୁ ଯାମିଙ୍କ ଏହି ପୋଷ୍ଟ ପ୍ରେରଣା ଦେଇଛି।

# ଲୋକାର୍ପିତ ହେଲା ‘ଆମ ଘର ଆମ ହାଣ୍ଡିଶାଳ ସିଜିନ୍ -୨’ : ବିଶ୍ୱ ଦେଖିବ ଓଡ଼ିଆ ଖାଦ୍ୟର ମହକ

ଭୁବନେଶ୍ୱର,୭/୧୦ (ନି.ପ୍ର): ଓଡ଼ିଶା ପର୍ଯ୍ୟଟନ ବିଭାଗ ସହଯୋଗରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡ଼ିସି) ପକ୍ଷରୁ ପାରମ୍ପରିକ ଶୁଦ୍ଧ ଓଡ଼ିଆ ଖାଦ୍ୟର ପ୍ରତିଯୋଗିତା ‘ଆମ ଘର ଆମ ହାଣ୍ଡିଶାଳ’ର ଦ୍ୱିତୀୟ ସଂସ୍କରଣକୁ ଆଜି ଓଟିଡ଼ିସି ଅଧକ୍ଷା ଶ୍ରୀମୟୀ ମିଶ୍ର ଲୋକାର୍ପଣ କରିଛନ୍ତି । ଗତବର୍ଷ କରୋନା ମହାମାରୀ କଟକଣା ଭିତରେ ବି ‘ଆମ ଘର ଆମ ହାଣ୍ଡିଶାଳ’ର ପ୍ରଥମ ସଂସ୍କରଣ ରାଜ୍ୟବାସୀଙ୍କ ଦ୍ୱାରା ବହୁଳ ଆଦୃତ ହେବା ପରେ ଚଳିତବର୍ଷ ଏହାର ଦ୍ୱିତୀୟ ସଂସ୍କରଣ ଆରମ୍ଭ ପାଇଁ ନିଷ୍ପତ୍ତି ହୋଇଛି । ଏହି ଦ୍ୱିତୀୟ ସଂସ୍କରଣ ପ୍ରତିଯୋଗିତାକୁ ଲୋକାର୍ପଣ କରି ଓଟିଡ଼ିସି ଅଧକ୍ଷା ଶ୍ରୀମୟୀ ମିଶ୍ର କହିଥିଲେ ଯେ, ଆମ ଓଡ଼ିଆଙ୍କ ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ହାଣ୍ଡିଶାଳ ‘ଆନନ୍ଦ ବଜାର’ ହେଉଛି ବିଶ୍ୱର ସବୁଠୁ ବଡ଼ ହାଣ୍ଡିଶାଳ । ଆଉ ଆମର ମହାନ୍ ଉତ୍କଳୀୟ ସଂସ୍କୃତିରେ ୧୨ମାସରେ ୧୩ ପର୍ବ ଓ ପ୍ରତ୍ୟେକ ପର୍ବପର୍ବାଣୀରେ ସ୍ୱତନ୍ତ୍ର ଖାଦ୍ୟର ସମ୍ଭାର ରହିଛି । ଏହି ପାରମ୍ପରିକ ଖାଦ୍ୟକୁ ବିଶ୍ୱ ଦରବାରରେ ପହଂଚାଇବା ଲକ୍ଷ୍ୟରେ ଗତବର୍ଷ କରୋନା କାଳରେ ‘ଆମ ଘର ଆମ ହାଣ୍ଡିଶାଳ’ ପ୍ରତିଯୋଗିତାର ପରିକଳ୍ପନା କରାଯାଇଥିଲା ।




ଏହି ପ୍ରତିଯୋଗିତାକୁ ମାନ୍ୟବର ରାଜ୍ୟପାଳ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କଠୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ଅନେକ ମନ୍ତ୍ରୀ, ଅଫିସର ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ବ୍ୟକ୍ତିମାନେ ସହଯୋଗର ହାତ ବଢ଼ାଇଥିଲେ । ଯାହା ଏହି ପ୍ରତିଯୋଗିତାକୁ ସଫଳ ଓ ଲୋକାଦୃତ କରାଇପାରିଥିଲା । ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ଓଡ଼ିଆ ଖାଦ୍ୟର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱ ଦେଉଥିବାବେଳେ ସେ ନିଜେ ଓଡ଼ିଆଙ୍କ ନିଜସ୍ୱ ଖାଦ୍ୟ ‘ପଖାଳ’ ଖାଇବାକୁ ପସନ୍ଦ କରିଥାନ୍ତି । ଏପରିକି ଦେଶର ପ୍ରମୁଖ ରାଜନୀତିଜ୍ଞମାନଙ୍କୁ ନବୀନ ନିବାସରେ ଶୁଦ୍ଧ ଓଡ଼ିଆ ଖାଦ୍ୟରେ ଆପାୟିତ କରାଇବାକୁ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଭୁଲନ୍ତି ନାହିଁ । ଓଡ଼ିଆ ଖାଦ୍ୟର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱ ଦେଉଥିବା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଆ ଖାଦ୍ୟର ପ୍ରତିଯୋଗିତା ‘ଆମ ଘର ଆମ ହାଣ୍ଡିଶାଳ’ର ଦ୍ୱିତୀୟ ସଂସ୍କରଣ ପ୍ରକ୍ରିୟା ଆଜିଠୁ ଆରମ୍ଭ ହୋଇଛି । ଗତବର୍ଷ ଭଳି ଏଥିରେ ଅଧିକରୁ ଅଧିକ ମହିଳାମାନେ ସାମିଲ ହୋଇ ନିଜର ଦକ୍ଷତା ପ୍ରତିପାଦନ କରିବେ ବୋଲି ଆଶା । ଓଡ଼ିଆ ଖାଦ୍ୟର ପ୍ରସାର ଓ ପ୍ରଚାର ପାଇଁ ଉଦ୍ଦିଷ୍ଟ ଏହି ପ୍ରତିଯୋଗିତାର ସିଜିନ-୨ କାର୍ଯ୍ୟକ୍ରମକୁ ଆରମ୍ଭ ନିମନ୍ତେ ନିଷ୍ପତ୍ତି ନେଇଥିବାରୁ ପର୍ଯ୍ୟଟନ ବିଭାଗ ଓ ଓଟିଡ଼ିସିର ଅଧିକାରୀମାନଙ୍କୁ ଧନ୍ୟବାଦ ଦେଉଛି । ଏହି ଅବସରରେ ଓଟିଡ଼ିସି ପରିଚାଳନା ନିର୍ଦ୍ଦେଶକ ତଥା ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ କହିଥିଲେ ଯେ, ଗତବର୍ଷ କରୋନା ମହାମାରୀ ଯୋଗୁଁ ଲୋକମାନେ ଘରୁ ପଦାକୁ ଆସି ପାରୁ ନଥିବାବେଳେ ଗୃହିଣୀମାନଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଓଟିଡ଼ିସି ପକ୍ଷରୁ ଓଡ଼ିଆ ଖାଦ୍ୟ ପ୍ରତିଯୋଗିତା ହୋଇଥିଲା, ଯାହା ବେଶ ଆଦୃତ ହୋଇପାରିଥିଲା । ଓଡ଼ିଆ ଖାଦ୍ୟର ଅଧିକ ପ୍ରଚାର ଓ ପ୍ରସାର ପାଇଁ ଏହି ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣ ଆରମ୍ଭ କରାଯାଉଛି । ପ୍ରତିଯୋଗିତାର ସର୍ତ୍ତାବଳୀ ଗତବର୍ଷ ଯାହା ଥିଲା ଚଳିତବର୍ଷ ସମାନ ରହିଛି । ମାତ୍ର ଏଥର ସାମାନ୍ୟ ଟିକେ ପରିବର୍ତ୍ତନ ହୋଇଛି । ବିଚାରକଙ୍କ ଦ୍ୱାରା ଚୟନିତ ଶ୍ରେଷ୍ଠ ୪୦ ଜଣ ପ୍ରତିଯୋଗୀଙ୍କୁ ଏଥର ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ନେଇ ସେମାନଙ୍କ ଖାଦ୍ୟ ପ୍ରସ୍ତୁତି ଶୈଳୀର ସୁଟିଂ କରାଯିବ । ଯାହାର ସିଧାସଳଖ ପ୍ରସାରଣ ଟିଭି ଚ୍ୟାନେଲ ମାଧ୍ୟମରେ ଦର୍ଶକ ଦେଖିପାରିବେ । ନିଜର ଖାଦ୍ୟ ଭିଡିଓ ପ୍ରସ୍ତୁତ କରି ମହିଳାମାନେ ଅନଲାଇନରେ ଆବେଦନ କରିପାରିବେ । ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର, ଓଟିଡ଼ିସି ଜେନେରାଲ ମ୍ୟାନେଜର ଶାନ୍ତନୁ ମହାନ୍ତି, କମ୍ପାନୀ ସେକ୍ରେଟେରୀ ପ୍ରଶାନ୍ତ ପଣ୍ଡା, ଡିଭିଜିନାଲ ମ୍ୟାନେଜର ପ୍ରଣବ କୁମାର ଚାନ୍ଦ, ମାର୍କେଟିଂ ମ୍ୟାନେଜର ରଞ୍ଜନ ମିଶ୍ର ଓ ଅନ୍ୟ ପଦାଧିକାରୀମାନେ ଯୋଗ ଦେଇଥିଲେ । ପ୍ରଥମ ସିଜନର ବିଜୟିନୀ ଦେବଯାନୀ ଦାସ ମଧ୍ୟ ଏହି ଦ୍ୱିତୀୟ ସଂସ୍କରଣ ଉନ୍ମୋଚନ କାର୍ଯ୍ୟକ୍ରମରେ ସାମିଲ ହୋଇ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ ।

## ରେଳ କର୍ମଚାରୀଙ୍କ ପାଇଁ ଉତ୍ପାଦକତା ଲିଙ୍କ୍ ବୋନସ୍

ଭୁବନେଶ୍ୱର,୭/୧୦ (ନି.ପ୍ର): କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଆରପିଏଫ୍ / ଆରପିଏସ୍ଏଫ୍ କର୍ମଚାରୀଙ୍କୁ ବାଦ ଦେଇ ସମସ୍ତ ଯୋଗ୍ୟ ଅଣ-ଗେଜେଟେଡ୍ ରେଳ କର୍ମଚାରୀଙ୍କୁ ଉତ୍ପାଦକତା ଲିଙ୍କ୍ ବୋନସ୍ (ପ୍ରଡକ୍ଟିଭିଟି ଲିଙ୍କ୍ ବୋନସ୍ ପିଏଲବି) ପାଉଣା କରିବାକୁ ଅନୁମୋଦନ କରାଯାଇଛି ।
ଆର୍ଥିକ ବର୍ଷ ୨୦୨୦-୨୧ ପାଇଁ ଏହା ୭୮ ଦିନର ମଜୁରୀ ସହିତ ସମାନ ହେବ । ଆରପିଏଫ୍ କର୍ମଚାରୀଙ୍କୁ ବାଦ ଦେଇ ପ୍ରାୟ ୧୧.୫୬ ଲକ୍ଷ ଅଣ-ଗେଜେଟେଡ୍ ରେଳ କର୍ମଚାରୀ ଏହି ଉତ୍ପାଦକତା ଲିଙ୍କ୍ ବୋନସ୍ ଦ୍ୱାରା ହିତାଧିକାରୀ ହେବେ ।
ଯୋଗ୍ୟ ରେଳ କର୍ମଚାରୀଙ୍କ ପାଇଁ ୭୮ ଦିନ ପାଇଁ ସର୍ବାଧିକ ଦେୟ ହେଉଛି ୧୭,୯୫୧/- ଟଙ୍କା । ଏହି ଉତ୍ପାଦନ ଲିଙ୍କଡ୍ ବୋନସ୍ ସମସ୍ତ ରେଳ କର୍ମଚାରୀ ଯଥା ଟ୍ରାକ ମେଂଟେନର, ଡ୍ରାଇଭର ଓ ଗାର୍ଡ, ଷ୍ଟେସନ ମାଷ୍ଟର, ସୁପରଭାଇଜର, ଟେକ୍ନିସିଆନ, ଟେକ୍ନିସିଆନ ହେଲପର, କଂଟ୍ରୋଲର ( ନିୟନ୍ତ୍ରକ), ପଏଂଟମ୍ୟାନ୍, କିରାଣୀ ଓ ଅନ୍ୟ ସମସ୍ତ ତୃତୀୟ ଶ୍ରେଣୀ କର୍ମଚାରୀଙ୍କୁ ପ୍ରଦାନ କରାଯିବ ।
ରେଳ କର୍ମଚାରୀଙ୍କ ପାଇଁ ୭୮ ଦିନ ପିଏଲବି ପାଇଁ ପ୍ରାୟ ୧୯୮୪.୭୩ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । କୋଭିଡ -୧୯ ପ୍ରତିକୂଳ ପରିସ୍ଥିତିର ଆର୍ଥିକ ସମସ୍ୟା ସତ୍ତ୍ୱେ ଏହି ପିଏଲବି ଦେୟ ପାଇଁ ଉପରୋକ୍ତ ନିଷ୍ପତି ନିଆଯାଇଛି । ନିର୍ଦ୍ଦିଷ୍ଟ ଫର୍ମୁଲା ଆଧାରରେ କାର୍ଯ୍ୟ କରାଯାଇଥିବା କାର୍ଯ୍ୟ ଦିବସ ଅପେକ୍ଷା ପିଏଲବି କାର୍ଯ୍ୟ ଦିବସ ଦିଆଯାଉଥିବା ପ୍ରକୃତ ସଂଖ୍ୟା ଅଧିକ ଅଟେ । ରେଳବାଇର କାର୍ଯ୍ୟରେ ଉନ୍ନତି ଆଣିବା ପାଇଁ ରେଳ କର୍ମଚାରୀଙ୍କୁ ଉତ୍ସାହିତ କରିବା ପାଇଁ ପିଏଲବି ଦେୟ ଏକ ପ୍ରୋତ୍ସାହନ ଭାବରେ କାର୍ଯ୍ୟ କରିଥାଏ ।

## ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତାଙ୍କ ଝାରସୁଗୁଡ଼ାରେ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା

ଭୁବନେଶ୍ୱର, ୦୬ ଅକ୍ଟୋବର – ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧକ୍ଷ ଅସିତ ତ୍ରିପାଠୀ ବୁଧବାର ଝାରସୁଗୁଡା ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଥିଲେ । ଶ୍ରୀ ତ୍ରିପାଠୀ ଝାରସୁଗୁଡ଼ାରେ ପହଂଚିବା ପରେ ପ୍ରଥମେ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କ ସହିତ ଏକ ସମୀକ୍ଷା ବୈଠକରେ ଆଲୋଚନା କରିଥିଲେ । ବୈଠକରେ ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଆବଶ୍ୟକୀୟ ତଥ୍ୟ ଉପସ୍ଥାପନ କରିଥିଲେ ।
ଝାରସୁଗୁଡ଼ା ରେ ବଡ଼ ବଡ଼ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ହୋଇଥିବାରୁ ଜିଲ୍ଲାରେ ପ୍ରକ୍ରିୟାକରଣ ଶିଳ୍ପର ପର୍ଯ୍ୟାପ୍ତ ସମ୍ଭାବନା ଓ ସୁଯୋଗ ରହିଛି ବୋଲି ଶ୍ରୀ ତ୍ରିପାଠୀ କହିଥିଲେ । ଏଥି ପାଇଁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ବିକାଶ ନିମନ୍ତେ ସ୍ୱତନ୍ତ୍ର ଲ୍ୟାଣ୍ଡବ୍ୟାଙ୍କ ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ଅଦା , ଲଙ୍କା , ସବୁଜ ପନିପରିବା , ତୈଳବୀଜ , ଲଘୁ ଶସ୍ୟ , ଫଳ ଓ ଫୁଲ ଚାଷ ଆଦି ଉତ୍ପାଦନ ନିମନ୍ତେ ପ୍ରକୃଷ୍ଟ ଜଳବାୟୁ ରହିଛି । ଏଥି ପାଇଁ ନିର୍ଦ୍ଦିଷ୍ଟ କୃଷି ଯୋଜନା ପ୍ରସ୍ତୁତ କରିବା ପାଇଁ ଶ୍ରୀ ତ୍ରିପାଠୀ କୃଷି ଓ ଉଦ୍ୟାନ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କୃଷିଜାତ ଦ୍ରବ୍ୟର ଅମଳ ପରବର୍ତ୍ତି ଏକତ୍ରିକରଣ , ଖାଦ୍ୟ ପ୍ରକ୍ରିୟାକରଣ ଓ କୃଷି - ବିପଣି ଆଦି ଉଦ୍ୟୋଗ ନିମନ୍ତେ ପ୍ରୋତ୍ସାହନ ଯୋଗାଇବା ପାଇଁ ମଧ ଶ୍ରୀ ତ୍ରିପାଠୀ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାର ଶିକ୍ଷିତ ଯୁବବର୍ଗ ଏବଂ ମହିଳାମାନଙ୍କୁ ବିଭିନ୍ନ ପ୍ରକାର କୌଶଳ ବିକାଶ ତାଲିମ ମାଧ୍ୟମରେ ରୋଜଗାରକ୍ଷମ ଓ ଶସକ୍ତ କରିବା ଉପରେ ଶ୍ରୀ ତ୍ରିପାଠୀ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାରେ ଶିଳ୍ପ ଓ କୃଷି ଉଦ୍ୟୋଗର ବିକାଶ ଜିଲ୍ଲାପାଳଙ୍କ ନେତୃତ୍ୱରେ ସମ୍ଭବ ହେବ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ । ସମୀକ୍ଷା ବୈଠକ ପରେ ଶ୍ରୀ ତ୍ରିପାଠୀ ଭାସ୍କର ଟେକ୍ସଟାଇଲ ମିଲ ପରିସରସ୍ଥିତ ସରକାରୀ ଜମି , ବାଞ୍ଛିବୋରାସ୍ଥିତ ବୃହତ ଉଠା ଜଳସେଚନ ପ୍ରକଳ୍ପ , ଏଚ .କଟାପାଲିରେ ଜଳ ପ୍ରକ୍ରିୟାକରଣ ପ୍ଲାଂଟ , ବେଲପାହାଡ଼ ପୌର ପରିଷଦ ଅନ୍ତର୍ଗତ ଜି . ଏଲ . ହାଇସ୍କୁଲ ରୂପାନ୍ତରିକରଣ ପ୍ରକଳ୍ପ , ବଂଜାରୀ ଗ୍ରାମ ପଂଚାୟତରେ ଫଳ ଏବଂ ଫୁଲ ଚାଷ ଫାର୍ମ , ବେଲପାହାଡ଼ସ୍ଥିତ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ଆଦି ପ୍ରକଳ୍ପ ପରିଦର୍ଶନ କରିଥିଲେ । ବିଟିଏମ୍ ପରିସର ମଧ୍ୟରେ ଥିବା ସରକାରୀ ଜମିର ବିନିଯୋଗ ନିମନ୍ତେ ଉପଯୁକ୍ତ ଯୋଜନା ପ୍ରସ୍ତୁତ କରିବାକୁ ଜିଲ୍ଲା ପ୍ରଶାସନ ଓ ପୌର ପରିଷଦକୁ ନିର୍ଦ୍ଦେଶ ଦେଇଥିଲେ ।
ଏହି ଗସ୍ତ ସମୟରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝୀ , ଉପ ଜିଲ୍ଲାପାଳ ଶିବ ଟପ୍ପୋଙ୍କ ସମେତ କୃଷି , ଶିଳ୍ପ , ଶିକ୍ଷା ଓ କୌଶଳ ବିକାଶ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ସୂଚନା ପ୍ରଦାନ କରିଥିଲେ ।

## ସଙ୍କଟରେ ମହାବଳ: ୯ ମାସରେ ଦେଶରେ ମଲେଣି ଶହେ

ଭୁବନେଶ୍ୱର :,୭/୧୦ (ନି.ପ୍ର): ଗତ ୯ ମାସରେ ଶହେ ମହାବଳ ବାଘଙ୍କ ମୃତ୍ୟୁ ହୋଇଛି । କଥାଟା ଅବିଶ୍ୱସନୀୟ ଲାଗୁଥିଲେ ମଧ ଦେଶରେ ଏଭଳି ଘଟିଛି । ୨୦୨୧ ଜାନୁଆରି ପହିଲାରୁ ଅକ୍ଟୋବର ୨ ତାରିଖ ମଧରେ ଦେଶରେ ଶହେ ବାଘଙ୍କ ଜୀବନ ଯାଇଛି । ଅର୍ଥାତ୍ ପ୍ରତି ମାସରେ ହାରାହାରି ୧୧ଟି ବାଘଙ୍କର ମୃତ୍ୟୁ ଘଟିଛି । ଯଦି ଏହି ହାରରେ ବାଘ ମୃତ୍ୟୁ ଜାରି ରହେ; ତେବେ ବର୍ଷ ଶେଷ ବେଳକୁ ଦେଶରେ ୧୩୩ଟି ବାଘଙ୍କର ମୃତ୍ୟୁ ହୋଇଥିବ ଏବଂ ଗତ ଦଶନ୍ଧି ମଧରେ ସର୍ବାଧିକ ବାଘ ମୃତ୍ୟୁ ଏହି ବର୍ଷ ହେବା ଏକ ପ୍ରକାର ଥୟ । ସରକାରୀ ଭାବେ ବାଘଙ୍କ ମୃତ୍ୟୁ ସଂଖ୍ୟା ଶହେ କୁହାଯାଉଥିବା ବେଳେ ବେସରକାରୀ ଭାବେ ଏହା ଢେର ଅଧିକ ହୋଇଥିବା ନେଇ ଆଶଙ୍କା କରାଯାଉଛି । ଗୋଟିଏ ପଟେ ବାଘଙ୍କ ସଂଖ୍ୟା ବୃଦ୍ଧି ପାଇଥିବା କହି କେନ୍ଦ୍ର ସରକାର ଆତ୍ମସନ୍ତୋଷ ଲାଭ କରୁଥିବା ବେଳେ ଅନ୍ୟପଟେ ଏତେ ସଂଖ୍ୟକ ବାଘଙ୍କ ମୃତ୍ୟୁ ନେଇ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି । କେନ୍ଦ୍ର ସରକାରଙ୍କ ଅଧୀନ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ତଥ୍ୟ ଅନୁଯାୟୀ ୨୦୨୧ରେ ଏ ପର୍ଯ୍ୟନ୍ତ ମରିଥିବା ଶହେ ବାଘଙ୍କ ମଧରୁ ମଧପ୍ରଦେଶରେ ସର୍ବାଧିକ ୩୨ଟି ବାଘ ରହିଛନ୍ତି । ୧୦୦ତମ ବାଘର ମୃତ୍ୟୁ ତେଲେଙ୍ଗାନାର ମୁଲୁଗୁରୁ ଜିଲ୍ଲା ଲିଙ୍ଗଳା ରେଞ୍ଜରେ ହୋଇଛି । ମହାରାଷ୍ଟ୍ରରେ ୧୯, କର୍ଣ୍ଣାଟକରେ ୧୪ ବାଘର ମୃତ୍ୟୁ ହୋଇଥିବା ବେଳେ ଉତ୍ତରାଖଣ୍ଡ, ଛତିଶଗଡ଼, ବିହାର, କେରଳ, ଆସାମ, ତାମିଲନାଡୁ, ଉତ୍ତର ପ୍ରଦେଶ, ରାଜସ୍ଥାନ, ତେଲେଙ୍ଗାନାରେ ବି ବାଘଙ୍କର ମୃତ୍ୟୁ ହୋଇଛି । ତେବେ ଅଧାରୁ ଅଧିକ ଅର୍ଥାତ ୫୫ଟି ବାଘ ଅଭୟାରଣ୍ୟ ଭିତରେ ହିଁ ପ୍ରାଣ ହରାଇଛନ୍ତି ।

## ପେଟ୍ରୋଲ, ଡ଼ିଜେଲକୁ ଜିଏସ୍‌ଟି ଅନ୍ତର୍ଭୁକ୍ତ କରିବାକୁ ସମାଜବାଦୀ ପାର୍ଟିର ଦାବି

ଭୁବନେଶ୍ୱର, ୦୬ ଅକ୍ଟୋବର – ପୁଣି ଥରେ ପେଟ୍ରୋଲ ୩୦ ପଇସା ମହାଙ୍ଗା ହୋଇଥିବା ବେଳେ ଡ଼ିଜେଲ ୩୫ ପାଇସା ମହଙ୍ଗା ହୋଇଛି । ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ଆଜି ୧୦୩ ଟଙ୍କା ୮୩ ପଇସାରେ ପହଂଚି ଥିଲାବେଳେ ଡ଼ିଜେଲ ୯୯ ଟଙ୍କା ୭୨ ପଇସାରେ ପହଂଚିଛି । ସେହିପରି ଅଣ ସବ୍‌ସିଡ୍‌ଯୁକ୍ତ ରନ୍ଧନ ଗ୍ୟାସ୍‌ର ସିଲିଣ୍ଡର ପିଛା ଦାମ୍ ମଧ ୧୫ ଟଙ୍କା ବୃଦ୍ଧି ହୋଇ ଭୁବନେଶ୍ୱରରେ ୯୨୬ରେ ପହଂଚିଛି । କରୋନା ସଂକ୍ରମଣରେ ଭାରତବର୍ଷର ୧୫ ଲକ୍ଷ ଲୋକ ଜୀବିକା ହରାଇ ଥିବାବେଳେ ବନ୍ୟା, ବାତ୍ୟା, ମରୁଡ଼ି ଯୋଗୁ ଚାଷୀମାନଙ୍କର ଚାଷବାସ ଉଜୁଡ଼ି ଯାଇଥିବା ବେଳେ ମୋଦି ସରକାରଙ୍କ ପେଟ୍ରୋଲ, ଡ଼ିଜେଲ ଓ ରନ୍ଧନ ଗ୍ୟାସ୍‌ର ମୂଲ୍ୟ ବୃଦ୍ଧି ମହାଳୟା ଭେଟି ବୋଲି ସମାଜବାଦୀ ପାର୍ଟି ପକ୍ଷରୁ କୁହାଯାଇଛି । ପାର୍ଟିର ରାଜ୍ୟ କମିଟି ସଭାପତି ରବି ବେହେରା ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ, ଦରଦାମ ବୃଦ୍ଧି ଓ ବେକାରୀ ସମସ୍ୟା ବିଜେପି ଓ ଏନ୍‌ଡ଼ିଏ ସରକାରଙ୍କ ପାଇଁ ଆଗାମୀ ଦିନରେ କବର ଖୋଳିବ । ସମସ୍ତ ବାମ ଗଣତାନ୍ତ୍ରିକ ରାଜନୈତିକ ଦଳ ଓ ଶକ୍ତିସମୂହ ଏକାଠି ହୋଇ ସରକାରଙ୍କ ମନୋମୁଖୀ ଦରଦାମ ବୃଦ୍ଧି, ବେକାରୀ ବିରୋଧି ପଦକ୍ଷେପ ଏବଂ କୃଷକମାନଙ୍କ ଦାବି ପ୍ରତି ଅଣଦେଖା ବିରୁଦ୍ଧରେ ଦୁର୍ବାର ଗଣଆନ୍ଦୋଳନ ଗଢିତୋଳିବା ପାଇଁ ସମାଜବାଦୀ ପାର୍ଟି ପକ୍ଷରୁ ବିନମ୍ର ନିବେଦନ କରାଯାଇଛି । ମୁଦ୍ରାସ୍ଫିତି, ଅଦ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ଦର ବୃଦ୍ଧି ଓ ପେଟ୍ରୋଲ, ଡ଼ିଜେଲ ଓ ରନ୍ଧନଗ୍ୟାସର କ୍ରମାଗତ ମୂଲ୍ୟ ବୃଦ୍ଧି ଦେଶର ୪୫କୋଟି ପରିବାର ପାଇଁ ଆହ୍ୱାନ ସୃଷ୍ଟି କରିଛି ।

# ଦୁର୍ନୀତିରେ ଭରପୁର ଭାରତୀୟ ଜନତା ପାର୍ଟି ଦେଶକୁ ଆଜି ବହୁ ତଳକୁ ନେଇଯାଉଛି : କଂଗ୍ରେସ

ଭୁବନେଶ୍ୱର,୭/୧୦ (ନି.ପ୍ର): ୨୦୧୪ ମସିହା ପାଖରୁ କେନ୍ଦ୍ରରେ ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ ସରକାର ଗରୀବ ଜନସାଧାରଣଙ୍କ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ଭାରତର ଅଗଣିତ ଖଟିଖିଆ କୃଷକ, ସାଧାରଣ ମଧ୍ୟବର୍ଗର ଜନସାଧାରଣ ସମସ୍ତଙ୍କୁ ବହୁ ଦୁର୍ଗତି ଭିତରକୁ ଠେଲି ଦେଇଛନ୍ତି । ଠିକ୍ ସେହିଭଳି ଭାବରେ ଆଜି ପେଟ୍ରୋଲ ଏବଂ ଡ଼ିଜେଲ ଉପରେ କେନ୍ଦ୍ର ସରକାର କୋଟି କୋଟି ଟଙ୍କାର ରାଜସ୍ୱ ଆଦାୟ କରୁଛନ୍ତି । ପେଟ୍ରୋଲ ଏବଂ ଡ଼ିଜେଲ ଲିଟର ପିଛା ୧୧୦ ଟଙ୍କାରୁ ଅତିକ୍ରମ କରିସାରିଲାଣି । ଜାଳେଣି ଗ୍ୟାସ୍ ୧୦୦୦ ଟଙ୍କାରୁ ଅଧିକ ହୋଇସାରିଲାଣି । ତଥାପି ମୋଦି ସରକାର କହୁଛନ୍ତି ଏହା ହିଁ ତ ଆଚ୍ଛାଦିନ । ଆଜି ପ୍ରଦେଶ କଂଗ୍ରେସ ଭବନରେ ରାଜ୍ୟସଭା ସାଂସଦ ତଥା ଜାମ୍ମୁ କାଶ୍ମୀର କଂଗ୍ରେସ ପ୍ରଭାରୀ ଶ୍ରୀମତୀ ରଜନୀ ପାଟିଲ ଏକ ସାମ୍ବାଦିକ ସମ୍ମିଳନୀରେ ସମ୍ବାଦିକମାନଙ୍କୁ ଉଦ୍‌ବୋଧନ ଦେଇ କେନ୍ଦ୍ର ସରକାରଙ୍କ ଏହି ସମସ୍ତ ନୀତିକୁ ଘୋର ସମାଲୋଚନା କରିଛନ୍ତି ।
ଭାରତବର୍ଷର ଫ୍ୟୁଚର ଗ୍ରୁପ ସହିତ ବିଦେଶୀ ଆମାଜାନ ଗ୍ରୁପର ଯେଉଁ ଆଇନଗତ ବିବାଦ ସୃଷ୍ଟି ହେଲା, ସେହି ବିବାଦକୁ ନେଇ ଆମାଜାନ ଗ୍ରୁପ କେନ୍ଦ୍ର ସରକାରଙ୍କ ଆଇନ ମନ୍ତ୍ରଣାଳୟକୁ ୮୫୪୬ କୋଟି ଟଙ୍କାର ଲିଗାଲ ଫିସ୍ ଡ଼ିପୋଜିଟ କରିଛି । ପ୍ରଶ୍ନ ଉଠୁଛି ଏହି ଫିସ୍ ସେ କିଭଳି ଭାବରେ ଦେଇଛନ୍ତି । ଇ କମର୍ସର ସବୁଠାରୁ ବଡ଼ ବିଜିନେସ ଆମାଜାନ ୨୦୧୮ମସିହାରୁ ଭାରତବର୍ଷର ପ୍ରବେଶ କରିବା ପରେ ଭାରତର ନିଜର ଉପସ୍ଥିତିକୁ ଜାହରି କରିବା ପାଇଁ ଏହି ଟଙ୍କାକୁ ଖର୍ଚ୍ଚ କରିଛି କି ? ଆମାଜାନ ଗ୍ରୁପର ୬ଟି କମ୍ପାନୀ ଆମାଜାନ ଇଣ୍ଡିଆ ଲିମିଟେଡ଼, ଆମାଜାନ ରିଟେଲ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ଼, ଆମାଜାନ ସେଲର ସର୍ଭସେସ ପ୍ରାଇଭେଟ ଲିମିଟେଡ଼, ଆମାଜାନ ଇଣ୍ଟରନେଟ ସର୍ଭିସେସ ପ୍ରାଇଭେଟ ଲିମିଟେଡ଼, ଆମାଜାନ ହୋଲସେଲ ପ୍ରାଇଭେଟ ଲିମିଟେଡ଼ ଏବଂ ଆମାଜାନ ଟ୍ରାନ୍ସପୋର୍ଟ ଲିମିଟେଡ଼ ଏହି ଦୁଇବର୍ଷ ଭିତରେ ୮୫୪୬ କୋଟି ଟଙ୍କା କାହିଁକି ଖର୍ଚ୍ଚ କରିଛି । ଯେତେବେଳେ କି କେନ୍ଦ୍ର ସରକାରଙ୍କର ଆଇନ ମନ୍ତ୍ରଣାଳୟର ସମୁଦାୟ ବଜେଟ ମାତ୍ର ୧୧୦୦ କୋଟି ଅଟେ । ତେଣୁ ଭାରତବର୍ଷର ଆଇନରେ ପରିବର୍ତ୍ତନ କରିବା ଉଦ୍ଦେଶ୍ୟରେ ଆଇନ ମନ୍ତ୍ରଣାଳୟକୁ ଏହି ୮୫୪୬ କୋଟି ଟଙ୍କାର ଫି ଦିଆଯାଇଛି କି । ଯଦ୍ୱାରା କି ଆମାଜାନ ଭାରତବର୍ଷରେ ତାର କାୟା ବିସ୍ତାର କରିପାରିବ ।ଏହାଦ୍ୱାର ଭାରତବର୍ଷ କୋଟି କୋଟି ଛୋଟ ବବ୍ୟସାୟୀମାନେ ନିଜର ଦୋକାନକୁ ବନ୍ଦ କରିବାକୁ ପଡ଼ିଲା । ଏକଥା କଂଗ୍ରେସ ଅଭିଯୋଗ କରୁନାହିଁ ଏହା ସତ୍ୟ ଆଜି ଭାରତବର୍ଷର ବହୁ ଛୋଟ ବ୍ୟବସାୟୀ ମଧ୍ୟମ ବ୍ୟବସାୟୀ, ଯେଉଁମାନେ ପୁରୁଷ ପୁରୁଷ ଧରି ବ୍ୟବସାୟ କରୁଥିଲେ ଏବଂ ସେଥିରୁ ସେମାନଙ୍କର ରୋଜଗାର ଚାଲିଥିଲା ତତ୍ ସହିତ ସେମାନେ ମଧ ରୋଜଗାର ଅନ୍ୟମାନଙ୍କ ପାଇଁ ସୃଷ୍ଟି କରୁଥିଲେ ଆଜି ଏଗୁଡ଼ିକ ସବୁ ବନ୍ଦ । ଆମାଜନକୁ ଭାରତୀୟ ଜନତା ପାର୍ଟିର ମୋଦି ସରକାର କାହିଁକି ଭାରତର ବଜାରକୁ ଟେକି ଦେଇଛନ୍ତି ଏବଂ କେଉଁ ସ୍ୱାର୍ଥରେ । ଭାରତବର୍ଷର କୋଟି କୋଟି ବ୍ୟବସାୟୀଙ୍କ ବ୍ୟବସାୟକୁ ବନ୍ଦ କରିଦେବା, ଅଧିକାରୁ ଅଧିକ ବେରୋଜଗାରୀ ସୃଷ୍ଟି କରିବା ଏବଂ ଭାରତବର୍ଷ ଲଘ, ମଧ୍ୟମ ଧରଣର ଉଦ୍ୟୋଗକୁ ବନ୍ଦ କରିଦେବା ଏକ ଚକ୍ରାନ୍ତ କି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀମତୀ ପାଟିଲ । ଏହି ସମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସର କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ପ୍ରଦେଶ କଂଗ୍ରେସର ଗଣମାଧ୍ୟମର ଚେୟାରମ୍ୟାନ ଗଣେଶ୍ୱର ବେହେରା ଉପସ୍ଥିତ । ପ୍ରଦେଶ କଂଗ୍ରେସର ମୁଖପାତ୍ର ମନୋରଞ୍ଜନ ଦାସ, ମନୋଜ ରାଉତ, ରଜନୀ ମହାନ୍ତି ଓ ପଦ୍ମାକର ଗୁରୁ ମଧ ଉପସ୍ଥିତ ଥିଲେ ।

# ବିପନ୍ନ ସୀମା ଓ ପଡ଼ୋଶୀ ରାଜ୍ୟରେ ଅବହେଳିତ ଆମ ଭାଷା : ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର,୭/୧୦ (ନି.ପ୍ର): ଉତ୍କଳ ସମ୍ମିଳନୀ ପକ୍ଷରୁ ଗତକାଲି ଲୋହିଆ ଏକାଡ଼େମୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆମ ରାଜ୍ୟର ସୀମାକୁ ପଡ଼ୋଶୀ ରାଜ୍ୟ ସରକାରଙ୍କ ଦ୍ୱାରା କବଳିତ କରିବାର ଅପକୌଶଳ ତଥା ଝାଡ଼ଖଣ୍ଡ, ଛତିଶଗଡ଼ ପଶ୍ଚିମବଙ୍ଗରେ ଆମ ଭାଷା ପ୍ରତି ବୈମାତୃକ ମନୋଭାବ ପୋଷଣ ପାଇଁ ସମ୍ମିଳନୀର ସଭାପତି ପ୍ରଫେସର ଅଦ୍ୱୈତ କୁମାର ପାତ୍ର କ୍ଷୋଭ ପ୍ରକାଶ କରିଛନ୍ତି । ବିଶେଷକରି କୋରାପୁଟର କୋଟିଆ ଓ ଗଜପତିର ମାଣିକପାଟଣା ଅଂଚଳରେ ଆନ୍ଧ୍ରର ଅଯଥା ଅଧିକାର ଜାହିର ନିମନ୍ତେ ନାନା ପ୍ରକାର କୁତ୍ସିତ ପନ୍ଥା ଅବଲମ୍ବନକୁ ପ୍ରତିହତ କରିବା ପାଇଁ ଆମ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଉତ୍କଳ ସମ୍ମିଳନୀ ତରଫରୁ ଅନୁରୋଧ କରାଯାଇଛି । ସୁପ୍ରିମକୋର୍ଟର ନିର୍ଦ୍ଦେଶାନୁଯାୟୀ ସାଂସଦ ଭବନରେ ଦଳମତ ନିର୍ବିଶେଷରେ ସମସ୍ତ ଓଡ଼ିଶାର ସାଂସଦମାନେ ଏକ ହୋଇ ‘କୋଟିଆ’ ଓଡ଼ିଶାର ବୋଲି ସାବ୍ୟସ୍ତ କରନ୍ତୁ । ସେହିଭଳି ପଶ୍ଚିମବଙ୍ଗ ସରକାର ଦୀଘା ବେଳାଭୂମିକର ସମ୍ପ୍ରସାରଣ ପାଇଁ ଆମ ଉଦୟପୁର ବେଳାଭୂମିକୁ ଅକ୍ତିଆର କରିବାର ବୃଥା ଉଦ୍ୟମକୁ ପ୍ରତିରୋଧ କରିବା ସହ ‘ତାଳସାରୀ-ଉଦୟପୁର ବେଳାଭୂମି ଅଥରିଟି’ ପ୍ରକଳ୍ପ ଯଥାଶୀଘ୍ର କରିବା ପାଇଁ ସମ୍ମିଳନୀରେ ଦାବୀ କରାଯାଇଛି । ସାରା ରାଜ୍ୟରେ ୯୫ରୁ ଉର୍ଦ୍ଧ୍ୱ ଗ୍ରାମାଂଚଳକୁ ପଡ଼ୋଶୀ ରାଜ୍ୟ ଦଖଲ କରିବାର ଉଦ୍ୟମରତ ଥିବା ସମୟରେ ଏହାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାର ରାଜସ୍ୱ ବିଭାଗରେ ‘ସୀମା ସମସ୍ୟା ସମାଧାନ ପ୍ରକୋଷ୍ଠ’ ଗଠନ କରି ଆଗାମୀ ଛଅମାସ ମଧରେ ସଘନ ବ୍ୟବସ୍ଥା କରିବା ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି । ଏଥିସହିତ ‘ସୀମାନ୍ତ ଗ୍ରାମ ବିକାଶ ପରିଷଦ’ ଗଠନ କରାଯାଇ ୫ ବା୧୦ କିମି ଓସାର ଭିତରେ ଥିବା ଗ୍ରାମଗୁଡ଼ିକର ସର୍ବାଙ୍ଗୀନ ବିକାଶ କରାଗଲେ ପଡ଼ୋଶୀ ରାଜ୍ୟମାନେ ଆମ ସୀମାନ୍ତ ଗ୍ରାମର ବାସିନ୍ଦାମାନଙ୍କୁ ପ୍ରଲୋଭିତ କରିବାର ଅବକାଶ ପାଇବେ ନାହିଁ ବୋଲି ଉତ୍କଳ ସମ୍ମିଳନୀର ଅଭିମତ । ପ୍ରଫେସର ପାତ୍ର ପଡ଼ୋଶୀ ରାଜ୍ୟରେ ଓଡ଼ିଆ ଭାଷାର ଅବହେଳା ସମ୍ବନ୍ଧରେ ଉଲ୍ଲେଖକରି ନିକଟରେ ଝାଡ଼ଖଣ୍ଡ ଏକାଡ଼େମିକ କାଉନସିଲ ଶିକ୍ଷକ ନିଯୁକ୍ତି ପରୀକ୍ଷାର ସପ୍ତମ ପତ୍ରରେ ଲେଖିବା ପାଇଁ ୧୨ଟି ଭାଷାର ସୁଯୋଗ ଦେଇଥିଲାବେଳେ ଓଡ଼ିଆ ଭାଷାକୁ ବଂଚିତ କରିଛନ୍ତି । ଯେଉଁଥିପାଇଁ ନିକଟରେ ଷଢେଇକଳା ଠାରେ ଅବିଭକ୍ତ ସିଂହଭୂମିର ଓଡ଼ିଆମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ସେହିଭଳି ଜଣେ ଓଡ଼ିଆ ଅବସରପ୍ରାପ୍ତ ଶିକ୍ଷକଙ୍କ ଦ୍ୱାରା ଆଗତ ମକଦ୍ଦମାର ରାୟରେ ଛତିଶଗଡ଼ର ବିଳାସପୁର ଉଚ୍ଚନ୍ୟାୟାଳୟ ଛତିଶଗଡ଼ ସରକାରଙ୍କୁ ଓଡ଼ିଆ ଅଧ୍ୟୁଷିତ ଜିଲ୍ଲାମାନଙ୍କରେ ଓଡ଼ିଆ ପ୍ରାଥମିକ ଶିକ୍ଷାଦାନର ଆଦେଶ ଦେଇଥିଲେ ହେଁ ଏପର୍ଯ୍ୟନ୍ତ ଓଡ଼ିଆ ଶିକ୍ଷକ ନିଯୁକ୍ତି ଦିଆଯାଇ ନାହିଁ । ଏଥିପାଇଁ ଉତ୍କଳ ସମ୍ମିଳନୀ, ଆମ ରାଜ୍ୟ ସରକାର, ବିଧାନସଭା ସଂଖ୍ୟାଲଘୁ ଭାଷି ଗୃହ କମିଟି ବାରବାର ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଅନୁରୋଧ ଜଣାଇଥିଲେ ମଧ ଛତିଶଗଡ଼ ସରକାର ନୀରବ । ପଶ୍ଚିମବଙ୍ଗର କଲିକତା ନଗରୀ ଓ ଆଖାପାଖ ଜିଲ୍ଲାମାନଙ୍କରେ ପ୍ରବାସୀ ଓଡ଼ିଆମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଓଡ଼ିଆ ବିଦ୍ୟାଳୟଗୁଡ଼ିକର ଅନୁମତି ଓ ଅନୁଦାନ ଏପର୍ଯ୍ୟନ୍ତ ପଶ୍ଚିମବଙ୍ଗ ସରକାର ଦେଉନାହାଁନ୍ତି କିମ୍ବା ବିଚ୍ଛିନ୍ନାଂଚଳ ଅବିଭକ୍ତ ମେଦିନୀପୁର ଜିଲ୍ଲାରେ ଉତ୍କଳ ସମ୍ମିଳନୀ ଦ୍ୱାରା ନିଯୁକ୍ତ ୧୩୬ଜଣ ଶିକ୍ଷକମାନଙ୍କୁ ପଶ୍ଚିମବଙ୍ଗ ସରକାର ତାଙ୍କ ସରକାରୀ ବିଦ୍ୟାଳୟ ଶିକ୍ଷାଦାନର ସୁଯୋଗ ନଦେବା ଫଳରେ ଆମ ଶିକ୍ଷୟିତ୍ରୀମାନେ ନିଜ ଘର ବାରଣ୍ଡାରେ ଚାଟଶାଳୀ କରିବାରେ ବାଧ ହେଉଛନ୍ତି । ପ୍ରକାଶଥାଉ କି ଚାରୋଟି ପଡ଼ୋଶୀ ରାଜ୍ୟରେ ରାଜ୍ୟ ସରକାରଙ୍କ ଅନୁଦାନ କ୍ରମେ ଉତ୍କଳ ସମ୍ମିଳନୀ ଦ୍ୱାରା ୬୪୭ ଶିକ୍ଷକ/ ଶିକ୍ଷୟିତ୍ରୀମାନେ ନିଯୁକ୍ତ ହୋଇ ପଶ୍ଚିମବଙ୍ଗ ବ୍ୟତୀତ ଅନ୍ୟ ତିନୋଟି ରାଜ୍ୟରେ ପଡ଼ୋଶୀ ରାଜ୍ୟ ସରକାରଙ୍କ ସରକାରୀ ବିଦ୍ୟାଳୟ ଓଡ଼ିଶା ଶିକ୍ଷା ପ୍ରଦାନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଉତ୍କଳ ସମ୍ମିଳନୀର ପ୍ରସ୍ତାବ ଆମ ରାଜ୍ୟ ସରକାର ଶିକ୍ଷକ ସଂଖ୍ୟା ଦ୍ୱିଗୁଣିତ କରି ମାସିକ ଦରମା ତିନି ହଜାରରୁ ପାଂଚ ହଜାର ପାରିଶ୍ରମିକ ଦିଅନ୍ତୁ ଏବଂ ପ୍ରଚଳିତ କେନ୍ଦ୍ରର ଶିକ୍ଷାନୀତି ଅନୁଯାୟୀ ଓଡ଼ିଆ ଭାଷୀ ଜିଲ୍ଲାମାନଙ୍କରେ ପଡ଼ୋଶୀ ରାଜ୍ୟମାନେ ଏକ ହଜାର ଲେଖାଏଁ ଓଡ଼ିଆ ଶିକ୍ଷକ ନିଯୁକ୍ତି ଦିଅନ୍ତୁ । ଉପରୋକ୍ତ ସମସ୍ୟାର ସମାଧାନ ପାଇଁ ଉଭୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ବାଦଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା ।

## ପ୍ରଦେଶ ଛାତ୍ର କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୭/୧୦ (ନି.ପ୍ର): ଆଜି ପ୍ରଦେଶ ଛାତ୍ର କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ସଭାପତି ୟାସୀର ନୱାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା । ସଭାପତି ଶ୍ରୀ ନୱାଜ କହିଥିଲେ ଶିକ୍ଷାନୁଷ୍ଠାନ ମାନଙ୍କରେ ଛାତ୍ରସଂସଦ ନିର୍ବାଚନ ବନ୍ଦକରି ନବୀନ ପଟ୍ଟନାୟକ ଗଣତନ୍ତ୍ରକୁ ହତ୍ୟା କରିଛନ୍ତି । ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ଛାତ୍ର କଂଗ୍ରେସ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ । ଅନ୍ୟ ପକ୍ଷରେ ଓଡ଼ିଶା ଷ୍ଟାଫ ସିଲେକ୍ସନ ନିଯୁକ୍ତି ଦୁର୍ନୀତି ପ୍ରସଙ୍ଗକୁ ନେଇ ଛାତ୍ର କଂଗ୍ରେସ ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଆଗରେ ବିକ୍ଷୋଭ କରିବ । ନବୀନ ସରକାରର ଚାକିରୀ ବିକ୍ରି ନୀତି ବିରୁଦ୍ଧରେ ଆନ୍ଦୋନ କରିବ । ନବୀନ ସରକାର ବର୍ଷକୁ ୨ ଲକ୍ଷ ନିଯୁକ୍ତି ଦେବେ ବୋଲି ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଧୂଆଁବାଣ ବୋଲି ଛାତ୍ରଛାତ୍ରୀଙ୍କୁ ଜାଗ୍ରତ କରାଇବ । ବେକାରୀ ସମସ୍ୟା ଓ ସ୍ଥାନୀୟ ନିଯୁକ୍ତି ପ୍ରସଙ୍ଗରେ ସାରା ରାଜ୍ୟର କୋଣ ଅନୁକୋଣରେ ଦୁର୍ବାର ଆନ୍ଦୋଳନ କରାଯିବ । ଅନ୍ୟ ପକ୍ଷରେ ପାଠ ପଢିବା ପାଇଁ ଯେଉଁ ଛାତ୍ରଛାତ୍ରୀମାନେ ସମସ୍ୟାରେ ପଡୁଛନ୍ତି ସେମାନଙ୍କୁ ପାଠ ପଢିବା ପାଇଁ ସାହାଯ୍ୟ କରାଯିବ ।
ଛାତ୍ରକଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ସୁଶ୍ରୀ ଅନୁଲେଖା ବୋଷା ‘ମହାତ୍ମା ଗାନ୍ଧୀଙ୍କୁ କିଏ ଓ କାହିଁକି ହତ୍ୟା କରିଥିଲା’ ପ୍ରସଙ୍ଗରେ ଅନଲାଇନ ମାଧ୍ୟମରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ ଅନୁଷ୍କା ଶର୍ମାଙ୍କୁ ପ୍ରଥମ ରଞ୍ଜିତା ପଟ୍ଟନାୟକ ଦ୍ୱିତୀୟ ଓ ସୋହାନୀ ନାୟକଙ୍କୁ ତୃତୀୟ ସ୍ଥାନ ପାଇଥିବାର ଘୋଷଣା କରିଥିଲେ । ଏହି ପ୍ରତିଯୋଗିତାରେ ଯେଉଁମାନେ ଅଧିକ ପଞ୍ଜୀକରଣ କରିଥିଲେ ସେମାନଙ୍କ ମଧ୍ୟରୁ ଝାରସୁଗୁଡ଼ା ସଭାପତି ନବନୀତା କଭରଙ୍କୁ ପ୍ରଥମ, କଟକ ସହର ସଭାପତି ସୌମ୍ୟରଞ୍ଜନ ଦାଶଙ୍କୁ ଦ୍ୱିତୀୟ ଓ କେଉଁଝର ଜିଲ୍ଲା ସଭାପତି ଶୁଭମାଜଙ୍କୁ ତୃତୀୟ ସ୍ଥାନ ଦିଆଯାଇଥିଲା । ଗତ ଛଅମାସ ମଧ୍ୟରେ ଯେଉଁ ଜିଲ୍ଲା ଛାତ୍ରକଂଗ୍ରେସ କମିଟି ଛାତ୍ର ସ୍ୱାର୍ଥ ଓ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଭ୍ରଷ୍ଟାଚାର ଓ ଦୁର୍ନୀତି ପ୍ରସଙ୍ଗରେ ସଫଳ କାର୍ଯ୍ୟକ୍ରମ କରିଥିଲେ, ସେମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିରେ ଗଞ୍ଜାମ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶ୍ରୀ ବିକାଶ ପଶୁପାଳକ, ବଲାଙ୍ଗୀର ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ, ବରଗଡ଼ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଗୌରବ ପତି ଆଜାଦ ଏବଂ ଅନୁଗୁଳ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶ୍ରୀ ଲୁଲୁ ପାଣିଗ୍ରାହୀ ପୁରସ୍କୃତ ହୋଇଥିଲେ ।

# ପାରାଦୀପ ବନ୍ଦରର ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଲେ ପି.ଏଲ. ହାରନାଦ



ପାରାଦୀପ,୦୭/୦୯ (ନି.ପ୍ର): ପାରାଦୀପ ବନ୍ଦରର ନୂତନ ଅଧକ୍ଷ ଭାବେ ଗୁରୁବାର ଦିନ ଦାୟିତ୍ୱ ନେଇଛନ୍ତି ପୋଲାମରାଜୁ ଲକ୍ଷ୍ମୀ ହାରନାଦ । ୧୯୯୪ ବ୍ୟାଚ୍‌ର ଆଇ.ଆର୍.ଟି.ଏସ୍. ଅଫିସର ଶ୍ରୀ ହାରନାଦ ନୂଆଦିଲ୍ଲୀ ର ଇଣ୍ଡିଆନ୍ ଏଗ୍ରିକଲଚର ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ରୁ ଏମ୍.ଏସ.ସି ଓ ପି.ଏଚ୍.ଡି କରିଛନ୍ତି । ଦୀର୍ଘ ୨୭ବର୍ଷ ଧରି ଚାକିରୀ ଜୀବନରୁ ୨୨ ବର୍ଷ ଭାରତୀୟ ରେଳବାଇରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି । ଜାହାଜ ଚଳାଚଳ ମନ୍ତ୍ରଣାଳୟରେ ତାଙ୍କର ୫ବର୍ଷର ଯୋଗଦାନ ରହିଛି । ଶ୍ରୀ ହାରାନାଧ ପାରାଦୀପ ବନ୍ଦରର ନୂଆ ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପାରାଦୀପ ବନ୍ଦର ଦେଶର ଏକ ନମ୍ବର ବନ୍ଦର ହେବା ନିମନ୍ତେ ବନ୍ଦର କର୍ମଚାରୀ,ଶ୍ରମିକ ୟୁନିୟନ୍,ସମସ୍ତ ବନ୍ଦର ବ୍ୟବହାରକାରୀ, ଷ୍ଟିଭେଡର୍ସ, ଷ୍ଟିମର ଏଜେଣ୍ଟ, ସରକାରୀ ସଂସ୍ଥାଙ୍କ ସହଯୋଗ କାମନା କରିଛନ୍ତି । ପାରାଦୀପରେ ହେବାକୁ ଥିବା ୱେଷ୍ଟର୍ଣ୍ଣ ଡକ୍ ପ୍ରକଳ୍ପର ସଫଳତା କାମନା କରିଥିଲେ । ଭାରତୀୟ ରେଳବାଇର ରାୟପୁର ଡିଭିଜନ୍‌ରେ ସିନିୟର ଡିଭିଜିନାଲ୍ ଅପରେସନ୍ ମ୍ୟାନେଜର୍, ଚକ୍ରଧରପୁର ଡିଭିଜନ୍‌ରେ ଡେପୁଟି ଚିଫ ଅପରେସନ୍ ମ୍ୟାନେଜର, ସାଉଥ୍ ଇଷ୍ଟର୍ଣ୍ଣ ରେଳବାଇ ଓ ସାଉଥ୍ ସେଣ୍ଟ୍ରାଲ ରେଳବାଇରେ ଚିଫ ଅପରେସନ୍ ମ୍ୟାନେଜର (ମାର୍କେଟିଙ୍ଗ) ପୂର୍ବତଟ ରେଳବାଇରେ ଚିଫ ଫାଇଟ୍ ଟ୍ରାନସପୋର୍ଟ ମ୍ୟାନେଜର ଭାବେ କାର୍ଯ୍ୟକରିଛନ୍ତି । ନିଜର କର୍ତ୍ତବ୍ୟନିଷ୍ଠତା ଓ ଦକ୍ଷତା ନିମନ୍ତେ ସେ ଜାତୀୟ ପୁରସ୍କାର ହାସଲ କରିଛନ୍ତି । ଜାହାଜ ଚଳାଚଳ ମନ୍ତ୍ରଣାଳୟ ରେ କାମ କରିବା ମଧ୍ୟରେ ସେ ୨୦୧୫ରୁ ୨୦୨୦ ପର୍ଯ୍ୟନ୍ତ ସେ ବିଶାଖାପାଟଣା ବନ୍ଦରର ଉପାଧକ୍ଷ ଭାବେ ଦାୟିତ୍ୱ ନିର୍ବାହ କରିସାରିଛନ୍ତି । ବିଶାଖାପାଟଣା ବନ୍ଦରକୁ ତୃତୀୟ ସ୍ଥାନରେ ପହଂଚାଇବାରେ ତାଙ୍କର ବହୁ ଅବଦାନ ଥିବା ପାରାଦୀପ ବନ୍ଦର ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାରରୁ ଜଣାପଡିଛି ।

## ରାଜ୍ୟରେ କରୋନାରେ ଆଉ ୭ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୦୭/୦୯ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୭ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୨୩୪ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଓ ସୁନ୍ଦରଗଡ ଜିଲ୍ଲାରୁ ୨-୨ ଜଣ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ସେହିପରି ମୟୁରଭଂଜ, ଜଗତସିଂହପୁର, ଢେଙ୍କାନାଳ ଜିଲ୍ଲାରୁ ଜଣେ ଲେଖାଏ ମୃତ୍ୟୁବରଣ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଶ୍ରୀନଗରରେ ଆତଙ୍କୀ ହମଲା....

ତେବେ ଆକ୍ରମଣ ସମୟରେ ସ୍କୁଲରେ ଛାତ୍ରଛାତ୍ରୀ ନଥିବା ସୁଚନା ମିଳିଛି । ସ୍କୁଲକୁ ଦୁଇଜଣ ଶିକ୍ଷକ ଆସିଥିବାବେଳେ ଆତଙ୍କବାଦୀମାନେ ସେମାନଙ୍କୁ ଅତି ପାଖରୁ ଗୁଳି କରିଥିଲେ । ଗୁଳି ମୃତ ଶିକ୍ଷକଙ୍କ ମୁଣ୍ଡରେ ବାଜିଥିଲା । ଆକ୍ରମଣ କରିଥିବା ଆତଙ୍କବାଦୀଙ୍କ ସଂଖ୍ୟା ୨ରୁ ୩ ବୋଲି ଜଣାପଡିଛି । ତେବେ ଏହି ଘଟଣା ଭିଆଇବା ପରେ ଆତଙ୍କବାଦୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ପୁଲିସ୍ ସୂଚନା ଦେଇଛି । ଘଟଣାସ୍ଥଳ ପୁଲିସ ଛାଉଣୀ ଦେଖିବାକୁ ମିଳିଛି । ସଂପୃକ୍ତ ଅଂଚଳକୁ ଘେରାବନ୍ଦୀ କରାଯାଇ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଛି । ଆତଙ୍କବାଦୀ ହମଲାରେ ଶୀକ୍ଷକଙ୍କ ମୃତ ପରେ ସେମାନଙ୍କ ଘରେ ଶୋକର ମାହୋଲ ଦେଖିବାକୁ ମିଳିଛି । ମୃତ ପ୍ରିନ୍ସିପାଲ ସୁପନ୍ଦର କୌରଙ୍କ ଘରେ ମଧ ଶୋକର ମାହୋଲ ଦେଖିବାକୁ ମିଳିଛି । ଗତ ୭ ଦିନ ମଧରେ ୭ ଜଣଙ୍କୁ ଆତଙ୍କବାଦୀମାନେ ହତ୍ୟା କରିସାରିଲେଣି । ଆଉ ଏହି ଘଟଣା ପାଇଁ ଦ ରେଜିଷ୍ଟାଂଟ୍ ଫ୍ରଂଟ୍ ନାମକ ଆତଙ୍କୀ ସଙ୍ଗଠନ ନିଜକୁ ଦାୟୀ କରିଛି ।

### ପରିବା ବଜାରକୁ ଯିବାକୁ ଲାଗୁଛି ....

ଯାଉଛି । ଦୁଇ ଦିନରେ ଦୁଇ ଗୁଣ ହୋଇଯାଇଛି ଦର । ପାଞ୍ଚ ଶହ ଟଙ୍କା ନେଇ ବଜାରକୁ ଗଲେ ଭର୍ତ୍ତି ହେଉନି ବ୍ୟାଗ । କଟକର ଛତ୍ର ବଜାର ହେଉ ଅବା ଭୁବନେଶ୍ୱରର ହାଟ, ରାଜ୍ୟର ସବୁଠି ସମାନ ଅବସ୍ଥା । ଅଧିକାଂଶ ପରିବା କିଲୋ ପିଛା ଦର ୫୦-୬୦ ଟଙ୍କା ଉପରେ ରହିଛି । ପରିବା ବଜାରରେ କେବଳ ମହଙ୍ଗା ମାଡ ହୋଇନି, ତେଲ ବଜାରରେ ବି ନିଆଁ ଲାଗିଛି । ପୂର୍ବରୁ ପେଟ୍ରୋଲ ଦର ଶହେ ଟଙ୍କା ଟପିଥିବା ବେଳେ ଭୁବନେଶ୍ୱରରେ ଡିଜେଲ ଦର ଶହେ ଟପିଛି । ଗତ ୭ ଦିନ ମଧରେ ପେଟ୍ରୋଲ ଲିଟର ପିଛା ୧ଟଙ୍କା ୬୨ପଇସା ବଢିଥିବା ବେଳେ ଏହି ସମୟ ମଧରେ ଡିଜେଲ ୨ଟଙ୍କା ୯ପଇସା ବୃଦ୍ଧି ପାଇଛି । ଭୁବନେଶ୍ୱରରେ ଡିଜେଲ ଦର ୧୦୦ ଟଙ୍କା ୧୦ପଇସା ଓ ପେଟ୍ରୋଲ ଦର ୧୦୪ଟଙ୍କା ୧୪ପଇସା ହୋଇଛି । ରୋଷେଇ ଗ୍ୟାସ ସିଲିଣ୍ଡର ପିଛା ୯୨୬ ଟଙ୍କାରେ ପହଞ୍ଚିଛି । ଯାହାକି ସିଧାସଳଖ ହାଣ୍ଡିଶାଳ ଉପରେ ପ୍ରଭାବ ପକାଇଛି ।

### ବ୍ରହ୍ମଗିରିରେ ସ୍ମାର୍ଟ ହେଲ୍‌ଥ କାର୍ଡ....

ସମ୍ମାନର ସହ ବଂଚନ୍ତୁ । ଏହା ତାଙ୍କର ବିଭିନ୍ନ କଲ୍ୟାଣ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ଓ ଭୂମି ପୂଜା କରିଥିଲେ । କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ, ସାଂସଦ ପିନାକୀ ମିଶ୍ର ତାଙ୍କ ଭାଷଣରେ ଭାରତ ସରକାରଙ୍କ ଆୟୁଷ୍ମାନ ଯୋଜନା ଠାରୁ ରାଜ୍ୟ ସରକାର ଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ର ସ୍ମାର୍ଟ ହେଲ୍‌ଥ୍ କାର୍ଡ ରୁ କିପରି ଅଧିକ ସୁବିଧା ମିଳୁଛି ତା ଉପରେ ଆଲୋକପାତ କରିଥିଲେ । ଯୋଜନା ବୋର୍ଡର ଉପାଧକ୍ଷ ସଂଜୟ ଦାସବର୍ମା, ସ୍ୱାଗତ ଭାଷଣ ଦେଇଥିଲେ । ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ବ୍ରହ୍ମଗିରି ସମସ୍ୟା ଉପରେ ଆଲୋକପାତ କରିଥିଲେ । ଅନ୍ୟ ମାନଙ୍କ ମଧରେ ମନ୍ତ୍ରୀ ତୁଷାର କାନ୍ତି ବେହେରା ,ଜଗତସିଂହପୁର ସାଂସଦ ଡ଼ାକ୍ତର ରାଜଶ୍ରୀ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ ।

## ଜାଲ ସାର୍ଟିଫିକେଟରେ ଆଶାକର୍ମୀ ନିଯୁକ୍ତି : ସୂଚନା ଅଧିକାର ଆଇନ୍‌ରେ ଧରାପଡିଲା ମହିଳା

ଜଳେଶ୍ୱର ୭/୧୦(ନିପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ପୌରାଞ୍ଚଳର ୫ନଂ ୱାର୍ଡ ନନ୍ଦିକା ଅଂଚଳର ଜଣେ ଆଶାକର୍ମୀ ସଂଯୁକ୍ତା ସୁର ନିଯୁକ୍ତି ପାଇଥିବା ଦର୍ଶାଯାଇଥିବା ବେଳେ ସୂଚନା ଆଇନ୍ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ ମହିଳା ଜଣକ ମ୍ୟାଟ୍ରିକ ପାସ୍ କରିନଥିବା ଜଣାଯାଇଛି । କିନ୍ତୁ ସେ ପ୍ରଦାନ କରିଥିବା ମ୍ୟାଟ୍ରିକ ପାସ୍ ସାଟିଫିକେଟ୍ ଓ ବିଦ୍ୟାଳୟ ପରିତ୍ୟାଗ ପତ୍ର ମଧ୍ୟରେ ତାଳମେଳ ରହୁନଥିବା ସୂଚନା ଆଇନ୍ ବଳରେ ମିଳିଥିବା ତଥ୍ୟରୁ ଜଣାଯାଇଛି । ମାତ୍ର ସ୍ୱାସ୍ଥ୍ୟ ବିଭାଗ ସାର୍ଟିଫିକେଟ ଯାଞ୍ଚ ନ କରି କିପରି ନିଯୁକ୍ତି ଦେଲେବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଏହି ନିଯୁକ୍ତି ଅସିଦ୍ଧ ଘୋଷଣା କରିବାଲାଗି ଗ୍ରାମବାସୀଙ୍କ ପକ୍ଷରୁ ଜଗନ୍ନାଥ ଭଂଜ, ସସ୍ମିତା ଭଂଜ, ସପନ କୁମାର ପାତ୍ର, ସ୍ମିତା ପାତ୍ର, ତନ୍ମୟ ପାତ୍ର, ମଲ୍ଲିକା ଭଂଜ, ରୁପାରାଣୀ ସାହୁ, କଳ୍ପନା ସାହୁ, ରେଖାରାଣୀ ସେଠୀ ପ୍ରମୁଖ ଦାବି କରିଛନ୍ତି ।

## ଉତ୍ତରପ୍ରଦେଶ କୃଷକ ହତ୍ୟା ଘଟଣାରେ ମୋଦୀ ଓ ଯୋଗୀଙ୍କ କୁଶପୁତଳିକା ଦାହ



ବାରିପଦା,୦୭/୦୯ (ନି.ପ୍ର): ଉତ୍ତରପ୍ରଦେଶର ଲକ୍ଷୀମପୁର ଠାରେ କୃଷକ ମାନଙ୍କ ହତ୍ୟା ଓ ଅଗଣତାନ୍ତ୍ରିକ ଭାବେ ଜାତୀୟ କଂଗ୍ରେସ ଦଳର ନେତ୍ରୀ ଶ୍ରୀମତୀ ପ୍ରୀୟଙ୍କା ଗାନ୍ଧୀଙ୍କୁ ଗିରଫ କରାଯିବା ଘଟଣାକୁ ନିନ୍ଦା କରାଯାଇ ମୟୁରଭଞ୍ଜ ଜିଲ୍ଲା ଛାତ୍ର କଂଗ୍ରେସ ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ୟୁ.ପି. ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ଙ୍କର କୁଶପୁତ୍ତଳିକା ବାରିପଦା କଲେଜଛକ ଠାରେ ଆଜି ସଂଧ୍ୟାରେ ଦାହ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ହେମନ୍ତ ଦାସ, ପ୍ରଦୀପ ମିଶ୍ର, ପିସିସି ଉପସଭାପତି ସରସ୍ୱତୀ ହେମ୍ବ୍ରମ, ଅରବିନ୍ଦ ଦାସ, ସ୍ୱରୁପ ମିଶ୍ର, ଜ୍ୟୋତି ପ୍ରକାଶ ରଥ, ଯୋଗେଶ ଅଗ୍ରୱାଲ, ସୁଦୀପ ମନ୍ତ୍ରୀ, ସୁସ୍ମିତା ଘୋସାଲ, ଶାନ୍ତନୁ ପାଲ, ଦୀପକ ଦାଶ, ଇତୀଶ୍ରୀ ମିଶ୍ର, ରଶ୍ମିତା ମିଶ୍ର, ସୁଭସ୍ମିତା ଦାସ, ତାରାକାନ୍ତ ବେହେରା, ମୋତି ଦାସ, ଭିକି ସାମଲ, ସ୍ୱାଗନ ଦାସ, ବୁଧୁରାମ ସିଂ, ନିର୍ମଳ ପ୍ରଧାନ, ହରିଶଙ୍କର ଦାସ ପ୍ରମଖ ଶତାଧିକ କଂଗ୍ରେସ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ କୁଶପୁତଳିକା ଦାହ କରିଥିଲେ ।

## କବି ହନିଫଙ୍କୁ ନାଇଜେରିଆ ସମ୍ମାନ



ଧାମନଗର,୦୭/୦୯ (ନି.ପ୍ର): ବିଭିନ୍ନ ଦେଶ ଓ ରାଜ୍ୟ ସମେତ କେନ୍ଦ୍ର ମନ୍ତ୍ରୀଙ୍କ ଠାରୁ ବିଭିନ୍ନ ସମୟରେ ସମ୍ମାନୀତ ହୋଇ ଭଦ୍ରକ ଜିଲ୍ଲାର ଗୌରବ ଆଣିପାରିଛନ୍ତି ହନିଫ ସାହା । ଧାମନଗର ବ୍ଲକ ଅନ୍ତର୍ଗତ ବୟାଂଡ଼ିହ ପଂଚାୟତ ନୂଆଗାଁ ଗ୍ରାମର ସାହିତ୍ୟ ସାଧକ ଓ କବି ମହମ୍ମଦ ହନିଫ ସାହା ପାଇଛନ୍ତି ଆନ୍ତର୍ଜାତୀୟ କବି ସମ୍ମାନ । ତା ୧୦/୦୧/୧୯୮୩ରେ ପିତା ଗୋଲାମ ରସିଦ୍ ସାହା, ମାତା ଅମିନା ବିବିଙ୍କ କୋଳମଣ୍ଡନ କରିଥିବା ହନିଫ ପେଶାରେ ରୋଗୀସେବା କରୁଥିଲେ ମଧ ନିଶା ତାଙ୍କର କବିତା ଓ ଗଳ୍ପ ଲେଖିବା । ବିଭିନ୍ନ ଜନସଚେତନତା ତଥା କୁ ସଂସ୍କାର ବିରୋଧି କବିତା ଲେଖି ସେ ବହୁ ପ୍ରଶଂସିତ । ତାଙ୍କ ଲେଖନି ମୁନରୁ ବହୁ କବିତା ଓ ଗଳ୍ପର ସୃଷ୍ଟି । ନାଇଜେରିଆର ୬୧ତମ ସ୍ୱାଧିନତା ଦିବସରେ ଏକ ଉଚ୍ଚସ୍ତରୀୟ କମିଟି ଦ୍ୱାରା ୪୫୦ଜଣ କବିଙ୍କ ମଧ୍ୟରୁ ଶ୍ରେଷ୍ଠ ଭାବେ ତାଙ୍କୁ ମିଳିଛି ଏହି ଆନ୍ତର୍ଜାତୀୟ ସମ୍ମାନ । କବି ହନିଫ ଏହାଛଡ଼ା ରାଇଟର ଆୱାର୍ଡ଼- ୨୦୨୦, ଗଞ୍ଜାମ ସାହିତ୍ୟ ସଂସଦ ପକ୍ଷରୁ ଶ୍ରେଷ୍ଠ କବି ସମ୍ମାନ ସହ ବହୁ ଜାତୀୟ ତଥା ଆନ୍ତର୍ଜାତୀୟ ଅନୁଷ୍ଠାନରୁ ସମ୍ମାନୀତ ଓ ସମ୍ବର୍ଦ୍ଧିତ । ଓଡ଼ିଆ ଭାଷାରେ ଗଜଲ ଲେଖି ସେ ସର୍ବଜନାଦୃତ । କବି ଭାବରେ ରାଜ୍ୟ ତଥା ନାଇଜେରିଆ ସମେତ ଭୁଟାନ, ୟୁଏସ୍‌ଏ ଓ ଦକ୍ଷିଣ ଆଫ୍ରିକା ଭଳି ବିଭିନ୍ନ ଦେଶରୁ ସେ ସମ୍ମାନୀତ ଓ ପ୍ରଶଂସିତ । ନାଜେରିଆ ସମ୍ମାନ ପାଇ ସେ ଆମ ଧାମନଗର ଅଂଚଳ ସହିତ ରାଜ୍ୟ ଓ ଦେଶର ଗୌରବ ଆଣିଛନ୍ତି । ଏହି ସମ୍ମାନ ମିଳିବା ପରେ କବି ହନିଫଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ‘ବିଏସଏସଏସ’ପକ୍ଷରୁ ତୃଣମୂଳ ସ୍ତରୀୟ ମହିଳା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବାଲେଶ୍ୱର,୦୭/୦୯ (ନି.ପ୍ର): ବାଲେଶ୍ୱର ସାମାଜିକ ସେବା ସଂସ୍ଥା (ବିଏସଏସଏସ) ପକ୍ଷରୁ ନାବାର୍ଡ଼ ସହାୟତାରେ ଏକ ତୃଣମୂଳ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବାହାନଗା ବ୍ଲକ ଅନ୍ତର୍ଗତ ଚକଜଗନ୍ନାଥପୁର ପଞ୍ଚାୟତର ବାସୁବ୍ରହ୍ମପୁରଠାରେ ଅନୁଷ୍ଠିତ ହୋଇଯାଇଛି । ଚକଜଗନ୍ନାଥପୁର ପଞ୍ଚାୟତର ବିଭିନ୍ନ ଗାଁ ସମେତ ଆଖପାଖ ଅଞ୍ଚଳର ସଂଖ୍ୟାଧିକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ଏହି ଶିବିରରେ ଜୀବାଣୁ ନାଶକ ଦ୍ରବଣ (ଫିନାଇଲ) ଓ ଲୁଗାଧୁଆ ପାଉଡର (ଡିଟଜେଣ୍ଟ) ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣ ଶିବିରକୁ ଉଦଘାଟନ ସହ ଗ୍ରାମାଞ୍ଚଳ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ବିଏସଏସଏସ ଓ ନାବାର୍ଡ଼ର ମିଳିତ ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି କହିଥିଲେ । ନାବାର୍ଡ଼ ଡିଡିଏମ ତାପସ ରଞ୍ଜନ ପ୍ରଧାନ, ବିଏସଏସଏସର ନିର୍ଦ୍ଦେଶକ ଫାଦର ଲିଜୋ, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ ନିର୍ବାହୀ ଅଧିକାରୀ ନାରାୟଣ ମଢ଼େଇ, ବାଲେଶ୍ୱର ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର ସନ୍ଦୀପ ଡାକୁଆ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଆଞ୍ଚଳିକ ପରିଚାଳକ ଅତୁଲ କୁମାର ମହାନ୍ତି, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଖନ୍ତାପଡ଼ା ଶାଖା ପରିଚାଳକ ତରୁଣ କୁମାର ଦାସ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ପରିଚାଳକ ଆକାଶ ଦାସ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାବାର୍ଡ଼ ଓ ବିଏସଏସଏସର ମିଳିତ କାର୍ଯ୍ୟଧାରା ଏବଂ ଗ୍ରାମାଞ୍ଚଳ ଆର୍ଥିକ ବିକାଶ କ୍ଷେତ୍ରରେ ଏହାର ସଫଳତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ବିଶେଷ କରି ନାରୀ ସଶକ୍ତୀକରଣକୁ ଆଗେଇ ନେବା ସହ ମହିଳାମାନଙ୍କ ଆର୍ଥିକ ସ୍ଥିତି ମଜବୁତ କରିବାରେ ଏଭଳି କାର୍ଯ୍ୟକ୍ରମ ବେଶ ଉପାଦେୟ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ବିଏସଏସଏସ ପ୍ରତିନିଧି ସତ୍ୟନାରାୟଣ ମହାପାତ୍ର ଏଥିରେ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ମୁଖ୍ୟ ପ୍ରଶିକ୍ଷକ ଚନ୍ଦ୍ରଶେଖର ପଣ୍ଡା ମହିଳାମାନଙ୍କୁ ଡିଟର୍ଜେଣ୍ଟ ଓ ଫିନାଇଲ ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ବିଏସଏସଏସ ପରିବାରର ଭିନସେଣ୍ଟ ଜୋସେଫ, ଜୟ ବେହେରାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଉଦୀୟମାନ ଯୁବକ ଦୀନେଶ ନାୟକ, ରତିକାନ୍ତ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

## ଅନ୍ତରୀକ୍ଷ ଟ୍ରଷ୍ଟ ତରଫରୁ ମାଗଣା ଔଷଧ ଓ ଖାଦ୍ୟ ବଣ୍ଟନ



କେନ୍ଦ୍ରାପଡ଼ା,୦୭/୦୯ (ନି.ପ୍ର): କଳା, ସାହିତ୍ୟ, ସଂସ୍କୃତି, ସେବା ଓ ଗବେଷଣା ପ୍ରତଷ୍ଠାନ ଅନ୍ତରୀକ୍ଷ ଚାରିଟେବୁଲ ଟ୍ରଷ୍ଟ ତରଫରୁ କେନ୍ଦ୍ରାପଡ଼ା ସ୍ଥିତ ରାଜ୍ୟ ପର୍ଯ୍ୟଟନ ସ୍ଥଳୀ ସଖୀବଟ ପ୍ରାଙ୍ଗଣରେ ତା୬/୧୦ ରିଖ ବୁଧବାର ରୋଗୀଙ୍କୁ ମାଗଣା ଔଷଧ ବଣ୍ଟନ ଓ ଭୋଜନ ବ୍ୟୋବସ୍ଥା କାର୍ଯ୍ୟକ୍ରମ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମ ରେ ୨୬ଜଣ ବିଭିନ୍ନ ଦୁରାରୋଗ୍ୟ ରେ ପୀଡ଼ିତ ବ୍ୟୋକ୍ତି ଉପସ୍ଥିତ ହୋଇଥିଲେ । ଟ୍ରଷ୍ଟ ର ମାନେଜିଂ ଟ୍ରଷ୍ଟି ବା ଡ଼ାକ୍ତର ଲକ୍ଷ୍ମୀପ୍ରିୟା ମାଇତି ପୀଡ଼ିତ ବ୍ୟକ୍ତି ମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥାକୁ ପୁଙ୍ଖାନୁପୁଙ୍ଖ ଭାବେ ପରୀକ୍ଷଣ କରି ହୋମିଓପାଥି ଔଷଧ ବଣ୍ଟନ କରିଥିଲେ । ଟ୍ରଷ୍ଟ ର ଅନ୍ୟାନ୍ୟ କର୍ମକର୍ତ୍ତା ଏଥିରେ ସହଯୋଗ କରିବା ସହ ସଖୀବଟ ଉନ୍ନୟନ ପ୍ରକଳ୍ପର ସଦର୍ଶ୍ୟ ବୃନ୍ଦ ମଧ ସହଯୋଗର ହାତ ବଢ଼େଇ ଥିଲେ । ତତ୍‌ସହ ସଖୀବଟ ର ସ୍ଥାୟୀ ସଭାପତି ବା ଅବସରପ୍ରାପ୍ତ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନିରଞ୍ଜନ ସାହୁ ଉପସ୍ଥିତ ରହି ଏଭଳି ଏକ ସ୍ୱେଚ୍ଛାକୃତ କାର୍ଯ୍ୟକ୍ରମ କୁ ଆଗେଇନେବା ସହ ପ୍ରଶଂସା ମଧ କରିଥିଲେ । ଔଷଧ ବଣ୍ଟନ ପରେ ଉପସ୍ଥିତ ସମସ୍ତ ପୀଡ଼ିତ ବ୍ୟକ୍ତି ଓ ତାଙ୍କ ସହ ଆସିଥିବା ପରିବାର ବା ବନ୍ଧୁ ପରିଜନଙ୍କ ପାଇଁ ସଖୀବଟ ପ୍ରାଙ୍ଗଣରେ ଟ୍ରଷ୍ଟ ତରଫରୁ ମଧ୍ୟାହ୍ନ ଭୋଜନରେ ବ୍ୟୋବାସ୍ଥା ମଧ କରାଯାଇଥିଲା । ଟ୍ରଷ୍ଟ ର ସ୍ଥାୟୀ ସଭାପତି ଆନନ୍ଦ କୁମାର ମାଇତି ଙ୍କ ସମ୍ପୂର୍ଣ୍ଣ ତତ୍ତ୍ୱ ବଧାନରେ ଏଇ କାର୍ଯ୍ୟକ୍ରମ କୁ ସରସ ସୁନ୍ଦର ଓ ଶୃଙ୍ଖଳିତ ଭାବେ ସମାପନ କରାଯାଇଥିଲା ।

## ୭ମ ଦିନରେ କଂଗ୍ରେସ ଜନସଂପର୍କ ପଦଯାତ୍ରା : ନଦୀବନ୍ଧକୁ ସୁଦୃଢିକରଣ ଲାଗି ଦାବି




ଜଳେଶ୍ୱର, ୭/୧୦(ନିପ୍ର): ଜଳେଶ୍ୱର ବ୍ଲକର ବିଭିନ୍ନ ଦୁର୍ନିତୀ ଓ ଭ୍ରଷ୍ଟାଚର ସହିତ ଲୋକଙ୍କ ସମସ୍ୟା ସଂପର୍କରେ ଅବଗତ ହେବାଲାଗି ଜଳେଶ୍ୱର କଂଗ୍ରେସ ପକ୍ଷରୁ ଗାନ୍ଧିଜୟନ୍ତୀ ରୁ ଗୋପବଂଧୁ ଜୟନ୍ତୀ ପର୍ଯ୍ୟନ୍ତ ଜନସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇ ଆସୁଛି । ଆଜି ଗୋବରଘଟା ପଂଚାୟତର ଅଗ୍ରୱାଲା ଛକଠାରୁ ଏକ ସଚେତନତା ପଦାଯାତ୍ରା ଆରମ୍ଭ ହୋଇ ମୁକ୍ତେଶ୍ୱର ମିନ୍ଦିର ଠାରେ ଶେଷ ହୋଇଥିଲା । ହାଟପଦା, ଇଷାଣେଶ୍ୱର, ବେଣୁମାଧବ, ବୈରାଟଆଡି ଇତ୍ୟାଦି ସ୍ଥାନରେ ପଥପ୍ରାନ୍ତ ସଭାମାନ ଆୟୋଜନ କରାଯାଇଥିଲା । ପଂଚାୟତ ପାର୍ଶ୍ୱରେ ଥିବା ସୁବର୍ଣ୍ଣରେଖା ନଦୀବନ୍ଧ ଦୁର୍ବଳ ଥିବାରୁ ବନ୍ୟା ବିପଦରୁ ରକ୍ଷାଲାଗି ବନ୍ଧକୁ ଦୃଢିକରାଣ କରାଯିବାକୁ ପଂଚାୟତବାସୀମାନେ ଦାବି ଜଣାଇଥିଲେ । ଗ୍ରାମରେ ଦୀର୍ଘଦିନ ଧରି ଟ୍ରନ୍ସଫରମର ପୋଡି ଯାଇଥିବାରୁ ଲୋକେ ପାଣି ପାଇବାରୁ ବଂଚିତ ହେବା ସହିତ ଅନ୍ଧାରରେ କାଳାତିପାତ କରୁଥିଲେ । ଏ ସପର୍କରେ ପଦଯାତ୍ରାର ନେତୃତ୍ୱ ନେଉଥିବା କଂଗ୍ରେଦସ ରାଜ୍ୟପ୍ରବକ୍ତା ସୁଦର୍ଶନ ଦାସଙ୍କ ବିଭାଗୀୟ ଅଧିକାରୀଙ୍କୁ ଫୋନ୍‌ଯୋଗ କଆଲୋଚନା ପରେ ଏହାର ସମାଧାନ କରାଯାଇଥିଲା । ଅନ୍ୟ ମଧ୍ୟରେ ବ୍ଲକ କଂଗ୍ରେସ ସଭାପତି ରାଜୀବ ପରିଡା, କିଷାନ କଂଗ୍ରେସ ସୁଦାମ ପାତ୍ର, ଗୋତିକୃଷ୍ଣ ଦଳାଇ, ଅସୀମ ମିତ୍ର, ସୁରେଶ ମହନ୍ତ, ଭୂଷଣ ସାମଲ, ଗଜେନ୍ଦ୍ର ଦଳାଇ, ସରପଂଚ ବୁଦ୍ଧେଶ୍ୱର ପ୍ରଧାନ, ମିହିର ଭୂୟାଁ ପ୍ରମୁଖ ବହୁ କର୍ମୀ ଅଂଶ ଗ୍ରହଣ କରିଥିଲେ ।

# ୬୭ତମ ବନ୍ୟପ୍ରାଣୀ ସପ୍ତାହ ପାଳନ

## ବନ ସୁରକ୍ଷା ସଂଗଠନ ଓ ବନବାସୀ ମାନଙ୍କ ସହଯୋଗ ଲୋଡିଲା ବିଭାଗ



ବାରିପଦା,୦୭/୦୯ (ନି.ପ୍ର): ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ପାଇଁ ବନ ଅଧୀକାରୀ, ବନ ସୁରକ୍ଷା ସଙ୍ଗଠନ ଓ ବନବାସୀ ମାନେ ମିଳିତ ଭାବରେ କାମ କରି ଏହାର ସୁରକ୍ଷା ପାଇଁ ଯତ୍ନବାନ ହେବେ ବୋଲି ୬୭ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଉପସ୍ଥିତ ଅତିଥି ମାନେ ନିଜନିଜର ମତ ରଖିଛନ୍ତି । ବାରିପଦା ବନଖଣ୍ଡ ଓ ସଂଗ୍ରାମ ସେଚ୍ଛାସେବୀ ଅନୁଷ୍ଠାର ମିଳିତ ଆନୁକୂଲ୍ୟରେ ବାରିପଦା ବନଖଣ୍ଡ କାର୍ଯ୍ୟାଳୟର ସଙ୍କଳ୍ପ ସମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ ଅରୁଣ ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ସଭାରେ ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର ଯୋଷୀ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ(ଦକ୍ଷିଣ)ର ଉପ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳନ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା, ମୁଖ୍ୟବକ୍ତା ପ୍ରାକ୍ତନ ଉପ ବନସଂରକ୍ଷକ ବଟକୃଷ୍ଣ ପାଢ଼ୀ, ସଂଗ୍ରାମର ସଭାପତି ସଂଯୁକ୍ତା ବସା ଓ ସମ୍ପାଦକ ତଥା ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଶିମିଳିପାଳ ପାଦଦେଶ ଓ ସଂଲଗ୍ନ ଗ୍ରାମ ଗୁଡ଼ିକରେ ଥିବା ଆଦିବାସୀ ସମ୍ପ୍ରଦାୟର ମାଝି ପାରଗାନା, ନାଇକେ ଓ ଦେହୁରୀମାନେ ଉପସ୍ଥିତ ରହି କର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଆଦିବାସୀମାନେ ଜଙ୍ଗଲରେ ବସବାସ କରୁଥିବାରୁ ବୃକ୍ଷ ତଥା କୁ ଦେବତା ଭାବେ ପୂଜା କରିଥାନ୍ତି । ଏଣୁ ଆଦିବାସୀମାନଙ୍କୁ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଦିଗରେ ସଚେତନ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଥିଲା । ଶିମିଳିପାଳରେ ଥିବା ପର୍ଯ୍ୟଟନସ୍ଥଳୀ ଗୁଡ଼ିକୁ ଗମନାଗମନ ଓ ଆଶ୍ରୟସ୍ଥଳୀର ବ୍ୟବସ୍ଥା କରିପାରିଲେ ଆଗନ୍ତୁକଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ବହୁ ଆଦିବାସୀ ଯୁବକ ପରୋକ୍ଷରେ ରୋଜଗାରକ୍ଷମ ହୋଇପାରିବେ ବୋଲି ମତପ୍ରକାଶ ପାଇଛି । ଆଗାମୀ ଦିନରେ ଅଭୟାରଣ୍ୟରେ ଶିକାର ବନ୍ଦ ଓ ଅଗ୍ନିକାଣ୍ଡ ରୋକିବା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିବାକୁ ବନବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଶିମିଳିପାଳ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ବନ ସୁରକ୍ଷା କମିଟିର ହାଡ଼ିବନ୍ଧୁ କର, କମଲ ନାଏକ, ଜଗଦିଶ ମୁର୍ମୁ ଓ ଶୈଳେନ୍ଦ୍ର ହେମ୍ବ୍ରମକୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସହକାରୀ ବନ ସଂରକ୍ଷକ ଦିଲୀପ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ତେବେ ଗତ ବର୍ଷ ଶିମିଳିପାଳରେ ଲଗିଥିବା ନିଆଁ ବିଶ୍ୱ ଦରବାର ରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଚଳିତ ବର୍ଷ ଜଙ୍ଗଲ ଅଗ୍ନୀକୁ ରୋକିବା ପାଇଁ ବିଶେଷ ଧାନ ଦିଆଯାଉଥିବାର ଜଣା ଯାଇଛି ।

## ସାଇ ଭଜନ ଆଲବମ ‘ସାଇ ସରକାର’ଉନ୍ମୋଚିତ

ବାଲେଶ୍ୱର,୦୭/୦୯ (ନି.ପ୍ର): ପାର୍ବଣ ଅବସରରେ ‘ସାଇ କ୍ରିଏସନ’ ପକ୍ଷରୁ ନୂତନ ସାଇ ଭଜନ ଆଲବମ ‘ସାଇ ସରକାର’ ଫକୀର ମୋହନ ଗୋଲେଇସ୍ଥିତ ସାଇଦୁର୍ଗା ମନ୍ଦିର ପରିସରରେ ଉନ୍ମୋଚିତ ହୋଇଯାଇଛି । ରେବତୀ ପତ୍ରିକାର ସମ୍ପାଦିକା ସମାଜସେବୀ ସୁବାସିନୀ ଜେନା ଏବଂ ଯୁବ ଉଦ୍ୟୋଗୀ ଲକ୍ଷ୍ମୀନାରାୟଣ ମହାନ୍ତି ଏହି ଆଲବମକୁ ମିଳିତ ଭାବେ ଉନ୍ମୋଚନ କରିଥିଲେ । ସାଇ କ୍ରିଏସନର ଉତ୍ତରୋତ୍ତର ଉନ୍ନତି କାମନା ସହ ଶିରିଡ଼ି ସାଇବାବାଙ୍କ କୃପାରୁ ଅନୁଷ୍ଠାନ ଭବିଷ୍ୟତରେ ଏହିଭଳି ଅଧିକରୁ ଅଧିକ ଭଜନ ପ୍ରସ୍ତୁତ କରୁ ବୋଲି ଶ୍ରୀମତୀ ଜେନା କାମନା କରିଥିଲେ । ମାଆଙ୍କ ନବରାତ୍ର ପୂଜା ଅବସରରେ ଉନ୍ମୋଚିତ ହୋଇଥିବା ଏହି ଭଜନ ସାଇଭକ୍ତଙ୍କ ହୃଦୟକୁ ଛୁଇଁବ ବୋଲି ଶ୍ରୀ ମହାନ୍ତି ଆଶା ପ୍ରକାଶ କରିଥିଲେ । ସାଇ କ୍ରିଏସନର ମୁଖ୍ୟ ପ୍ରଶାନ୍ତ କୁମାର ପଟେଲ ଏଥିରେ ଅଧ୍ୟକ୍ଷତା କରିବା ସହିତ ସାଇ ସରକାର ଆଲବମ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ । ଏହି ସାଇ ଭଜନରେ ବାଲେଶ୍ୱରର ଉଦୀୟମାନ କଣ୍ଠଶିଳ୍ପୀ ପ୍ରଭୁପଦ ଓ ବିକାଶ ଚନ୍ଦ୍ର କଣ୍ଠଦାନ କରିଥିବା ବେଳେ ବିଭୂପଦଙ୍କ ସହ ନିଜେ ପ୍ରଭୁପଦ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ତେବେ ତାଙ୍କ ଲିଖିତ ସାଇ ଭଜନକୁ ସଙ୍ଗୀତ ନିର୍ଦ୍ଦେଶକଙ୍କ ସମେତ କଣ୍ଠଶିଳ୍ପୀମାନେ ହୃଦୟସ୍ପର୍ଶୀ ତଥା ଜୀବନ୍ତ କରିପାରିଛନ୍ତି ବୋଲି ଶ୍ରୀ ପଟେଲ କହିଥିଲେ । ଏହି ପରିପ୍ରେକ୍ଷୀରେ ଅତିଥିମାନଙ୍କ ଦ୍ୱାରା ସାଇଭଜନ ପ୍ରସ୍ତୁତିରେ ସାମିଲ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧିତ କଳାକାରଙ୍କୁ ଉପଢୌକନ ସହ ବୃକ୍ଷଚାରା ପ୍ରଦାନ କରାଯାଇଥିଲା । ସାଇ କ୍ରିଏସନର ସଦସ୍ୟ ସଦସ୍ୟାମାନେ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ ।

ଧ୍ୱନି ପ୍ରତିଧ୍ୱନି



# ଆଜାଦି କା ଅମୃତ ମହୋତ୍ସବରେ କେନ୍ଦ୍ରମନ୍ତ୍ରୀଙ୍କ ଆହ୍ୱାନ

ପୁରୀ,୦୭/୦୯ (ନି.ପ୍ର): ମାନବ ସମାଜ ତିଷ୍ଠି ରହିବାଲାଗି ପରିବେଶ ସୁରକ୍ଷା ଅପରିହାର୍ଯ୍ୟ। ପରିବେଶ, ସାମୁଦ୍ରିକ ତଟ ତଥା ଜଳଜୀବମାନଙ୍କ ସୁରକ୍ଷା ନିମନ୍ତେ ଯୁବଗୋଷ୍ଠୀ ଜତ୍ନବାନ ହେବାକୁ କେନ୍ଦ୍ର ପରିବେଶ,ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ, ଖାଦ୍ୟ ଓ ଖାଉଟି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅଶ୍ୱୀନ କୁମାର ଚୌବେ ଆହ୍ୱାନ ଦେଇଛନ୍ତି। ପୁରୀ ବ୍ଲୁଫାଗ୍‌ବିଚରେ ସାଗରତଟ ଅଭିଯାନ ଓ ଆଜାଦି କା ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରମନ୍ତ୍ରୀ ଚୌବେ ଏଥିରେ ମୁଖ୍ୟଅତିଥିଭାବେ ଯୋଗଦେଇ ଉପରୋକ୍ତ ମତଦେଇଥିଲେ। ପୁରୀ ବିଚ୍‌ରେ ଉପଲବ୍ଧ ସୁବିଧାର ଉଚ୍ଚ ପ୍ରଶଂସା କରି ସେ କହିଥିଲେଯେ,ବ୍ଲୁଫାଗ ବିଚି ପ୍ରତି ପର୍ଯ୍ୟଟକମାନେ ଆକୃଷ୍ଟ ହେଉଥିବାରୁ ଅଧିକ ବ୍ଲୁ ଫ୍ଲାଗ ବିଚ୍ ସୃଷ୍ଟି କରାଯିବ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଅର୍ଥନୀତି ଉପରେ ପର୍ଯ୍ୟଟନ କ୍ଷେତ୍ରର ସାକରାତ୍ମକ ପ୍ରଭାବ ଥିବାରୁ ଏହାର ବିକାଶ ଉପରେ ଗୁରତ୍ୱାରୋପ କରିଥିଲେ। ଜିଲ୍ଲାପାଳ ସମର୍ଥ ବର୍ମା ସ୍ୱାଗତ ଭାଷଣ ପ୍ରଦାନ କରି ବେଳାଭୂମୀରେ ଉପଲବ୍ଧ ସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ। ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉଭୟ ପର୍ଯ୍ୟଟନ ଓ ତୀର୍ଥସ୍ଥାନ ନିମନ୍ତେ ପୁରୀ ପରିଚିତ ବୋଲି ଉଲ୍ଲେଖ କରି ବେଳାଭୂମୀ ଅନେକ ଲୋକଙ୍କ ଭାତହାଣ୍ଡି ବୋଲି ମତବ୍ୟକ୍ତ କରିଥିଲେ। ସୋସାଇଟି ଇଣ୍ଟିଗ୍ରେଟେଡ୍ କୋଷ୍ଟାଲ ମ୍ୟାନେଜମେଣ୍ଟ(ସିକମ୍)ର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସନ୍ଦିପ, ଏବଂ ଡ଼ିଆଇଜିଫ୍(କେନ୍ଦ୍ରୀୟ) ପଦ୍ମା ମହାନ୍ତି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଭିଭାଷଣ ପ୍ରଦାନ କରିଥିଲେ। ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ୟୁକୋ ଟୁରିଜିମ୍‌ର ଯୁଗବ୍ରତ କରଙ୍କ ସମେତ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ପ୍ରାତଃ ସମୟରେ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟଅତିଥିମାନେ ବେଳାଭୂମୀ ସଫେଇ ସହିତ ବୃକ୍ଷ ରୋପଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମର ସାହୁଙ୍କ ସମେତ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ଛାତ୍ରୀ ଏବଂ ବହୁ ସ୍ୱେଚ୍ଛାସେବୀ ଏଥିରେ ଯୋଗ ଦେଇଥିଲେ। ଡ଼ିଏଫ୍‌ଓ ରାମାସ୍ୱାମୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୬ ଆୟୁର୍ବେଦ ଚିକିତ୍ସକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବାଲେଶ୍ୱର,୦୭/୦୯ (ନି.ପ୍ର): ଓଡ଼ିଶା ସରକାରୀ ଆୟୁର୍ବେଦ ତଥା ୟୁନାନି ଚିକିତ୍ସକ ସଂଘ ବାଲେଶ୍ୱର ଶାଖା ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପର୍ବ ସ୍ଥାନୀୟ 'ଆମନ୍ତ୍ରଣ' କଲ୍ୟାଣମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ନିକଟ ଅତୀତରେ ଚାକିରିରୁ ଅବସର ନେଇଥିବା ୬ଜଣ ଡାକ୍ତର ପ୍ରମୋଦ କୁମାର ରାଉତ, ଡାକ୍ତର ସୁକାନ୍ତି ଦାଶ, ଡାକ୍ତର ପରେଶ ଚନ୍ଦ୍ର ଆଚାର୍ଯ୍ୟ, ଡାକ୍ତର ବିଜୟ କୁମାର ମିଶ୍ର, ଡାକ୍ତର ସୁଶାନ୍ତ କୁମାର ଶାସ୍ତ୍ରୀ ଏବଂ ଡାକ୍ତର ଅଶୋକ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ଆୟୁର୍ବେଦ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରାମଚନ୍ଦ୍ର ବେହେରା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଚିକିତ୍ସକଙ୍କ ସେବାମୂଳକ କାର୍ଯ୍ୟଧାରା ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇ ରହିବ ବୋଲି କହିଥିଲେ। ଜିଲା ମୁଖ୍ୟ ଆୟୁର୍ବେଦ କାର୍ଯ୍ୟାଳୟର ମୁଖ୍ୟ କିରାଣି ହିମାଂଶୁ ଶେଖର ଦାସ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ କାର୍ଯ୍ୟରୁ ଅବସର ନେବା ମାନବ ଜୀବନର ନିୟମିତ ପ୍ରକ୍ରିୟା ହୋଇଥିବା ବେଳେ ଏହାକୁ ସହଜରେ ଗ୍ରହଣ କରିବା ସହ ପୂର୍ବଭଳି ରୋଗୀ ସେବାରେ ସକ୍ରିୟ ରହିବାକୁ ପରାମର୍ଶ ଦେଇଥିଲେ। ପୂର୍ବତନ ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ଡାକ୍ତର ତ୍ରିଲୋଚନ ଧଳ ଓ ଡାକ୍ତର ସୁରେନ୍ଦ୍ର ନାଥ ମହରଣା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ବନ୍ଧୁଙ୍କ ବହୁମୁଖୀ ପ୍ରତିଭା ଓ କାର୍ଯ୍ୟ ଦକ୍ଷତା ସମ୍ପର୍କରେ ଆଲୋକପାତ କରିଥିଲେ। ଡାକ୍ତର ବୈକୁଣ୍ଠନାଥ ମଲିକ, ଡାକ୍ତର ଜୟନ୍ତ କୁମାର ପ୍ରଧାନ, ଡାକ୍ତର ସୁଭଦ୍ରା ବେହେରା, ଡାକ୍ତର ଦିଲୀପ କୁମାର ନନ୍ଦ, ଡାକ୍ତର ଘନଶ୍ୟାମ ଧଳ, ଡାକ୍ତର ସବ୍ୟସାଚୀ ମଣ୍ଡଳ, ଡାକ୍ତର ଏସଏମ ଅଲି, ଡାକ୍ତର ଭାଗ୍ୟରଂଜନ ଦାଶ ପ୍ରମୁଖ ଏଥିରେ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଚିକିତ୍ସକ ସଂଘର ସମ୍ପାଦକ ଡାକ୍ତର ଅଜୟ କୁମାର ସେଣ୍ଠ ଏଥିରେ ସ୍ୱାଗତ ଅଭିଭାଷଣ ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। କରୋନା ଯୋଗୁଁ ଦୀର୍ଘ ଦୁଇବର୍ଷ ଧରି ଅବସର ନେଇଥିବା ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରାଯାଇ ପାରିନଥିବା ସେ ସୂଚନା ଦେଇଥିଲେ। ଏହି ଅବସରରେ ବିଦାୟୀ ୬ ଜଣ ଡାକ୍ତରଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଡାକ୍ତର ଅନୀଲ କୁମାର ଦାଶ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଲୋଷ୍ଟର ସ୍ତରୀୟ ଯୁବ ରେଡ଼କ୍ରସ ଟ୍ରେନିଂ ଶିବିର ଉଦ୍‌ଘାଟିତ




ଉଦଳା,୦୭/୦୯ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରରେ ଆଜି ଅକ୍ଟୋବର ୭ ତାରିଖ ଗୁରୁବାର ଦିନ କ୍ଲୋଷ୍ଟର ସ୍ତରୀୟ ଯୁବ ରେଡ଼କ୍ରସର ତାଲିମ ଶିବିର ଉଦ୍‌ଘାଟିତ ହୋଇ ଯାଇଛି । ଉକ୍ତ ତାଲିମ ଶିବିର ୩ ଦିନ ଧରି ଚାଲିବା ସହିତ ୯ ତାରିଖ ଶନିବାର ଦିନ ଉଦ୍‌ଯାପିତ ହେବ ବୋଲି ଜଣା ଯାଇଛି । ରୋଟାରୀ କ୍ଲବ ଉଦଳାର ପୂର୍ବତନ ସଭାପତି ଇଞ୍ଜିନିୟର ସୁବାଶ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରାରମ୍ଭରେ ରେଡ଼କ୍ରସ ପତାକା ଉତ୍ତୋଳନ କରିଥିଲେ । ଏହାପରେ ମହାବିଦ୍ୟାଳୟର ଅଧକ୍ଷା ଜୟଶ୍ରୀ ଚୌଧୁରୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ତାଲିମ ଶିବିରକୁ ଉଦ୍‌ଘାଟନ କରିବା ସହିତ ରେଡ଼କ୍ରସ କିପରି ଆଜି ସମଗ୍ର ପୃଥିବୀ ବାସୀଙ୍କୁ ଗୋଟିଏ ପରିବାର ବନାଇ ପାରିଛି ବିଭିନ୍ନ ଉଦାହରଣ ମାନ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ରେଡ଼କ୍ରସ କାଉନସିଲର ଅଧ୍ୟାପିକା କୁମକୁମ ଦାସ ଓ କାଉନ୍‌ସିଲର ଅଧ୍ୟାପକ ଅଞ୍ଜନ କୁମାର ବିଶ୍ୱାଳ ୩ ଦିନ ଧରି ହେବାକୁ ଥିବା ଶିବିରର ରୁପରେଖ କିପରି ରହିବ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ପ୍ରଶିକ୍ଷକ ଭାବରେ ଅଧ୍ୟାପକ ରାଜେଶ କୁମାର ଦାଶ, ଓଡ଼ିଶା କିପରି ସର୍ବାଧିକ ସାମୁଦ୍ରିକ ବାତ୍ୟାକୁ ସାମନା କରିଛି ଓ ଏହାର ମୁକାବିଲାରେ ରେଡ଼କ୍ରସର ଭୂମିକା କିପରି ରହିଛି ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ଡ଼. ଦିଲିପ କୁମାର ଭୋଇ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ତାଲିମ ଦେଇଥିଲେ । ଶିବିରରେ ଉଦଳା ମହାବିଦ୍ୟାଳୟର କାଉନ୍‌ସିଲର ଅଧ୍ୟାପିକା ସଂଗିତା ପତି ଓ ଲୁଇପା ମହାବିଦ୍ୟାଳୟ ରାଢ଼ୋର କାଉନସିଲର ତୁଲିକା ଆସ୍‌ଙ୍କ ନେତୃତ୍ୱରେ ୧୦ ଜଣ ଏବଂ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟରୁ ୧୫ ଜଣ ଛାତ୍ରୀ ଶିବିରରେ ଅଂଶ ଗ୍ରହଣ କରିଛନ୍ତି ।

# ରାଜଧାନୀରେ ୨୪ ଘଂଟାରେ ୨୬୭ ପଜିଟିଭ୍

ଭୁବନେଶ୍ୱର,୦୭/୦୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଗୁରୁବାର ଦିନ ଆଉ ୨୬୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୮୪ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୮୩ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୧୪୪ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧୪୦୧୮ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୧୦୯୪୭୪ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୩୪୯୫ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୧୦୨୮ କୁ ବୃଦ୍ଧି ପାଇଛି।

# ୩୦ ମୋତିଆବିନ୍ଦୁ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ପ୍ରସ୍ତୁତି

ବାଲେଶ୍ୱର,୦୭/୦୯ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ଯୁବ ସମାଜସେବୀ ସଲିମ ରାଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩୦ଜଣ ବ୍ୟକ୍ତିଙ୍କର ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ପଦକ୍ଷେପ ନିଆଯାଇଛି। ସହରର ଶ୍ରୀରାମ ହସପିଟାଲର ସହଯୋଗରେ ଆୟୋଜିତ ବିଭିନ୍ନ ଚକ୍ଷୁ ପରୀକ୍ଷା ଶିବିରରୁ ଚିହ୍ନଟ ହୋଇଥିବା ମୋତିଆବିନ୍ଦୁ ରୋଗୀଙ୍କୁ ଏବେ ପର୍ଯ୍ୟାୟ କ୍ରମେ ଅପରେସନ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ୧୧ ଜଣଙ୍କର ପ୍ରାକ ପରୀକ୍ଷଣ ପରେ ଅସ୍ତ୍ରୋପଚାର ଚୂଡ଼ାନ୍ତ ହୋଇଛି। ସରକାରୀ ଯୋଜନା ଅନ୍ତର୍ଗତ ସମ୍ପୂର୍ଣ୍ଣ ନିଃଶୁଳ୍କ ଭାବେ ଏହି ଅସ୍ତ୍ରୋପଚାର ଓ ଅନ୍ୟାନ୍ୟ ଚିକିତ୍ସା ବ୍ୟବସ୍ଥା କରାଯିବ ବୋଲି ସଲିମ ରାଜା କହିଛନ୍ତି। ଏଥିରେ ସହଯୋଗ କରିଥିବା ସାମାଜିକ କର୍ମୀ ମହମ୍ମଦ ୟୁନୁସ ଓ ଜ୍ୟୋତିପ୍ରକାଶ ଦେଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି। ସାଧାରଣ ଲୋକଙ୍କ ପାଇଁ ବିଭିନ୍ନ ସରକାରୀ ଯୋଜନା ରହିଥିବା ବେଳେ ଏହାର ସୁଫଳ ପାଇବା ନିମନ୍ତେ ସଚେତନତା ଅଭିଯାନ ଜାରି ରଖିଥିବା ସେ କହିଛନ୍ତି।

# ଭଦ୍ରକ ଜିଲ୍ଲା ଲୋକନାଟ୍ୟ ମୋଗଲ ତାମସାର କଳାକାର ସଂଘର ନିର୍ବାଚନ

ଭଦ୍ରକ,୦୭/୦୯ (ନି.ପ୍ର): ଭଦ୍ରକ ଜିଲ୍ଲା ଲୋକନାଟ୍ୟ ମଗୋଲ ତାମସାର କଳାକାର କର୍ମକର୍ତ୍ତା ନିର୍ବାଚନ ସଂକେତ ସଭାଗୃହରେ ଗୁରୁ ବାଦଲ ସିକ୍‌ଦାରଙ୍କ ସଭାପତିତ୍ୱରେ ଭଦ୍ରକ ଜିଲ୍ଲାର ୪ଗୋଟି ମୋଗଲ ତାମସା ଦଳକୁ ନେଇ ନିର୍ବାଚନ ହୋଇଯାଇଛି। ଏଥିରେ ୧) ସଂକେତ ଭଦ୍ରକ, ୨) ବଂଶିବଲ୍ଲଭ ସାହିତ୍ୟ ସଂସ୍କୃତି ପରିଷଦ, ଗରଦପୁର, ୩) ବିମଳା ନାଟ୍ୟ ସଂସଦ, ରାନ୍ଦିଆ ୪) ଗିରିଧାରୀ ନାଟ୍ୟ ସଂସଦ, ପୁରୁଣାବଜାର କଳାକାର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ସର୍ବସମ୍ମତି କ୍ରମେ ନୂତନ ସଭାପତି ଭାବେ ଗୁରୁ ବାଦଲ ସିକ୍‌ଦାର, ଉପସଭାପତି ସଂଗୀତ ଗୁରୁ ସୁବାଷ ରାମ, ସଂପାଦକ ନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ବାରିକ, ସହସଂପାଦକ ସଂଗଠକ ବୃନ୍ଦାବନ ସାହୁ, କୋଷାଧକ୍ଷ କଳାକାର ଓ ସଂଗଠକ ପ୍ରଦ୍ୟୋଉନ ସୂଆର ନିର୍ବାଚିତ ହୋଇଛନ୍ତି। ନୂତନ କାର୍ଯ୍ୟକାରୀ ସଭ୍ୟଭାବେ କବି ବିଜୟ ବହଳୀ, ଆଇନଜୀବୀ ସରୋଜ ସିଂ, କଳାକାର ଜଗନ୍ନାଥ ମହାରାଜ, ବିଭୂତି ଭୂଷଣ ସାହୁ, ବରିଷ୍ଠ କଳାକାର ପ୍ରଫୁଲ୍ଲ କୁମାର ଦାସ, ନୃତ୍ୟଗୁରୁ ନାରାୟଣ ସାହୁ, କଳାକାର ଶେଷଦେବ ମହାରାଣା, ନୃତ୍ୟଗୁରୁ ଶୁଭେନ୍ଦୁ କୁମାର ଲେଙ୍କା ଓ ପରାମର୍ଶଦାତା ଭାବେ ବରିଷ୍ଠ ସଂଗଠକ ନରେନ୍ଦ୍ର ପ୍ରସାଦ ପରିଡ଼ା, ରବିନ୍ଦ୍ର କୁମାର ପାତ୍ର, ରବିନାରାୟଣ ସାହୁ ଓ ସୁଧିରୀ କୁମାର ମହାପାତ୍ର ପ୍ରମୁଖ ନୂତନ କାର୍ଯ୍ୟକାରୀ ସଭ୍ୟଭାବେ ମନୋନିତ ହୋଇଛନ୍ତି। ସଭାପତି ବାଦଲ ସିକ୍‌ଦାର ଆଗାମୀ କାର୍ଯ୍ୟକ୍ରମରେ ମୋଗଲ ତାମସାର ରଚୟିତା ସ୍ୱର୍ଗତ ବଂଶିବଲ୍ଲଭ ଗୋସ୍ୱାମୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ପ୍ରସ୍ତାବ ଦେଇଥିଲେ। ସଂପାଦକ ଗୌରାଙ୍ଗ ଚନ୍ଦ୍ର ବାରିକଙ୍କ ମତରେ ବିଭିନ୍ନତାର ଏକତା ହେଉଛି ଆମ ଭଦ୍ରକ ମୋଗଲ ତାମସା, ଏହାକୁ ବଜାୟ ରଖିବାକୁ କଳାକାର ମାନଙ୍କୁ ବାର୍ତ୍ତା ଦେଇଥିଲେ। ଉପସଭାପତି ସଂଗୀତ ଗୁରୁ ସୁବାସ ରାମ ସମସ୍ତ ଦଳର କଳାକାରମାନେ ନିଜନିଜ ଦଳରେ ରହି କାର୍ଯ୍ୟକରିବାକୁ ପରାମର୍ଶ ଦେଇଥିଲେ। ଯେପରି ଭଦ୍ରକ ମୋଗଲ ତାମସା ଜାତୀୟ ସ୍ତରରେ ସୁନାମ ଅର୍ଜନ କରିବା ସହ ପ୍ରଚ୍ଚାର ଓ ପ୍ରସାର ହେଉ। ଉପଦେଷ୍ଟା ବରିଷ୍ଠ ସଂଗଠକ ନରେନ୍ଦ୍ର କୁମାର ପରିଡ଼ା ନିଜ ନିଜ ଭିତରେ ଥିବା ମତଭେଦକୁ ଭୁଲି ମୋଗଲ ତାମସାର ଉତ୍ତୋରୋତ୍ତ ର ଉନ୍ନତି କାମନା କରିବା ପାଇଁ ସୁଉପଦେଶ ଦେଇଥିଲେ। ବରିଷ୍ଠ କଳାକାର ଅମୀୟ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଶେଷରେ ସଭାପତି ସଭା ସାଙ୍ଗ କରିଥିଲେ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟରେ ପ୍ରାକ ସାଧାରଣତନ୍ତ୍ର ପରେଡ ଚୟନ ଶିବିର

ବାରିପଦା,୦୭/୦୯ (ନି.ପ୍ର): ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ର ଜାତୀୟ ସେବା ଯୋଜନା ବ୍ୟୁରୋ ପକ୍ଷରୁ ଏକ ପ୍ରାକ ସାଧାରଣତନ୍ତ୍ର ପ୍ୟାରେଡ଼ ଚୟନ ଶିବିର ଅନୁଷ୍ଠିତ ହେଇଯାଇଛି । ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଚୟନ ଶିବିରରେ ପଞ୍ଚମ ବାଟାଲିୟନର ସୁବେଦାର ରଞ୍ଜିତ କୁମାର ପ୍ରଧାନ, ହାବିଲଦାର ରାମ ବହାଦୁର ଥାପ୍ପା, ଡି.ବି. ଆଲେ ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାସେବୀ ମାନଙ୍କୁ ମନୋୟନ କରିଥିଲେ । ଏଥିରେ ବିଶ୍ୱବିଦ୍ୟାଳୟ ର ଜାତୀୟ ସେବାଯୋଜନା ସଂଯୋଜକ ଡ଼ଃ ଶୁଭେନ୍ଦୁ ଦାସ ଯୋଗଦେଇ ସ୍ୱେଚ୍ଛାସ୍ୱେୀ ମାନଙ୍କୁ ଏହି ଶିବିର ଉପରେ ସମ୍ୟକ ଧାରଣା ପ୍ରଦାନ କରିବା ସହିତ ସ୍ୱେଚ୍ଛାସେବୀ ମାନେ ସବୁବର୍ଷ ଭଳି ଚଳିତ ବର୍ଶ ମଧ କୃତିତ୍ୱ ହାସଲ କରିବେ ସେ ଦଗରେ ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରେରଣା ଦେଇ ଥିଲେ । ଏହି ପରେଡ ପ୍ରତିଯୋଗିତା ରେ ୨୦ ଜଣ କୃତୀ ସ୍ୱେଚ୍ଛାସେବୀ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ପ୍ରାକ ସାଧାରଣତନ୍ତ୍ର ଦିବସ ଚୟନ ପ୍ରକ୍ରିୟା ଉତ୍ସବରେ ଭାଗନେବାର କାର୍ଯ୍ୟକ୍ରମ ରହିଛି । ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ପକ୍ଷରୁ ଆୟୋଜିତ ଏକ ପ୍ରାକ ସାଧାରଣତନ୍ତ୍ର ଦିବସ ପରେଡ ଚୟନ ଶିବିର ରେ କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲା ର ପାଖାପାଖି ୧୦୦ ରୁ ଅଧିକ ସଂଖ୍ୟକ ସ୍ୱେଚ୍ଛାସେବୀ ଭାଗ ନେଇଥିଲେ । ଜାତୀୟ ସେବା ଯୋଜନା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ. ସ୍ମୃତି ରଞ୍ଜନ ଦାସ ଯୋଗ ଦେଇ ପରେଡ଼ ସମସ୍ତ ନିୟମାବଳୀ ଉପରରେ ସ୍ୱେଚ୍ଛାସେବୀ ମାନଙ୍କୁ ଅବଗତ କରିଥିଲେ । ଏମସିଏଏମ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ ନାୟକ, କାର୍ଯ୍ୟକ୍ରମ ଅଧିକାରୀ ହରିଶଙ୍କର ମହାକୁଡ଼, ମୀରା ସେନାପତି, କଳ୍ପଲତା ବେହେରା, ଧରମବୀର ମୋହନ ସିଂ, କମଳିନୀ ପଣ୍ଡା, ମାନସୀ ରାଣୀ ବାରିକ, ଡ଼ଃ ଚନ୍ଦ୍ର ଶେଖର ଜେନା, ଡ଼ଃ ଦେବାଶିଷ ନାୟକ, ହରମୋହନ ମହନ୍ତ ପ୍ରମୁଖ ଏହି ଶିବିରରେ ଉପସ୍ଥିତ ରହି ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ । ତୃପ୍ତି ପାତ୍ର, ରିକା ପଣ୍ଡା, ରାମଚନ୍ଦ୍ର ମୁଖୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସରଡିହା ହାଟଛକରେ ଏଟିଏମ୍ ଲୋକାର୍ପଣ

ଜଳେଶ୍ୱର, ୭/୧୦(ନିପ୍ର): ଆଦିବାସୀ ଅଧ୍ୟୁସୀତ ତଥା ବିଛିନ୍ନାଞ୍ଚଳଭାବେ ପରିଚିତ ରାଇବଣିଆ ଅଂଚଳରେ ଲୋକମାନଙ୍କୁ ବ୍ୟାଙ୍କ ସେବା ଯଥେଷ୍ଟ ନଥିବା ବେଳେ ସାଧାରଣ ଜନତା ଟଙ୍କା ନେଣଦେଣ ଲାଗି ଏଟିଏମ୍ ସେବାରୁ ବଂଚିତ ହୋଇ ଆସୁଛନ୍ତି । ବରଡିଆ, କଳମା ପଂଚାୟବାସୀଙ୍କୁ ଉତ୍ତମ ମାନର ବ୍ୟାଙ୍କ ସେବା ଯୋଗାଇବାଲାଗି ସରଡିଆଛକ ନିକଟରେ ଇଣ୍ଡିକେସ୍ ଏଟିଏମ୍‌କୁ ସମାଜସେବୀ ତଥା କଂଗ୍ରେସ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ଲୋକାର୍ପିତ କରିଥିଲେ। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ହେମନ୍ତ ଗିରି, ରାଜୀବ ପରିଡା, ଶ୍ରୀକାନ୍ତ ସିଂଙ୍କ ସହିତ ରାଜୀବ ମହାନ୍ତି, ପ୍ରଣୟ ଦାସ, ସୁଶାନ୍ତ ନନ୍ଦୀ, ଦୀପକ ଡଗର, ରାଜୀବ ପ୍ରଧାନ, ରବି ସିଂ ପ୍ରମୁଖ ଉପସ୍ଥିତ ଥିବା ବେଳେ ଏଟିଏମ୍‌ର ସତ୍ୱାଧିକାରୀ ରାମେଶ୍ୱର ଜେନା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଜଳେଶ୍ୱର ବିଧାୟକଙ୍କୁ କରୋନା ସଂକ୍ରମଣ : ସୋମରେ ଚିକିତ୍ସିତ



ଜଳେଶ୍ୱର, ୭/୧୦(ନିପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର କରୋନା ସଂକ୍ରମିତ ହୋଇ ସୋମ୍ ହସ୍‌ପିଟାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ଗତ କିଛିଦିନ ଧରି ସେ ଥଣ୍ଡା, କାଶ ଓ କଫ ରୋଗରେ ପିଡିତ ଥିବା ବେଳେ ଜ୍ୱର ଅନୁଭବ କରିଥିଲେ । ଗତ ବୁଧବାର ସେ ବାଲେଶ୍ୱରରେ ଚିକିତ୍ସାଲାଗି ଭର୍ତ୍ତି କରାଯାଇଥିବା ବେଳେ ତାଙ୍କୁ କୋଭିଡ୍ ପରୀକ୍ଷା କରାଯାଇଥିଲା । ସେଥିରେ କରୋନା ପଜିଟିଭ୍ ଜଣାଯିବାରୁ ତାଙ୍କୁ ସୋମ୍ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟପକ୍ଷରେ ତାଙ୍କ ସଂସ୍ପର୍ଷରେ ଆଥିବା ବ୍ୟକ୍ତି ବିଶେଷ ଏଥିନିମନ୍ତେ ସଚେତନା ହେବା ଓ କରୋନା ପରୀକ୍ଷା କରାଇନେବାକୁ ପରାମର୍ଶ ଦେଇଛନ୍ତି । ସୂଚନାଯୋଗ୍ୟ ୨ଟି କରୋନା ଟିକା ସେ ନେଲାପରେ ଏପରି ଘଟଣା ସାଧାରଣରେ ଆଲୋଚନା ହେଉଛି । ଜଳେଶ୍ୱରରେ ଏହି ଖବର ଜଣାଯିବାପରେ ଆସୁ ଆରୋଗ୍ୟଲାଗି ଆଜି ଗୁରୁବାର ତାଙ୍କର ଶୁଭେଚ୍ଛୁ ମାନେ ନୂଆବଜାର ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ଦଳ ପକ୍ଷରୁ ଜଗନ୍ନାଥ ମନ୍ଦିରରେ ଦୀପଦାନ କରାଯାଇଥିବା ଜଣାଯାଇଛି ।

# ଫକୀରମୋହନଙ୍କ ବ୍ୟାକରଣ ଓ ପ୍ରଚଳିତ ବ୍ୟାକରଣର ତୁଳନାତ୍ମକ ଆଲୋଚନା




ବାଲେଶ୍ୱର,୦୭/୦୯ (ନି.ପ୍ର): ଫକୀରମୋହନ ସେନାପତି ମାତ୍ର ୨୩ ବର୍ଷ ବୟସରେ ଅଳ୍ପ ବୟସ୍କ ସୁକୁମାରମତି ବାଳକ ବାଳିକାମାନଙ୍କ ଉଦ୍ଦେଶ୍ୟରେ 'ଉତ୍କଳ ସରଳ ବ୍ୟାକରଣ' ନାମରେ ବ୍ୟାକରଣ ଗ୍ରନ୍ଥଟିଏ ରଚନା କରିଥିଲେ। ସେହି ଗ୍ରନ୍ଥଟି ଦୁଷ୍ପ୍ରାପ୍ୟ ଥିବା ଯୋଗୁଁ ବରିଷ୍ଠ ସାହିତ୍ୟିକ ଡ.ରାଧାରଞ୍ଜନ ପଟ୍ଟନାୟକ ସେହି ବ୍ୟାକରଣକୁ ସମ୍ପାଦନା କରି ଗ୍ରନ୍ଥଟିଏ ପ୍ରକାଶ କରିଛନ୍ତି । ଫକୀରମୋହନଙ୍କର ସମ୍ପାଦିତ ଗ୍ରନ୍ଥ ସହିତ ସମ୍ପ୍ରତି ଓଡ଼ିଶାରେ ପ୍ରଚଳିତ ବ୍ୟାକରଣର ଏକ ତୁଳନାତ୍ମକ ଆଲୋଚନା ସଭା ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ କାର୍ଯ୍ୟାଳୟଗୃହରେ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କର ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଡ.ରାଧାରଞ୍ଜନ ପଟ୍ଟନାୟକ ତାଙ୍କର ବକ୍ତବ୍ୟରେ ଫକୀରମୋହନଙ୍କ ବ୍ୟାକରଣ ସୃଷ୍ଟି ପୂର୍ବର ଇତିହାସ ଆଲୋଚନା କରି ଗ୍ରନ୍ଥରେ ଥିବା ୨୨ଗୋଟି ଅଧ୍ୟାୟର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଗବେଷକ ଡ.ଭାଗବତ ପ୍ରସାଦ ଦାସ, ବ୍ୟାକରଣବିତ୍ ନିରଞ୍ଜନ ସାହୁ, ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ.ଶିରୀଶ ଚନ୍ଦ୍ର ଜେନା ଓ ସୁଲେଖିକା ଅରୁଣା ରାୟ ବ୍ୟାକରଣରେଥିବା ବର୍ଣ୍ଣ ନିର୍ଣ୍ଣୟଠାରୁ ଆରମ୍ଭ କରି ସନ୍ଧି, ଶତ୍ୱ-ଷତ୍ୱ ବିଧାନ,ଶବ୍ଦ, ପଦ, ବିଶେଷ୍ୟ, ବିଶେଷଣ, ଲିଙ୍ଗ, ବଚନ,ପୁରୁଷ, ଚିହ୍ନ ପ୍ରକରଣ, କାରକ, ସମ୍ବୋଧନ, ସମ୍ବନ୍ଧ, ସର୍ବନାମ, ଅବ୍ୟୟ, ତଦ୍ଧିତ, କ୍ରିୟା, କାଳ, କୃଦନ୍ତ, ସମାସ ଆଦି ସମ୍ପର୍କରେ ବିଶଦ ଆଲୋଚନା କରିବା ସଙ୍ଗେ ସଙ୍ଗେ ଶ୍ରୋତାମାନଙ୍କର ଜିଜ୍ଞାସାର ମଧ୍ୟ ପରିପୂର୍ତ୍ତି କରାଇଥିଲେ। ବିଶେଷଭାବରେ ସନ୍ଧିକୁ ସ୍ୱର ଓ ବ୍ୟଞ୍ଜନ ଭେଦରେ ଦୁଇପ୍ରକାର କହିବାର ଯଥାର୍ଥତା ସମ୍ପର୍କରେ ବକ୍ତାମାନେ ଆଲୋଚନା କରିଥିଲେ। ଦୀପକ ବୋଷ ଅତିଥିମାନଙ୍କୁ ମଞ୍ଚାବାହନ କରିଥିବାବେଳେ ନିବାରଣ ଜେନା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କମଧ୍ୟରେ ପ୍ରଦୀପ ଚାଟ୍ଟାର୍ଜୀ, ଶରତ କୁମାର ମହାପାତ୍ର, ଦୀନବନ୍ଧୁ ଲେଙ୍କା, କଲ୍ୟାଣୀ ନନ୍ଦ,ଅଞ୍ଜଳି ପଣ୍ଡା, ରମେଶ ଚନ୍ଦ୍ର ମହାରଣା, ମମତା ଦାସ,ବିଦ୍ୟାଧର ସାହୁ, ସୁଚିତ୍ରା ସାହୁ,ଅର୍ଚ୍ଚନା ନନ୍ଦୀ,ବାସନ୍ତୀ ଦେ, ଜ୍ୟୋତ୍ସା ରାୟ, ବାସନ୍ତୀ କର, ଜୁମରନାଥ ପାତ୍ର,ପଣ୍ଡିତ ସଞ୍ଜୟ କୁମାର ପଣ୍ଡା,ସୁନାମଣି ଜେନା, ତପନ କୁମାର ବିଶ୍ୱାଳ, ସଂଯୁକ୍ତା ବିଶ୍ୱାଳ, ଶାନ୍ତିଲତା ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯୁଗ୍ମ ସମ୍ପାଦିକା ସୁବ୍ରତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# କରୋନାରୁ ସୁସ୍ଥ ହେଲେ ୫୨୨ ଆକ୍ରାନ୍ତ

ଭୁବନେଶ୍ୱର,୦୭/୦୯ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣରୁ ୫୨୨ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୧୭ ହଜାର ୧୧୬ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୧୮ ଜଣ ଓ କଟକ ଜିଲ୍ଲାରୁ ୫୪ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ଭଦ୍ରକରୁ ୪୩, ମୟୂରଭଂଜରୁ ୨୬, ଯାଜପୁରରୁ ୨୦, ଜଗତସିଂହପୁରରୁ ୧୯, ବାଲେଶ୍ୱରରୁ ୧୬, ପୁରୀ, ସମ୍ବଲପୁରରୁ ୧୩-୧୩, ସୁନ୍ଦରଗଡ଼ରୁ ୯ ଓ କେନ୍ଦ୍ରାପଡ଼ାରୁ ୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ଅନୁଗୁଳ ଜିଲ୍ଲାରୁ ୫, ଗଂଜାମ, ଝାରସୁଗୁଡ଼ା, କେନ୍ଦୁଝରରେ ୪ ଜଣ ଲେଖାଏଁ, ଢେଙ୍କାନାଳ, କୋରାପୁଟ, ମାଲକାନଗିରି, ନୟାଗଡ଼, ରାୟଗଡ଼ା, ସୁବର୍ଣ୍ଣପୁରରୁ ୨ ଜଣ ଲେଖାଏଁ କରୋନାରୁ ସୁସ୍ଥ ହୋଇଛନ୍ତି।

# ଅସହାୟ ଶବ ସତ୍କାର କଲେ ନଛି



ବାରିପଦା,୦୭/୦୯ (ନି.ପ୍ର): ଆଜି ସକାଳେ ବରିପଦା ବାରିପଦା ଅମ୍ବିକା ମନ୍ଦିର ନିକଟରେ ଥିବା ଯାତ୍ରୀ ବିଶ୍ରାମଗାର ଠାରେ ଜଣେ ଅସହାୟ ବ୍ୟକ୍ତିଙ୍କର ଶବ ପଡିଥିବାର ଦେଖି ସାହିର କିଛି ମୂରବି ଏବଂ ଯୁବକ ବାରିପଦା ପୌର ପରିଷଦର ପୂର୍ବତନ ଉପନଗରପାଳ ତଥା ସବୁଜ ସୁନ୍ଦର ବାରିପଦାର ଆବାହକ ଜିତେନ୍ଦ୍ର ମହାନ୍ତି (ନଛି) ଙ୍କୁ ଖବର ଦେଇଥିଲେ । ନଛି ଘଟଣା ସ୍ଥଳରେ ପହଂଚି ପୋଲିସକୁ ସୂଚନା ଦେବା ସହିତ ଏହି ବ୍ୟକ୍ତି ଜଣକ ଅସହାୟ ଥିବାରୁ ସ୍ଥାନୀୟ ଅଂଚଳରେ ମାଗି ଯାଚି ଚଲୁଥିବା ଜଣା ଯାଇଥିଲା । ତେବେ ସ୍ଥାନୀୟ ପୋଲିସ ସହ ଯୋଗାଯୋଗ କରି ନଛି ଏବଂ ତାଙ୍କର ସ୍ୱେଚ୍ଛାସେବୀ ସାଥିଗଣ ବାରିପଦା ଶ୍ମଶାନରେ ସେହି ଅସହାୟ ବ୍ୟକ୍ତିଙ୍କର ଶବ ସତ୍କାର କରିବାର ବ୍ୟବସ୍ଥା କରିଥିଲେ । ତେବେ ନଛି ପ୍ରତିଦିନ ସହରର ଓଳିଆ ସଫେଇ କାମ ତଦାରଖ ସହ ଗରୀବ ଲୋକଙ୍କୁ ସହଯୋଗ କରିବା, ବାରିପଦାକୁ ପଲିଥିନ ମୁକ୍ତ କରିବା ଏବଂ ସବୁଜ ସୁନ୍ଦର ବାରିପଦା ଗଠନର ଲକ୍ଷ୍ୟ ନେଇ ଦୀର୍ଘଦିନ ଧରି କାମ କରି ଆସୁଥିବାର ଜଣା ଯାଇଛି । ତାଙ୍କର ଏଭଳି ସେବା ମୂଳକ କାର୍ଯ୍ୟକୁ ସ୍ଥାନୀୟ ବୁଦ୍ଧିଜିବୀ ମହଲରେ ପ୍ରଶଂସା କରାଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo